R.N.I. REGN. No. 65000/96 POSTAL REGN. No. OR/BN-32/12-14
ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୪
ତିଥି : ପଞ୍ଚମୀ
୦୬ ଫେବୃଆରୀ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 124
06 February 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



**ଆମ ଶରୀର ପାଇଁ ଭିଟାମିନ୍ ସି ଏକ ଅତ୍ୟନ୍ତ ଜରୁରୀ ପୋଷକ ତତ୍ତ୍ୱ । ଏହା ଜଳରେ ଦ୍ରବୀଭୂତ ହେଉଥିବା ଏକ ଭିଟାମିନ୍, ଯାହା ଶରୀର ନିଜେ ତିଆରି କରିପାରେ ନାହିଁ, ତେଣୁ ଆମକୁ ଖାଦ୍ୟ ମାଧ୍ୟମରେ ଏହାକୁ ଗ୍ରହଣ କରିବାକୁ ପଡ଼ିଥାଏ । ଏହାର ଆମ ଶରୀରରେ ଅନେକ କାମ ରହିଛି, ଏହା ଆମକୁ ବିଭିନ୍ନ ଉପାୟରେ ସାହାଯ୍ୟ କରିଥାଏ । ଆସନ୍ତୁ ସେହିଭଳି କିଛି ସାହାଯ୍ୟ ସମ୍ପର୍କରେ ଅଳ୍ପରେ ଜାଣିବା ।**




**ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି**
ଭିଟାମିନ୍ ସି ଶରୀରର ପ୍ରତିରକ୍ଷା ପ୍ରଣାଳୀ ବା ଇମ୍ୟୁନିଟିକୁ ବଢାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଏହା ଶ୍ୱେତରକ୍ତ କଣିକା ତିଆରି କରିବାରେ ସାହାଯ୍ୟ କରେ, ଯାହା ଶରୀରକୁ ବିଭିନ୍ନ ସଂକ୍ରମଣ ଏବଂ ରୋଗ ଜୀବାଣୁ ସହ ଲଢ଼ିବା ପାଇଁ ଶକ୍ତି ପ୍ରଦାନ କରିଥାଏ ।

**ଆଣ୍ଟି-ଅକ୍ସିଡାଣ୍ଟ ଗୁଣ**
ଏହା ଆମ ଶରୀରରେ ଏକ ଶକ୍ତିଶାଳୀ ଆଣ୍ଟି-ଅକ୍ସିଡାଣ୍ଟ ଭାବରେ କାମ କରେ । ଏହା ଶରୀରର କୋଷଗୁଡ଼ିକୁ 'ଫ୍ରି-ରାଡିକାଲ୍ସ' ନାମକ କ୍ଷତିକାରକ ଅଣୁ କବଳରୁ ରକ୍ଷା କରେ । ଏହା ଦ୍ୱାରା ଶରୀରରେ ଅକ୍ସିଡେଟିଭ୍ ଷ୍ଟ୍ରେସ୍ କମିଥାଏ ଏବଂ ବିଭିନ୍ନ ଗୁରୁତର ରୋଗର ଆଶଙ୍କା ହ୍ରାସ ପାଏ ।

**ହୃତପିଣ୍ଡକୁ ସୁରକ୍ଷା ଦିଏ**
ଭିଟାମିନ୍ ସି ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ଶରୀରରେ ଖରାପ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏହା ରକ୍ତନଳୀଗୁଡ଼ିକୁ ନମନୀୟ ରଖେ, ଯାହା ଦ୍ୱାରା ହୃଦଘାତ ଏବଂ ଷ୍ଟ୍ରୋକ୍ ଭଳି ସମସ୍ୟା ହେବାର ସମ୍ଭାବନା କମିଯାଏ ।

**ଚର୍ମ ଏବଂ କେଶ ପାଇଁ ଲାଭଦାୟକ**
ଏହା ଶରୀରରେ 'କୋଲାଜେନ୍' ନାମକ ପ୍ରୋଟିନ୍ ତିଆରି କରିଥାଏ । କୋଲାଜେନ୍ ଚର୍ମକୁ ଟାଣ ରଖେ, କୁଞ୍ଚନ ଦୂର କରେ ଏବଂ ଚର୍ମକୁ ଉଜ୍ଜ୍ୱଳ କରେ । ଏଥିସହ ଏହା କେଶ ଝଡ଼ିବା ରୋକିବାରେ ଏବଂ କ୍ଷତ ଶୀଘ୍ର ଶୁଖାଇବାରେ ସାହାଯ୍ୟ କରେ ।

**ମାନସିକ ସ୍ୱାସ୍ଥ୍ୟ ଭଲ ରଖେ**
ଭିଟାମିନ୍ ସି ମସ୍ତିଷ୍କର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଭଲ । ବୟସ ବଢ଼ିବା ସହିତ ସ୍ମୃତିଶକ୍ତି ହ୍ରାସ ପାଇବା ବା ଆଲଜାଇମର ଭଳି ସମସ୍ୟାରୁ ରକ୍ଷା ପାଇବା ପାଇଁ ଏହା ଅତ୍ୟନ୍ତ ଜରୁରୀ । ଏହା ମାନସିକ ଚାପ ଓ ଥକ୍କାପଣ ଦୂର କରିବାରେ ମଧ୍ୟ ସାହାଯ୍ୟ କରେ ।



## ସୋସିଆଲ କୋଟ୍ସ



୨୦ ବର୍ଷ ପୂର୍ବରୁ ଆମ ବୟସ କମ ଥିଲା । ସେତେବେଳେ ବୁଦ୍ଧି କମ ଥିଲା, ତେଣୁ ଭୁଲ ହୋଇଥିଲା । ଏତେ ବର୍ଷ ପରେ ମଲ୍ଲିକାଙ୍କୁ ଦେଖି ଖୁବ ଖୁସି ଲାଗିଲା ।
**ଇମ୍ରାନ ହାସମି, ଅଭିନେତା**



ମୋ ଫ୍ୟାନ ଓ ପ୍ରଯୋଜକଙ୍କୁ ଧନ୍ୟବାଦ । ସେମାନଙ୍କ ଭଲ ପାଇବା କାରଣରୁ ମୁଁ ମୁମ୍ବାଇକୁ ଫେରିପାରିଥିଲି । ଦିଲ୍ଲୀ ପୋଲିସ ମଧ୍ୟ ଏଥିପାଇଁ ଖୁବ ସହାୟତା କରିଥିଲେ । ସେଥିପାଇଁ ସମସ୍ତଙ୍କ ନିକଟରେ ମୁଁ ସବୁବେଳେ କୃତଜ୍ଞ ।
**ଗୁରୁଚରଣ ସିଂ, ଅଭିନେତା**



ସଲମାନ ସେଟ୍‌ରେ ଖୁବ ମଜା କରନ୍ତି । ସେ ମଜାରେ କରିଥିବା କିଛି ଘଟଣା ଫିଲ୍ମର ସିନ୍‌ରେ ମଧ୍ୟ ପରିଣତ ହୋଇଛି । ସେ ଜଣେ ଖୁବ ଭଲ ଅଭିନେତା ।
**ହିମାନୀ ସିବ୍‌ପୁରୀ, ଅଭିନେତ୍ରୀ**

## ବାୟୋମେଟ୍ରିକ ରୋବଟ

ରୋବୋଟିକ କ୍ଷେତ୍ରରେ ଚୀନର ସଫଳତା ଖୁବ ଅଧିକ । ପ୍ରତିଦିନ ଏଠାରେ ଏଭଳି କିଛି ଉଭାବନ ସାମନାକୁ ଆସିଥାଏ ଯାହା ସାରା ବିଶ୍ୱକୁ ଚକିତ କରିଥାଏ । ନିକଟରେ ଚୀନ ତାର ଏକ ହ୍ୟୁମାନଏଡ ରୋବଟକୁ ଲୋକଙ୍କ ସାମନାକୁ ଆସିଛି ଯାହା ହେଉଛି ବାୟୋମେଟ୍ରିକ ରୋବଟ । ଏହାର ନାଁ ମୋୟା ରଖାଯାଇଥିବାବେଳେ ଏହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହାକୁ ଏଆଇ ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଇଛି, ଯାହା ବାସ୍ତବ ଦୁନିଆରେ ଖୁବ ଭଲ କାମ କରିବ । ଏହାର ବ୍ୟବହାର ଅବିକଳ ମଣିଷଭଳି ରହିଛି । ରୋବଟଟି ଖୁବ ସହଜରେ ହସୁଛି, ମୁଣ୍ଡ ହଲାଉଛି, ଅନ୍ୟଲୋକଙ୍କ ସହିତ ଆଖି ମିଳାଉଛି ଏବଂ ଠିକ ଏକ ମଣିଷଭଳି ଚାଲୁଛି । ପ୍ରସ୍ତୁତକାରୀ କମ୍ପାନୀର ମତ ଅନୁସାରେ ଏହା ଅବିକଳ ମଣିଷଭଳି କାର୍ଯ୍ୟ କରିବ, ଯାହା ସମସ୍ତଙ୍କୁ ଖୁବ ସହାୟକ ହେବ । ଏହି ରୋବଟର ୧.୬୫ ମିଟର ଉଚ୍ଚତା ଏବଂ ଓଜନ ପ୍ରାୟ ୩୨ କିଲୋଗ୍ରାମ ରହିଛି । ଏହାକୁ ଜଣେ ବୟସ୍କ ମଣିଷର ଶାରୀରିକ ଅନୁପାତ ଅନୁଯାୟୀ ପ୍ରସ୍ତୁତ କରାଯାଇଛି । ଏହି ରୋବଟ୍ ନିଜ ଶରୀରର ତାପମାତ୍ରାକୁ ୩୨ ରୁ ୩୬ ଡିଗ୍ରୀ ସେଲସିୟସ୍ ମଧ୍ୟରେ ବଜାୟ ରଖିବାରେ ସକ୍ଷମ । କମ୍ପାନୀର ରିପୋର୍ଟ ଅନୁସାରେ, ମୋୟାର ଚାଲିବା ଶୈଳୀରେ ୯୨ ପ୍ରତିଶତ ସଠିକତା ରହିଛି, ଯାହା ଏହାର ସ୍ଥିର ଏବଂ ପ୍ରାକୃତିକ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରେ ।





## ଥଣ୍ଡା ଦୂରଉଛି ମାନସିକ କ୍ଲାନ୍ତି

ସାଧାରଣତଃ ଥଣ୍ଡା କାଟିବାକୁ ଲୋକମାନେ ଗରମର ସାହାଯ୍ୟ ନେଇଥାଆନ୍ତି । ହେଲେ ରୁସରେ ବର୍ତ୍ତମାନ ଏକ ଅଜବ ଘଟଣା ସାମନାକୁ ଆସିଛି । ଏଠାରେ ଲୋକମାନେ ଅତ୍ୟଧୀକ ଥଣ୍ଡାରେ ବି ଥଣ୍ଡା ପାଣିରେ ଭାସୁଛନ୍ତି । ଏହି ଟ୍ରେଣ୍ଡର ନାଁ ରହିଛି ଆଇସ ଫ୍ଲୋଟିଂ । ଏହି ଖେଳରେ ଲୋକମାନେ ମାଇନସ ଡିଗ୍ରୀ ତାପମାତ୍ରାରେ ବି ବରଫର ପାଣିରେ ପିଠି ପଟେ ଭାସୁଥିବାର ଦେଖିବାକୁ ମିଳୁଛି । ଏପରିକି ଏହି ସମୟରେ ସେମାନଙ୍କ ଚାରିକଡରେ ବରଫର ଛୋଟଛୋଟ ଖଣ୍ଡ ଭାସୁଥିବାର ମଧ୍ୟ ଦେଖିବାକୁ ମିଳୁଛି । ଏହି ସମୟରେ ଲୋକମାନେ ଏକ ଥର୍ମାଲ ସୁଟ ପିନ୍ଧୁଛନ୍ତି ଯାହା ସେମାନଙ୍କୁ ଗରମରୁ ରକ୍ଷା କରିବାରେ ସାହାଯ୍ୟ କରୁଛି । ଏହି ସୁଟ ଶରୀରକୁ ଗରମ କରିବା ସହିତ ସେମାନଙ୍କୁ ପାଣିରେ ଭାସିବାରେ ମଧ୍ୟ ସାହାଯ୍ୟ କରୁଛି । ଏହି ଆକ୍ଟିଭିଟି ସାହାଯ୍ୟରେ ସେମାନେ ମାନସିକ ଚିନ୍ତାରୁ ମୁକ୍ତି ପାଉଛନ୍ତି । ସୋସିଆଲ ମିଡିଆରେ ଏହି ଟ୍ରେଣ୍ଡ ବର୍ତ୍ତମାନ ଖୁବ ଭାଇରାଲ ହେଉଛି । ରୁସର ବିଭିନ୍ନ ସହରରେ ଏହା ଖେଳାଯାଉଥିବା ଦେଖିବାକ ମିଳୁଛି ।

## ପିସିଙ୍କ କମ୍‌ବ୍ୟାକ



ପ୍ରିୟଙ୍କା ଚୋପ୍ରା ପ୍ରାୟ ଛଅ ବର୍ଷ ପରେ ଭାରତୀୟ ସିନେମାକୁ ଫେରୁଛନ୍ତି ଏବଂ ସେ ଏସ୍.ଏସ୍. ରାଜାମୌଳିଙ୍କ ଆଗାମୀ ଚଳଚ୍ଚିତ୍ର 'ବାରାଣସୀ'ରେ ମହେଶ ବାବୁଙ୍କ ସହ ନଜର ଆସିବେ, ଯାହା ୨୦୨୭ ମସିହାରେ ମୁକ୍ତିଲାଭ କରିବାର ସମ୍ଭାବନା ଅଛି । ତେବେ ଏକ ସାକ୍ଷାତକାରରେ ପ୍ରିୟଙ୍କା 'ଡନ୍ ୩' ଏବଂ 'କ୍ରିସ ୪'ରେ ଅଭିନୟ କରିବା ସମ୍ପର୍କରେ କଥା ହୋଇଛନ୍ତି । ସେ ଏହି ସବୁ ଆଇକନିକ ଚରିତ୍ରରେ ପୁଣିଥରେ ଅଭିନୟ କରିବାକୁ ପ୍ରସ୍ତୁତ କିନ୍ତୁ ଏଥିପାଇଁ କାହାଣୀ ଦମଦାର ହେବା ଜରୁରୀ ବୋଲି ପିସି ମତ ଦେଇଛନ୍ତି । ତେବେ ଏହି ସାକ୍ଷାତକାରରେ ଏଭଳି କିଛି ହିଣ୍ଟ ମିଳିଛି କି ଏହି ସବୁ ସିକ୍ୱେଲ ଖୁବଶୀଘ୍ର ନିର୍ମାଣ ହେବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି । ଖୁବଶୀଘ୍ର ଏଗୁଡିକରେ ପ୍ରିୟଙ୍କାଙ୍କୁ ଦେଖିବାକୁ ମିଳିବ ବୋଲି ତାଙ୍କ ଫ୍ୟାନମାନେ ଆଲୋଚନା କରିବା ଆରମ୍ଭ କରିଛନ୍ତି । ଜଣେ ବିଶ୍ୱସ୍ତରୀୟ ତାରକା ଭାବରେ ପ୍ରିୟଙ୍କାଙ୍କ କ୍ୟାରିୟର ଅତ୍ୟନ୍ତ ପ୍ରେରଣାଦାୟକ, ଯିଏ କି ୨୦୦୦ ମସିହାରେ 'ମିସ୍ ୱାର୍ଲ୍ଡ' ମୁକୁଟ ଜିତିବା ପରେ ବଲିଉଡରେ 'ଅନ୍ଦାଜ୍', 'ଏତରାଜ୍', 'ଫ୍ୟାଶନ' ଏବଂ 'ବର୍ଫି' ଭଳି ଚଳଚ୍ଚିତ୍ର ମାଧ୍ୟମରେ ନିଜର ଅଭିନୟର ଯାଦୁ ଦେଖାଇବା ସହ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ହାସଲ କରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ହଲିଉଡରେ 'କ୍ୱାଣ୍ଟିକୋ', 'ବେୱାଚ୍' ଓ 'ସିଟାଡେଲ୍' ଭଳି ବଡ଼ ପ୍ରୋଜେକ୍ଟ ଜରିଆରେ ନିଜକୁ ଏକ ଆନ୍ତର୍ଜାତୀୟ ବ୍ରାଣ୍ଡ ଭାବରେ ପ୍ରତିଷ୍ଠିତ କରିଛନ୍ତି ।

## ଝିଟିପିଟି ବର୍ଷା



ନିକଟରେ ଆମେରିକାର ଫ୍ଲୋରିଡା ସହରରେ ଝିଟିପିଟି ବର୍ଷା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ନିକଟରେ ଏଠାରେ ପାଗରେ ଅଚାନକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଖୁବ ଅଧିକ ଥଣ୍ଡା ପଡିଥିବାରୁ ଏହି ଝିଟିପିଟି ଗୁଡିକ ଗଛରୁ ପଡୁଥିବା ଜଣା ପଡିଛି । ଫ୍ଲୋରିଡାରେ ଇଗୁଆନା ନାମକ ଏକ ଝିଟିପିଟି ମିଳିଥାନ୍ତି, ଯେଉଁମାନଙ୍କର ରକ୍ତ ଥଣ୍ଡା ହୋଇଥାଏ । ତେବେ ଯେତେବେଳେ ପରିବେଶର ତାପମାତ୍ରା କମିଯାଏ ଏମାନେ ବରଫ ପାଲଟିଯାଇଥାଆନ୍ତି, ଯେଉଁ କାରଣରୁ ଏମାନେ ଥଣ୍ଡାରେ ଜମି ଯାଇଥାଆନ୍ତି । ଏପରିକି ସେମାନେ ହଲି ମଧ୍ୟ ପାରନ୍ତି ନାହିଁ । ତେଣୁ ଗଛରେ ସେମାନେ ରହି ନପାରିବାରୁ ତଳକୁ ଖସି ପଡନ୍ତି, ଯାହାକୁ ଝିଟିପିଟି ବର୍ଷାର ନାମ ଦିଆଯାଇଛି । ତେବେ ଏହି ପ୍ରଜାତି ଆମେରିକାରେ ବାହାର ସ୍ଥାନରୁ ଅଣାଯାଇଥାଏ ତେଣୁ ଏଗୁଡ଼ିକ ଖୁବ ବିରଳ ହୋଇଥାଆନ୍ତି ।

## ଇତିହାସ

୧୬୧୫- ପର୍ତ୍ତୁଗାଲ ଓ ସ୍ପେନ୍ ମଧ୍ୟରେ ଯୁଦ୍ଧ ଶେଷ ହେଲା ।
୧୭୮୮- ୬ଷ୍ଠ ରାଜ୍ୟ ରୂପେ ମାସାଚୁସେଟ୍ସ ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନକୁ ମାନ୍ୟତା ଦେଲା ।
୧୮୧୯- ସାର୍ ଥୋମାସ ଷ୍ଟାମଫର୍ଡ ରାଫେଲ୍ସ ସିଙ୍ଗାପୁରର ଆବିଷ୍କାର କଲେ ।
୧୮୯୦- ଭାରତରତ୍ନ ସମ୍ମାନିତ ମହାନ୍ ସ୍ୱତନ୍ତ୍ର ସେନାନି ଖାନ୍ ଅବଦୁଲ ଗଫୁର ଖାନ୍‌ଙ୍କ ଜନ୍ମ ।
୧୯୧୨- ଆମେରିକାର ଏରିଜୋନାରେ ପ୍ରଥମ ବୃଦ୍ଧାଶ୍ରମ ଖୋଲାଗଲା ।
୧୯୧୮- ବ୍ରିଟେନ୍‌ରେ ୩୦ରୁ ଊର୍ଦ୍ଧ୍ୱ ବର୍ଷର ମହିଳାଙ୍କୁ ମତଦାନ ପାଇଁ ଅଧିକାର ଦିଆଗଲା ।
୧୯୩୧- ସ୍ୱତନ୍ତ୍ର ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁଙ୍କ ବାପା ତଥା ନେତା ମୋତିଲାଲ ନେହରୁଙ୍କ ଦେହାନ୍ତ ।
୧୯୫୯- ହାଇକୋର୍ଟର ପ୍ରଥମ ମହିଳା ନ୍ୟାୟାଧିଶ ରୂପେ ଆନ୍ନା ଚେଣ୍ଡି କେରଳ ହାଇକୋର୍ଟରେ ନିଯୁକ୍ତ କରାଗଲା ।
୧୯୯୯- କୋଲକାତାରେ ଦେଶର ପ୍ରଥମ ପେସ୍ ମେକର ବ୍ୟାଙ୍କ ସ୍ଥାପନ କରାଗଲା ।
୨୦୦୮- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆଇସଲାଣ୍ଡର ରାଷ୍ଟ୍ରପତି ରେଗ୍ନା ଗ୍ରିମସନ୍‌ଙ୍କ ସହିତ ସାକ୍ଷାତ କଲେ ।



## ହାଃହାଃ

ରୋଗୀ: ଡାକ୍ତରବାବୁ, ମୋର କିଛି ମନେ ରହୁନି, ମୁଁ ସବୁ ଭୁଲି ଯାଉଛି ।
ଡାକ୍ତର: ଏମିତି କେବେଠୁ ହେଲାଣି ?
ରୋଗୀ: କ'ଣ କେବେଠୁ ହେଲାଣି ଆଜ୍ଞା? ମୁଁ ତ କିଛି ମନେ ପକେଇ ପାରୁନି ! ଆଉ କହିବି କ'ଣ ।



**ମେଷ-** ଦୂରଯାତ୍ରା ସଫଳ, ଅର୍ଥଲାଭ, ଶତ୍ରୁ ପରାଜିତ, ଆଶା ସଫଳ, ଲୋକସମ୍ପର୍କ ବୃଦ୍ଧି, ସମ୍ପତ୍ତି ଲାଭ, ଶରୀର ସୁସ୍ଥ, ଅଶ୍ୱିନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।
**ବୃଷ-** ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭକାର୍ଯ୍ୟ, କର୍ମେ ଅଶାନ୍ତି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ ।
**ମିଥୁନ-** ମାନସିକ ଅଶାନ୍ତି, ଅର୍ଥ ସମସ୍ୟା, ବହୁ ପରିଶ୍ରମ, ସମ୍ପର୍କରେ ଉନ୍ନତି, ଯାନବାହନେ ସତର୍କ, ଶରୀର ଅସୁସ୍ଥ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ମା ମହାଲକ୍ଷ୍ମୀ ।
**କର୍କଟ-** ଆର୍ଥିକ ଖୁସି, ସୁସମ୍ପର୍କ, ମାନସିକ ଶାନ୍ତି, ବିଦେଶ ଭ୍ରମଣ, ନୂତନ ବନ୍ଧୁଲାଭ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ, ବିଦ୍ୟାଲାଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କପି, ସଂଖ୍ୟା-୧୦, ଆରାଧନା- ଗୋସେବା କରନ୍ତୁ ।
**ସିଂହ-** ଶତ୍ରୁସମସ୍ୟା, କର୍ମକ୍ଷେତ୍ରେ ଅଶାନ୍ତି, ଅଯଥା ଖର୍ଚ୍ଚ, ଶରୀର ସୁସ୍ଥ, ନୂତନ କର୍ମଲାଭ, ସମ୍ପତ୍ତି କଷ୍ଟ, ବନ୍ଧୁଲାଭ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୧, ଆରାଧନା- ବିଷ୍ଣୁ ଭଗବାନ ।
**କନ୍ୟା-** ସମ୍ମାନ ପ୍ରାପ୍ତି, ଅର୍ଥଲାଭ, ସମ୍ପତ୍ତି ଲାଭ, ଶୁଭକାର୍ଯ୍ୟ, ସ୍ୱଜନ ବିବାଦ, ଯାନବାହନେ ସତର୍କ, ଖୁସି ମିଳିବ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୧୨, ଆରାଧନା- ଗୁରୁଜନଙ୍କ ସେବା କରନ୍ତୁ ।
**ତୁଳା-** ଶତ୍ରୁ ସମସ୍ୟା, ବ୍ୟବସାୟରେ ଲାଭ, ଆଶା ସଫଳ, ସମ୍ମାନବୋଧ, ଶୁଭକାର୍ଯ୍ୟ, ଯାନବାହନେ ସତର୍କ, ସୁମିଷ୍ଟ ଭୋଜନ, ଭ୍ରାତୃ କଳହ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ଆଶୁତୋଷ ।
**ବିଛା-** ବନ୍ଧୁ ସହଯୋଗ, ବ୍ୟବସାୟରେ ଲାଭ, ଅର୍ଥଲାଭ, ଦୂରଯାତ୍ରାରେ ସଫଳ, ସମ୍ମାନିତ ହେବେ, ଗୃହେ ସମସ୍ୟା ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।
**ଧନୁ-** ପଦୋନ୍ନତି, ଅର୍ଥଖର୍ଚ୍ଚ, ମାନସିକ ଚାପ, ବନ୍ଧୁଲାଭ, ଭ୍ରାତୃ କଳହ, ହଠାତ୍ ଦୂରଯାତ୍ରା ଶତ୍ରୁ ସମସ୍ୟା, ଉତ୍ସବ ପ୍ରତି ଆଗ୍ରହ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ମା ଭଗବତୀ ।
**ମକର-** ଭ୍ରାତୃ କଳହ, ଅର୍ଥ ସମସ୍ୟା, କଚେରୀ ମାମଲା, ତୀର୍ଥାଟନ, ଶତ୍ରୁ ସମସ୍ୟା ବ୍ୟବସାୟ ଆରମ୍ଭ, ସୁସମ୍ପର୍କ, ଦେବକାର୍ଯ୍ୟ, ଉତ୍ସବ ପ୍ରତି ଆଗ୍ରହ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା- ମା ଦକ୍ଷିଣକାଳୀ ।
**କୁମ୍ଭ-** ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ସୁସମ୍ପର୍କ, ଦେବକାର୍ଯ୍ୟ ଉତ୍ସବ ପ୍ରତି ଆଗ୍ରହ, ଶତ୍ରୁକଷ୍ଟ, ମାନସିକ ଅଶାନ୍ତି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା- ମା ମଙ୍ଗଳା ।
**ମୀନ-** ଶୁଭଖବର, ସମସ୍ୟା ସମାଧାନ, ଅର୍ଥଲାଭ, ନୂତନ ବ୍ୟବସାୟ ଆରମ୍ଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଆଶା ସଫଳ, ଗୃହେ ଉତ୍ସବ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ମା ବିମଳା ।

**ଫାଲ୍‌ଗୁନ କୃଷ୍ଣପକ୍ଷ, ପଞ୍ଚମୀ**
**୬.୨.୨୦୨୬ ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୬୨୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୪
ତିଥି: ପଞ୍ଚମୀ
୦୬ ଫେବୃଆରୀ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 124
06 February 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ରାଜ୍ୟସଭାରେ ବିରୋଧୀଙ୍କ ଉପରେ ବର୍ଷିଲେ ମୋଦୀ



- ଶିଖ୍ ସମ୍ପ୍ରଦାୟ ପ୍ରତି କଂଗ୍ରେସର ଘୃଣାଭାବ ରହିଛି
- ବେଆଇନ ଅନୁପ୍ରବେଶକାରୀଙ୍କ ପାଇଁ ଟିଏମ୍‌ସି କୋର୍ଟରେ
- କଂଗ୍ରେସକୁ ବୋଫର୍ସ ଡିଲ୍ ଦେଖାଦେଉଛି
- ଭାରତ ସହ ବାଣିଜ୍ୟ ଚୁକ୍ତି ପାଇଁ ସମଗ୍ର ବିଶ୍ୱ ଆଗ୍ରହୀ

ନୂଆଦିଲ୍ଲୀ,୫।୨: ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଆଲୋଚନାର ଉତ୍ତର ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ମନଇଚ୍ଛା ବିରୋଧୀଙ୍କ ଉପରେ ବର୍ଷିଛନ୍ତି। କଂଗ୍ରେସ, ଟିଏମସି, ଡିଏମକେ ଓ ବାମପନ୍ଥୀମାନଙ୍କ ଉପରେ ବର୍ଷିବା ସହ ସେମାନେ ଦୀର୍ଘଦୀନ ଧରି କ୍ଷମତାରେ ଥିଲେ ସୁଧା ସରକାର ଚଳାଇବା ପରିବର୍ତ୍ତେ କେବଳ ନିଜର ପକେଟ୍ ଭର୍ତ୍ତି ପାଇଁ କାର୍ଯ୍ୟ କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିବା ସହ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେମାନେ ଚାହିଁଥିଲେ ନାଗରିକମାନଙ୍କ ଜୀବନ ଧାରଣାମାନରେ ପରିବର୍ତ୍ତନ ଆଣିଥାନ୍ତେ। ମାତ୍ର ତାହା ସେମାନେ କରିନାହାନ୍ତି। ତେବେ ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ଅଭିଭାଷଣ ରଖିବା ସମୟରେ ବିରୋଧି ସମୟରେ ହଟ୍ଟଗୋଳ କରିଥିଲେ। ଲୋକସଭାରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ଅନୁମତି ଦିଆଯାଉନଥିବା ପ୍ରସଙ୍ଗ ଉଠାଇ ନାରାବାଜି କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣ ଜାରି ରଖିଥିଲେ। ବିକଶିତ ଭାରତ କଥା କହିଥିଲେ। ବିରୋଧୀ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ବିରୋଧ କରି କକ୍ଷ ତ୍ୟାଗ କରିଥିଲେ।

କଂଗ୍ରେସକୁ ଟାର୍ଗେଟ୍ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ କଂଗ୍ରେସ ମନରେ ଶିଖ ସମ୍ପ୍ରଦାୟ ପ୍ରତି ଗଭୀର ଘୃଣା ଭାବ ରହିଛି। ଜଣେ ଶିଖ୍ ସଂସଦଙ୍କୁ ଗର୍ଦ୍ଦାର କହିବା କେବଳ ବ୍ୟକ୍ତିଗତ ଆକ୍ରମଣ ନୁହେଁ, ବରଂ ଏହା ସମଗ୍ର ଶିଖ୍ ସମ୍ପ୍ରଦାୟ ଓ ଶିଖ୍ ଗୁରୁମାନଙ୍କ ପ୍ରତି ଅପମାନ। ପୂର୍ବରୁ ଅନେକ ନେତା କଂଗ୍ରେସ ଛାଡିଛନ୍ତି। କିନ୍ତୁ ରାହୁଲ ଗାନ୍ଧୀ କେବଳ ବିଟ୍ଟୁଙ୍କୁ ଟାର୍ଗେଟ୍ କଲେ କାହିଁକି। ବିଟ୍ଟୁଙ୍କ ଜେଜେ ବାପା ତଥା ପୂର୍ବତନ ପଞ୍ଜାବ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂଙ୍କ ବଳିଦାନକୁ ସ୍ମରଣ କରିଛନ୍ତି। କଂଗ୍ରେସ ଓ ତାର ସହଯୋଗୀ ଦଳ ଗୁଡିକ ହତାସଗସ୍ତ ହୋଇ ମୋଦୀ ତେରି କବର ଖୁଦେଗୀ ଅଶାଳୀନ ଭାଷା ବ୍ୟବହାର କରିଛନ୍ତି। ଦେଶର ଜନତାଙ୍କ ଆଶୀର୍ବାଦ ମୋ ପାଇଁ ସୁରକ୍ଷା କବଚ। ଏହି କବଚକୁ କେହି ଭେଦ କରିପାରିବେନି। ବିରୋଧୀ ଯେତେ ଆବର୍ଜନା ଫିଙ୍ଗିବେ ବିଜେପିର ପ୍ରତୀକ ପଦ୍ମ ସେତେ ଉଜ୍ଜ୍ୱଳ ହୋଇଉଠିବ। କଂଗ୍ରେସ ସବୁ ବେଳେ ଦେଶର ଜନସଂଖ୍ୟାକୁ ଏକ ସମସ୍ୟା ଭାବେ ଦେଖି ଆସିଛି। ବିଜେପି ସରକାର ଏହାକୁ ସମାଧାନ ଓ ଶକ୍ତିଭାବେ ଗ୍ରହଣ କରିଛନ୍ତି। ପୂର୍ବ ସରକାର ସମୟରେ ରାଷ୍ଟ୍ରାୟତ ( ୯ ପୃଷ୍ଠାରେ )

### ରାଷ୍ଟ୍ରୀୟ ପ୍ରତୀକର ଅପବ୍ୟବହାର ରୋକିବାକୁ ନିଆଯାଉ କାର୍ଯ୍ୟାନୁଷ୍ଠାନ : ହାଇକୋର୍ଟ

## ପାଞ୍ଚ ବିଭାଗକୁ ନେଇ ଗଠନ ହେଉ କମିଟି

କଟକ,୫।୨(ସବ୍ୟୁ): ଜାତୀୟ ସଂହତି, ଏକତା, ଐତିହ୍ୟର ପରିଚୟ 'ରାଷ୍ଟ୍ରୀୟ ପ୍ରତୀକଦର ଅପ ବ୍ୟବହାରକୁ ରୋକିବା ଲାଗି ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିବେ । ପାଞ୍ଚୋଟି ବିଭାଗକୁ ନେଇ ଏହି କମିଟି ଗଠନ କରାଯିବ । ଗୃହ ବିଭାଗ, ଆଇନ ବିଭାଗ, ନଗର ଉନ୍ନୟନ ବିଭାଗ, ଶିକ୍ଷା ବିଭାଗ ଏବଂ ପଞ୍ଚାୟତିରାଜ୍ ବିଭାଗ ଏହି କମିଟିରେ ରହିବେ।ରାଷ୍ଟ୍ରୀୟ ପ୍ରତୀକର କୌଣସି ସ୍ଥାନରେ ଅପବ୍ୟବହାର ହେଉଥିଲେ ଏ ସଂକ୍ରାନ୍ତରେ ଅଭିଯୋଗ ପାଇଁ ଏକ ପୋର୍ଟାଲ ଖୋଲାଯିବ। ଏହି ପୋର୍ଟାଲରେ ଯଦି କେହି ଅଭିଯୋଗ କରନ୍ତି ଏହି ଅଭିଯୋଗର ୬ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ। ଆହୁରିମଧ୍ୟ ରାଜ୍ୟ ସରକାର ଏକ ହେଲପ୍‌ଲାଇନ୍ ଜାରି କରିବେ ବୋଲି ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଏହା କହିଛନ୍ତି ।

ଆଲୋନ ଟ୍ରଷ୍ଟ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ନଭେମ୍ବର ୧୯ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ । ଆଜି ଏହି ମାମଲାର ରାୟ ପ୍ରକାଶ କରି ଏହା କହିଛନ୍ତି । ଆଲୋନ ଟ୍ରଷ୍ଟ ପକ୍ଷରୁ ରୁଜୁ ମାମଲାରେ ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ପ୍ରତୀକର ଅପ ବ୍ୟବହାରକୁ ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହାଇକୋର୍ଟ ଏହି ମାମଲାର ଶୁଣାଣି ପରିପ୍ରେକ୍ଷୀରେ ଦୁଇ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଏବଂ ସୁବୀର ପାଲିତ୍ରଙ୍କୁ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତ କରିଥିଲେ । ଉଭୟ ହାଇକୋର୍ଟରେ ୧୨ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ଦାଖଲ କରିଥିଲେ । ରାଷ୍ଟ୍ରୀୟ ପ୍ରତୀକର ଅପ ବ୍ୟବହାରକୁ ରୋକିବା ଲାଗି ଏହି ରିପୋର୍ଟରେ ସେମାନେ କେତେକ ( ୯ ପୃଷ୍ଠାରେ)

## ଦେଓରଞ୍ଜନଙ୍କୁ ଇସ୍ପାତ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ

### ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୫।୨:(ସବ୍ୟୁ) : ଆଇଏଏସ୍ ସ୍ତରରେ ବଡ ଧରଣର ଅଦଳବଦଳ କରାଯାଇଛି । ୨୧ ଆଇଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ସେହିଭଳି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଦେଓ ରଞ୍ଜନ ସିଂଙ୍କୁ ଅତିରିକ୍ତ ଭାବେ ଇସ୍ପାତ ଓ ଖଣି ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି। ଏହି ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ସୁରେନ୍ଦ୍ର କୁମାରଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ବଦଳି କରାଯାଇଛି ।

ଏହାଛଡ଼ା ୧୯୯୫ ବ୍ୟାଚ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ବର୍ଷକ ପରେ ନୂଆ ଦାୟିତ୍ୱ ମିଳିଛି। ତାଙ୍କୁ ଓଡିଶା ବନ ଉନ୍ନୟନ ନିଗମର ଅଧ୍ୟକ୍ଷ କରାଯାଇଥିବା ବେଳେ ଆଇଏଏସ୍ ଅଫିସର ଚିତ୍ରା ଅରୁମଗମଙ୍କୁ ଶ୍ରମ ଓ ଇଏସ୍‌ଆଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱ ସହ ଅତିରିକ୍ତ ଭାବେ ବିଜ୍ଞାନ ଓ କାରିଗରୀ କୌଶଳ ବିଜ୍ଞାନ ଓ ଭୁବନେଶ୍ୱର ସ୍ଥିତ ଗୋପବନ୍ଧୁ ପ୍ରଶାସନି ଏକାଡେମୀର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଆଇଏଏସ୍ ଅଫିସର ଅରବିନ୍ଦ ପାଢୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଆଇଏଏସ୍ ଉଷା ପାଢୀଙ୍କ ଠାରୁ ବାଣିଜ୍ୟ ଓ ପରିବହନ ବିଭାଗ କାଢି ଦିଆଯାଇଛି। ସେ ଏବେ ଗୃହ ନିର୍ମାଣ ନଗର ଉନ୍ନୟନ ଭାବେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରିବା ସହ ଅତିରିକ୍ତ ଭାବେ ଇଡକୋ ଦାୟିତ୍ୱ ତୁଲାଇବେ। ଆଇଏଏସ୍ ସୁରେଶ କୁମାର ବଶିଷ୍ଠଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଶୁଭା ଶର୍ମାଙ୍କଠାରୁ ମହିଳା ଶିଶୁବିକାଶ ବିଭାଗ କାଢି ନିଆଯାଇ କେବଳ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ଆଇଏଏସ୍ ଏନ୍‌ବିଏସ୍ ରାଜପୁତଙ୍କୁ ବାଣିଜ୍ୟ ପରିବହନ ବିଭାଗ ପ୍ରମୁଖ ସଚିବ ଭାବେ ବଦଳି କରାଯିବା ସହ ଓଡିଶା ରାଜ୍ୟ ସଡକ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟକରିବାକୁ ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତିରାଜ ସଚିବ ଏସଏନ୍ ଗିରିଶଙ୍କୁ ଓଡିଶା ଖଣି ନିଗମ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ଦିଲ୍ଲୀରୁ ଫେରିଥିବା ଆଇଏଏସ୍ ମୃଣାଳିନୀ ଦର୍ଶୱାଲଙ୍କୁ ମହିଳା ଶିଶୁ ବିକାଶ ସଚିବ ଭାବେ ବଦଳି କରାଯାଇଛି। ଆଇଏଏସ୍ ରାଜେଶ ପ୍ରଭାକର ପାଟିଲ ସମବାୟ ବିଭାଗ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଓଡିଶା ରାଜ୍ୟ ପଣ୍ୟଗାର ନିଗମ ଅଧ୍ୟକ୍ଷ, ସ୍ୱତନ୍ତ୍ର ରିଲିଫ କମିଶନର ଓ ଓସଡମା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଇଛି। ( ୯ ପୃଷ୍ଠାରେ )

### ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ ଅଫିସ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ସବୁ ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ

- 'ଆମ ସାଥୀ' ହ୍ୱାଟ୍‌ସ୍‌ଆପର ଲୋକାର୍ପଣ
- ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୫।୨,(ସବ୍ୟୁ) :ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟର ୧୭ଟି ଜିଲ୍ଲାର ୫୬ଟି ତହସିଲ୍‌ରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଆଜିଠାରୁ ରାଜ୍ୟର ସମସ୍ତ ୩୧୭ଟି ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଲା। ଏଥିରେ କଟକ ତହସିଲ୍ ଅଧିନରେ ଏକ ଅତିରିକ୍ତ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ମଧ୍ୟ ରହିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଜମିଜମା ସଂକ୍ରାନ୍ତୀୟ କାମ ପାଇଁ ଲୋକଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡୁଥିଲା। ଏଥିପାଇଁ ଆମେ ସଂକଳ୍ପ ନେଇଥିଲୁ, ସରକାରଙ୍କ ପାଖକୁ ଲୋକେ ଆସିବେ ନାହିଁ, ସରକାର ଯିବେ ଲୋକଙ୍କ ପାଖକୁ। ତେଣୁ, ସମସ୍ତ ତହସିଲ୍‌ରେ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରି ଆମେ ଏ କ୍ଷେତ୍ରରେ ଏକ ମାଇଲଷ୍ଟୋନ୍ ହାସଲ କରିଛୁ। ଉଭୟ ତହସିଲ୍ ଓ ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକରି ପାରିବେ ଏବଂ ରେଜିଷ୍ଟ୍ରେସନ ପରେ ମ୍ୟୁଟେସନ ପଟ୍ଟା ସହଜରେ ହେବା ସହିତ, ରେଜିଷ୍ଟ୍ରେସନ୍ କ୍ଷେତ୍ରରେ ପାରଦର୍ଶିତା ବଢିବ ଓ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ଆଉ ରହିବ ନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା ହ୍ୱାଟସାପ୍ ଚାଟ୍‌ବଟ୍‌ରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ୍ କରିଥିଲେ।

ଏଣିକି ଜନସାଧାରଣ ହ୍ୱାର୍ଟ୍ସଆପ ନମ୍ବର ଜରିଆରେ ମ୍ୟୁଟେସନ କେସ୍, କୃଷି ଜମି କିସମ ପରିବର୍ତ୍ତନ, ବାସିନ୍ଦା ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର, ଜନଜାତି ପ୍ରମାଣ ପତ୍ର, ଓବିସି ପ୍ରମାଣପତ୍ର, ଏସ୍‌ଇବିସି ପ୍ରମାଣପତ୍ର, ଲିଗାଲ୍‌ହେୟାର ପ୍ରମାଣପତ୍ର, ( ୯ ପୃଷ୍ଠାରେ)

# କୋରାପୁଟ ଜିଲ୍ଲା ହେଲା ମାଓ ମୁକ୍ତ




### ମହିଳା ମାଓବାଦୀ ମମତା ପୋଡ଼ିଆମୀଙ୍କ ଆତ୍ମସମର୍ପଣ

କୋରାପୁଟ,୫।୨,(ସବ୍ୟୁ): କୋରାପୁଟ ଜିଲ୍ଲା ଗୁରୁବାର ଠାରୁ ମାଓମୁକ୍ତ ହେଲା ବୋଲି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂ କୋରାପୁଟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି । କୋରାପୁଟ ପୁଲିସକୁ ଗୁରୁବାର ବଡ଼ ସଫଳତା ମିଳିଛି । ଛତିଶଗଡ଼ର ଏସିଏମ୍ କ୍ୟାଡର ମହିଳା ମାଓବାଦୀ ମମତା ପୋଡ଼ିଆମୀ ଓରଫ୍ ମାମି (୨୬) କୋରାପୁଟ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଡିଆଇଜି ଶ୍ରୀ ସିଂଙ୍କୁ ଏକ ଏସ୍‌ଏଲ୍‌ଆର୍ ବନ୍ଧୁକ ଓ ମାଓ ସାମଗ୍ରୀ ହସ୍ତାନ୍ତର କରି ସମାଜର ମୁଖ୍ୟସ୍ରୋତକୁ ଫେରିଛି ମମତା ।

ମାଓନେତ୍ରୀ ମମତା ଛତିଶଗଡ଼ ବିଜାପୁର ଜିଲ୍ଲା ପାମେଡ ଥାନା ଅନ୍ତର୍ଗତ ଲିଙ୍ଗାପୁରମ ଗାଁର ବାସିନ୍ଦା । ଏସିଏମ୍ କ୍ୟାଡର ମମତାଙ୍କ ନାଁରେ ଛତିଶଗଡ଼ର କଟେକଲ୍ୟାଣ ଥାନାରେ ବହୁ ଗୁରୁତର ମାମଲା ଥିବା ବେଳେ ଛତିଶଗଡ଼ ଓ ଓଡ଼ିଶା ସୀମାନ୍ତରେ ବହୁ ଗୁଳି ବିନିମୟ ଓ ମାଓବାଦୀ କାର୍ଯ୍ୟକଳାପରେ ସାମିଲ ରହିଥିଲେ ବୋଲି ଡିଆଇଜି ଶ୍ରୀ ସିଂ କହିଛନ୍ତି । ଆଜି ସେ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏକ ଏସ୍‌ଏଲ୍‌ଆର୍ ବନ୍ଧୁକ, ୧୦ଟି ଗୁଳି, ମେଗାଜିନ୍, ଟିଫିନ୍ ବୋମା, କୋଡେକ୍ସ ତାର ଆଦି ପୁଲିସକୁ ହସ୍ତାନ୍ତର କରିଛି । ମାଓନେତ୍ରୀ ମମତାକୁ ରାଜ୍ୟ ସରକାରଙ୍କ ନୀତି ଆଧାରରେ ୫ ଲକ୍ଷ ୫୦ ହଜାର, ବନ୍ଧୁକ ପାଇଁ ୧ ଲକ୍ଷ ୬୫ ହଜାର ଏଭଳି ୭ ଲକ୍ଷ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ଏ ଅବସରରେ ଡିଆଇଜି ଶ୍ରୀ ସିଂ କୋରାପୁଟ ଜିଲ୍ଲା ମାଓ ମୁକ୍ତ ଜିଲ୍ଲା ହେଲା ବୋଲି ଘୋଷଣା କରିଛନ୍ତି । ପୂର୍ବରୁ ମାଓବାଦୀଙ୍କ ଗଡ଼ ଥିବା କୋରାପୁଟ ଜିଲ୍ଲାରେ ବହୁ ମାଓକାଣ୍ଡ ଘଟିଛି । ସରକାରଙ୍କ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଆର୍ଥିକ ସହାୟତା, ପୁନର୍ବାସ ଲାଭ, ଦକ୍ଷତା ବିକାଶ ତାଲିମ, ଗୃହ ନିର୍ମାଣ ସହାୟତା, ସ୍ୱାସ୍ଥ୍ୟସେବା, ବିବାହକାଳୀନ ସହାୟତା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରାଯାଇଛି । ସମ୍ପ୍ରତି ମାଲକାନଗିରି ଜିଲ୍ଲାରେ ପ୍ରାୟ ୨୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ବୁଧବାର ଛତିଶଗଡ଼ କାଙ୍ଗେର ଘାଟି ଏରିଆ କମିଟିର ସଦସ୍ୟ ସୁଖରାମ ମାଡ଼କାମୀ ମାଲକାନଗିରି ପୁଲିସ ନିକଟରେ ଆତ୍ମ ସମର୍ପଣ କରିଥିଲା । କୋରାପୁଟ ଓ ମାଲକାନଗିରି ( ୯ ପୃଷ୍ଠାରେ)

## ଫେବୃଆରୀ ୯ ରେ ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୨ (ସବ୍ୟୁ) : ଆସନ୍ତା ସୋମବାର ଫେବୃଆରୀ ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୦ ଘଟିକାରୁୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଫେବୃଆରୀ ୬ ତାରିଖ ଦିବା ୧୧ ଘଟିଟା ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। (୯ ପୃଷ୍ଠାରେ)

## ଉଭୟ ଦେଶ ଲଗାଇବେ ସମାନୁପାତିକ ଶୁଳ୍କ

- ଭାରତ -ଆମେରିକା ବାଣିଜ୍ୟ ଚୁକ୍ତି
- ମାର୍ଚ୍ଚ ମଧ୍ୟଭାଗରେ ହେବ ସ୍ୱାକ୍ଷରିତ

ନୂଆଦିଲ୍ଲୀ,୫।୨: ଭାରତ ଓ ଆମେରିକା ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତି ମାର୍ଚ୍ଚ ମଧ୍ୟଭାଗରେ ସ୍ୱାକ୍ଷରିତ ହୋଇପାରେ। ଉଭୟ ଦେଶ ମଧ୍ୟରେ ସମାନୁପାତିକ ଶୁଳ୍କ ୧୮ ପ୍ରତିଶତ ହେବ ବୋଲି ସୂଚନା ମିଳିଛି। ଏହାଛଡା ଭାରତ ରୁଷରୁ ତେଲ କିଣା ବନ୍ଦ କରିବା ସହ ଆମେରିକାରୁ ୫ ଶହ ମିଲିୟନ ଡଲାର ଶକ୍ତି ଓ ବୈଷୟିକ ପ୍ରକଳ୍ପ କ୍ରୟ କରିବ। ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ ମାର୍ଚ୍ଚ ମଧ୍ୟ ଭାଗରେ ଚୁକ୍ତି ସ୍ୱାକ୍ଷର କରିବେ ବୋଲି ଜଣାପଡିଛି। ୫ ଦିନ ମଧ୍ୟରେ ମିଳିତ ବିବୃତି ଜାରି ହୋଇପାରେ।

ତେବେ ଚୁକ୍ତିକୁ ନେଇ ବିରୋଧୀ ଆଶଙ୍କା କରୁଛନ୍ତି ତାହା ଘୋଷଣା ହେଲା ପରେ ଜଣାପଡିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ଏହି ସୂତ୍ରରୁ ଜଣାପଡିଛି ଯେ ଦୁଗ୍ଧ, ମସ୍ୟ ଓ କୃଷିଜାତ କ୍ଷେତ୍ରରେ ଆମେରିକା ସାମଗ୍ରୀକୁ ରପ୍ତାନି ପାଇଁ ଅନୁମତି ଦେବା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇପାରେ। ୨୦୨୫ରେ ଓମାନ , ବ୍ରିଟେନ, ନ୍ୟୁଜଲାଣ୍ଡ ଓ ୟୁରୋପୀୟ ସମୁହ ସହ ହୋଇଥିବା ବାଣିଜ୍ୟିକ ଚୁକ୍ତିରେ ଏଭଳି କୌଣସି ରିହାତି ଦିଆଯାଇନଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ଏହି ଚୁକ୍ତି ପ୍ରଥମ ପାଦ ଆଗେଇଛନ୍ତି। ଦୁଇ ଦେଶ ମଧ୍ୟରେ ଚୁକ୍ତିକୁ ନେଇ ଅପେକ୍ଷା କରାଯାଇଥିଲା। ୨୦୩୦ ସୁଦ୍ଧା ଉଭୟ ଦେଶରେ ବାଣିଜ୍ୟିକ କାରବାର ୫ ଶହ ବିଲିୟନ ଡଲାରକୁ ହେବ ବୋଲି ଆଶା କରାଯାଇଛି। ଭାରତ ପକ୍ଷରୁ ମିଳିଥିବା ସୂତ୍ରରୁ ଆଉ କିଛି ରିହାତି ଚୁକ୍ତି ସ୍ୱାକ୍ଷର ବେଳେ ହୋଇପାରେ।

## କିନ୍ନର ହତ୍ୟା ମାମଲାକୁ ନେଇ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠରେ କିନ୍ନର ଅଞ୍ଜଳିକୁ ହତ୍ୟା କରାଯିବାର ୪ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ପାଖରେ ପୋଲିସ ପହଞ୍ଚି ପାରିନାହିଁ । ପିପିଲି ଥାନା ପୋଲିସ ହତ୍ୟା ମାମଲା ରୁଜୁ କରି ରାସ୍ତାର ସିସି କ୍ୟାମେରା ଯାଞ୍ଚ କରି ତଦନ୍ତ କରୁଥିବା ବେଳେ ହତ୍ୟାକାରୀଙ୍କ ସମ୍ପର୍କରେ ସୁରାକ ମିଳିନାହିଁ । ଯଦ୍ୱାରା କିନ୍ନର ସମାଜ ପକ୍ଷରୁ ଗୁରୁବାର ମାଷ୍ଟରକ୍ୟାଣ୍ଟିନରୁ ରାମମନ୍ଦିର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରାଯାଇଥିଲା । କିନ୍ନର ସମାଜ ପକ୍ଷରୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପାଖ ରାସ୍ତାରେ ଆନ୍ଦୋଳନ କରାଯିବା ପରେ ପିପିଲି ଥାନା ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି । ଅଞ୍ଜଳିଙ୍କ ପରିବାରକୁ ନ୍ୟାୟ ଦାବିରେ ଗୁରୁବାର ନିରବ ମଶାଲ ଶୋଭାଯାତ୍ରା ହୋଇଥିଲା । କେଉଁମାନେ କାହିଁକି ଅଞ୍ଜଳିକୁ ହତ୍ୟା କଲେ ତାହା ଅଦ୍ୟାବଧି ପୋଲିସ ଜାଣିପାରି ନାହିଁ । ପୋଲିସ କହିବାନୁଯାୟୀ ହତ୍ୟାକାରୀ ଗିରଫ ହେବା ପରେ କାରଣ ସ୍ପଷ୍ଟ ହେବ ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ 'ନ୍ୟାସନାଲ୍ ଡିଫେନ୍ସ କଲେଜ୍' ପ୍ରଶିକ୍ଷାର୍ଥୀ ଅଧିକାରୀଗଣ

# ୫ ଟି ଦେଶର ସେନା ବାହିନୀ ଅଧିକାରୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀ ସ୍ଥିତ ନ୍ୟାସନାଲ୍ ଡିଫେନ୍ସ କଲେଜ୍‌ର ପ୍ରଶିକ୍ଷାର୍ଥୀ ଅଧିକାରୀଗଣ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି । ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ ମାନଙ୍କ ସମେତ ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମଙ୍ଗୋଲିଆ, ଏବଂ ନେପାଳର ସେନାବାହିନୀ ଅଧିକାରୀ ମାନେ ମଧ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମପାଇଁ "ଦେଶ" ର ଅର୍ଥ ହେଉଛି କେବଳ ଜାତୀୟ ସେବା । ଏହା ଆମର ପ୍ରତିବଦ୍ଧତା । ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହିତ ଆମର ଏହି ମନୋଭାବ ଗଭୀର ଭାବରେ ଜଡିତ ବୋଲି ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ ।

ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅପରେସନ ସିନ୍ଦୁର ସମୟରେ ଆମର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତାକୁ ମୁଁ ସଲାମ କରୁଛି । ଏହି ଅପରେସନ୍ ଆପଣଙ୍କ ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିସହିତ, ମୁଖ୍ୟମନ୍ତ୍ରୀ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହିତ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡା ଏବଂ ବିପର୍ଯ୍ୟୟ ପରିଚାଳନାରେ, ଆମ ରାଜ୍ୟ ଆଜି ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀ ମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ପ୍ରଶଂସା କରିଥିଲେ । ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନାରେ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏୟାର ମାର୍ଶାଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ସିପି ସାଙ୍ଗରା, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ ।

## 'ସହାୟ'ର ପରିଚାଳନା କମିଟି ବୈଠକ




ଭୁବନେଶ୍ୱର , (ସବ୍ୟୁ): 'ସହାୟ'ର ପରିଚାଳନା କମିଟି ବୈଠକ କ୍ୟାପିଟାଲ ହସ୍ପିଟାଲର SIDR କ୍ୟାମ୍ପସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ; ଏବଂ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ (ଏସଏସଇପିଡି) ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଧ୍ୟକ୍ଷତା କରି ଛାତ୍ରମାନଙ୍କ ବିକାଶରେ 'ସହାୟ'ର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ବୌଦ୍ଧିକ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସେବାକୁ ସୁଦୃଢ଼ କରିବା ପାଇଁ ନିରନ୍ତର ସମର୍ଥନ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ 'ସହାୟ'ର କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ପ୍ରକାଶଯୋଗ୍ୟ ଯେ, ଭାରତୀୟ ରେଡକ୍ରସ୍ ସୋସାଇଟିର ଓଡ଼ିଶା ରାଜ୍ୟ ଶାଖା ଅଧୀନରେ କାର୍ଯ୍ୟ କରୁଥିବା 'ସହାୟ' କଟକର ମଙ୍ଗଳାବାଗରେ ବୌଦ୍ଧିକ ଅକ୍ଷମ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟାଳୟ, ଏକ ବୃତ୍ତିଗତ ତାଲିମ କେନ୍ଦ୍ର ଏବଂ ଏକ ଚିକିତ୍ସା ୟୁନିଟ୍ ପରିଚାଳନା କରିଥାଏ । ଏସଏସଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଆର.ଏସ. ଗୋପାଳନ ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକଟି 'ସହାୟ'ର ଅବୈତନିକ ସଚିବ ଶ୍ରୀମତୀ ମୃଣାଳିନୀ ପାଢୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ 'ସହାୟ'ର କୋଷାଧ୍ୟକ୍ଷ ଶ୍ରୀମତୀ ଇନା ପୁରୋହିତଙ୍କ ଦ୍ୱାରା ବରିଷ୍ଠ ଅଧିକାରୀ ଏବଂ ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା ।

### ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ସୁଦୃଢ଼ କରିବା ଲକ୍ଷ୍ୟରେ

# ଓଡ଼ିଶା ସରକାର ଓ ଏନ୍‌ଆଇଇପିଆଇଡି ମଧ୍ୟରେ ବୁଝାମଣାପତ୍ର

ଭୁବନେଶ୍ୱର, (ସବ୍ୟୁ): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜାତୀୟ ବୌଦ୍ଧିକ



ଦିବ୍ୟାଙ୍ଗଜନ ସଶକ୍ତିକରଣ ସଂସ୍ଥା (ଏନଆଇଇପିଆଇଡି) ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ ) ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ର ମାଧ୍ୟମରେ ରାଜ୍ୟରେ ମାନସିକ ଅନଗ୍ରସର ଥିବା ବ୍ୟକ୍ତିଙ୍କ ପାଇଁ ଶୀଘ୍ର ଚିହ୍ନଟ, ଶିକ୍ଷା, ଦକ୍ଷତା ବିକାଶ ଓ ସଚେତନତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ରହିଛି । ଏହି ବୁଝାମଣାପତ୍ର ଅନୁଯାୟୀ, ବିଭାଗ ଅଧୀନସ୍ଥ ଗ୍ରାଣ୍ଟ-ଇନ୍-ଏଡ୍ ବିଶେଷ ବିଦ୍ୟାଳୟଗୁଡ଼ିକରେ ଏନଆଇଇପିଆଇଡି ଦ୍ୱାରା ବିକଶିତ ପାଠ୍ୟକ୍ରମ ଢାଞ୍ଚାକୁ କାର୍ଯ୍ୟକାରୀ କରାଯିବ । ଏହା ମାଧ୍ୟମରେ ମାନସିକ ଅନଗ୍ରସର ଥିବା ଶିଶୁମାନଙ୍କ ପାଇଁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ।

ଏହି ସହଯୋଗର ଅଂଶ ଭାବେ ତ୍ୱରିତ ଚିହ୍ନଟ ଓ ତୁରନ୍ତ ପଦକ୍ଷେପ, ବିଶେଷଜ୍ଞ ଶିକ୍ଷକ, ଦେଖାଶୁଣା କରିବା ବ୍ୟକ୍ତି ଓ ଆଗଧାଡିର କର୍ମୀମାନଙ୍କ ପାଇଁ ପ୍ରଶିକ୍ଷଣ, ଗବେଷଣା, ଡକ୍ୟୁମେଣ୍ଟେସନ୍ ଏବଂ ସାମାଜିକ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ । ଏମଓୟୁର କାର୍ଯ୍ୟାନ୍ୱୟନ ଓ ପର୍ଯ୍ୟବେକ୍ଷଣ ପାଇଁ ଏସଏସଇପିଡି ଓ ଏ ନ ଆ ଇ ଇ ପି ଆ ଇ ଡି ପ୍ରତିନିଧିମାନଙ୍କ ସହିତ ଏକ ଯୁଗ୍ମ ସମନ୍ୱୟ କମିଟି ଗଠନ କରାଯିବ । ଏହି ଏମଓୟୁ ୩ ବର୍ଷ ଯାଏଁ, ଅର୍ଥାତ୍ ୧୬ ଜାନୁଆରୀ ୨୦୨୬ ଠାରୁ ୧୫ ଜାନୁଆରୀ ୨୦୨୯ ପର୍ଯ୍ୟନ୍ତ ବଳବତ୍ତ ରହିବ । ଏହି ବୁଝାମଣା ରାଜ୍ୟରେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ସାମଗ୍ରିକ ବିକାଶ ଓ ସଶକ୍ତିକରଣ ଉଦ୍ୟମକୁ ନୂତନ ଦିଗ ପ୍ରଦାନ କରିବ । ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଓଡିଶା ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରଇତ ଏବଂ ଉପ-ଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା ଓ ବସନ୍ତ କୁମାର ବେହେରା ଏବଂ ଏନଆଇଇପିଆଇଡି ପକ୍ଷରୁ ଡ଼ ଗଣେଶ ଶେରଗାର୍ ଉପସ୍ଥିତ ଥିଲେ ।

### ପ୍ରାକ୍ ବଜେଟ ପରାମର୍ଶ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

# ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ବଜେଟକୁ 'ଲୋକଙ୍କ ବଜେଟ' ଭାବେ ପ୍ରସ୍ତୁତ କରାଯିବ

ଭୁବନେଶ୍ୱର, (ସବ୍ୟୁ): ଆମ ସରକାର ହେଉଛି ଲୋକଙ୍କ ସରକାର । ଆମ ପାଇଁ ଲୋକଙ୍କ ସ୍ୱର ହେଉଛି ଭଗବାନଙ୍କ ସ୍ୱର । ତେଣୁ ସରକାରଙ୍କ ବଜେଟ ପ୍ରସ୍ତୁତ ପ୍ରକ୍ରିୟା ଏବେ ସଚିବାଳୟରୁ ବାହାରି ଲୋକଙ୍କ ପାଖକୁ ଯାଇଛି । ଜନସାଧାରଣଙ୍କ ଠାରୁ ସେମାନଙ୍କ ବହୁମୂଲ୍ୟ ମତାମତ ଆହ୍ୱାନ କରି ଅନୁଧ୍ୟାନ ଓ ତର୍ଜମା ପରେ ବଜେଟରେ ସ୍ଥାନୀତ କରାଯାଉଛି । ଏହା ସବୁ ଦୃଷ୍ଟିରୁ ଲୋକଙ୍କ ବଜେଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରାକ୍ ବଜେଟ ପରାମର୍ଶ ସଭା ଅବସରରେ କହିଛନ୍ତି । ଲୋକସେବା ଭବନ କନ୍‌ଭେନସନ୍ ହଲ ଠାରେ ଆୟୋଜିତ ପ୍ରାକ୍ ବଜେଟ ପରାମର୍ଶ ସଭା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଛନ୍ତି । ନିକଟରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଜନମତରୁ ସଂଗ୍ରହ କରାଯାଇଥିଲା । ଆହୁରି ମଧ୍ୟ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ




କରିଡର ପରିକଳ୍ପନା ଜନମତରୁ ଆସିଛି । ଜନମତ ଆଧାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ କରାଯାଉଛି । ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କଠୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ ।

ସେ ଆହୁରି କହିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ, ରୋଜଗାର ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିଛି । କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ପଦକ୍ଷେପ ଓ ରାଜ୍ୟସରକାରଙ୍କ ମହିଳା ଓ କୃଷକମାନଙ୍କ ଲାଗି ନିଆଯାଉଥିବା ପଦକ୍ଷେପ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଚଳଚଞ୍ଚଳ କରିଛି । ୨୦୨୬-୨୭ ରେ ମଧ୍ୟ କେନ୍ଦ୍ର ବଜେଟରେ ମଧ୍ୟ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଜି ଓଡ଼ିଶାକୁ ଦେଶରେ ପ୍ରାଥମିକତା ମିଳୁଛି । ୨୦୨୬-୨୭ ବଜେଟ ପ୍ରସ୍ତୁତି ପାଇଁ ୱେବ୍ ପୋର୍ଟାଲ, ଇ-ମେଲ, ଏସ୍.ଏମ୍.ଏସ୍., ୱାଟସଅପ୍ ଜରିଆରେ ବହୁ ସଂଖ୍ୟାରେ ସୁଚିନ୍ତିତ ମତାମତ ଆସିବାରେ ଲାଗିଛି । ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ । ଆଜି ଏହି ବୈଠକରୁ ଯେଉଁ ସବୁ ସୁଚିନ୍ତିତ ପରାମର୍ଶ ମିଳିଛି, ବିଭାଗ ତାକୁ ରେକର୍ଡ କରି ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ଶ୍ରୀ ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ, ଏ.କେ. ତ୍ରିପାଠୀ, ଆର,ଏନ୍. ସେନାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ, ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ, ଘଏଙ ସଦସ୍ୟ, ଫିନ୍‌ଟେକ୍‌ର ସିଇଓ, ବିଭିନ୍ନ କ୍ଷେତ୍ରର ସମାଜସେବୀ, ଉଜରଉଇଓ ର ଠସମର ଚକ୍ସରଗ୍ସସୟରଭଗ୍ସ, ବରିଷ୍ଠ ରାଜନେତା ସାରଦା ଶତପଥୀ, ସଜ୍ଜନ ଶର୍ମା, ମନୋଜ ମହାପାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ସଚିବ ସଞ୍ଜିବ କୁମାର ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ବିଭିନ୍ନ କ୍ଷେତ୍ରର ୫୦ରୁ ଉର୍ଦ୍ଧ୍ୱ ବିଶେଷଜ୍ଞ ଯୋଗଦେଲେ**

### ଡାହାଣୀ ସନ୍ଦେହରେ ନିର୍ଯାତନା ସଚେତନତା କର୍ମଶାଳା

# ଡାହାଣୀ ପ୍ରଥାର ବିଲୋପ ଏକ ସୁସ୍ଥ ସମାଜର ପରିଚୟ

ପୁରୀ, (ସବ୍ୟୁ): ସମାଜରେ ଡାହାଣୀ ପ୍ରଥା ଘୃଣ୍ୟ ତଥା ଅପରାଧ । ଏହାର ବିଲୋପ ଘଟିଲେ ଏକ ସୁସ୍ଥ, ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ । ଗୁରୁବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଡାହାଣୀ ନିର୍ଯ୍ୟାତନା ସଚେତନତା ଜିଲ୍ଲା ସ୍ତରୀୟ କର୍ମଶାଳା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପୁରୁଣା ସମୟରେ ଶିକ୍ଷାର ଅଭାବ, କୁସଂସ୍କାର,ଅନ୍ଧବିଶ୍ୱାସ ଓ ସନ୍ଦେହ କାରଣରୁ ଡାହାଣୀ ପ୍ରଥା ବ୍ୟାପକ ପରିବ୍ୟାପ୍ତ ହେଉଥିଲା । ଆଜିର ସମୟରେ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା, ସଚେତନତା ଓ ସଂସ୍କାରିତ ପଦକ୍ଷେପ ଯୋଗୁଁ ଏହା ହ୍ରାସ ପାଇଛି ସତ କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗ ଦେଇ ଡାହାଣୀ ପ୍ରଥାକୁ ସମାଜରୁ ଉଚ୍ଛେଦ ପାଇଁ ଆଇନଗତ ଅନେକ ବ୍ୟବସ୍ଥା ରହିଛି । ଏହାକୁ ସଠିକ ଭାବେ କାର୍ଯ୍ୟକାରିତା କରିବା ସହ ସମସ୍ତଙ୍କ ଉଦ୍ୟମରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ସେ ଆହ୍ୱାନ ଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଡାହାଣୀ, ଗୁଣିଆ, ଭୂତ,ପ୍ରେତ ଇତ୍ୟାଦି କାଳ୍ପନିକ ଚରିତ୍ର ଓ ଘଟଣା ଗୁଡ଼ିକ ସମାଜ ର ଅନେକ କ୍ଷତି ସାଧନ କରୁଛନ୍ତି । ଏହା ଶିକ୍ଷା ଓ ସଚେତନତା ର ଅଭାବ ଏବଂ କୁସଂସ୍କାର ଯୋଗୁଁ ଘଟୁଛି । ଏହି କଳଙ୍କିତ ପ୍ରଥାକୁ ସମାପ୍ତ କରିବା କ୍ଷେତ୍ରରେ ସମାଜର ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ ।

## ଇଡ୍‌କୋ କର୍ମଚାରୀ ସଂଘର ପୂର୍ବତନ କର୍ମକର୍ତ୍ତା ଇନାୟତ ଖାଁଙ୍କ ପରଲୋକ



କଟକ (ସବ୍ୟୁ): ଇଡ୍‌କୋ କର୍ମଚାରୀ ସଂଘର ପୂର୍ବତନ କର୍ମକର୍ତ୍ତା ତଥା ଇଡ୍‌କୋର ପୂର୍ବତନ ଡ୍ରାଇଭର ଇନାୟତ ଖାଁଙ୍କର ୪ତାରିଖ ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା । ପାରାଦୀପ ଠାରେ ଏକ ରାସ୍ତା ଦୁର୍ଘଟଣା ଯୋଗୁ ସେ ଦୀର୍ଘ ୧୨ବର୍ଷ ଧରି କୋମାରେ ଥିଲେ । କଟକ ନିକଟସ୍ଥ ପଦ୍ମପୁର ଠାରେ ସେ ତାଙ୍କ ସାନପୁଅ ଚିଣ୍ଟୁଙ୍କ ବାସଭବନରେ ଚିକିତ୍ସାଧିନ ଥିଲେ । ତାଙ୍କ ମତଶରୀରକୁ କଟକ ଓଡ଼ିଆ ବଜାର ସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା । ପତ୍ନୀ ଯୁଲେଖା ବେଗମ୍, ବଡପୁଅ ପିଣ୍ଟୁ ପ୍ରମୁଖଙ୍କ ଉପସ୍ଥିତିରେ କଦମରସୁଲ ଠାରେ ତାଙ୍କ କବର ଦିଆଯାଇଥିଲା । ତାଙ୍କ ବିୟୋଗରେ କଟକର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

## ପିପିଲି କିନ୍ନର ହତ୍ୟା ଘଟଣା, ସବୁ ଦିଗକୁ ନେଇ ତଦନ୍ତ ଚାଲିଛି : ଏସ୍‌ପି

ପୁରୀ, (ସବ୍ୟୁ) : ପିପିଲି କିନ୍ନର ହତ୍ୟା ଘଟଣାରେ ମାମଲା ରୁଜୁ କରାଯାଇ ସବୁ ଦିଗକୁ ନେଇ ତଦନ୍ତ ଚାଲିଛି । ଏଥିପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ କରାଯାଇଛି । କିଛି ଲୋକ ସନ୍ଦେହ ପରିସରକୁ ଆସିଛନ୍ତି । କିଏ ଓ କାହିଁକି ହତ୍ୟା କଲା ସେ ନେଇ ତଦନ୍ତ କରାଯାଉଛି । ଖୁବ୍ ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଏସପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି କ୍ଷ କିନ୍ନର ହତ୍ୟାର କିଛି ଦିନ ପରେ ମଧ୍ୟ ପୋଲିସ ହାତ ଖାଲି । ସିସିଟିଭି ଫୁଟେଜ ରୁ କୌଣସି ସୁରାକ ନମିଳିବା ପରେ ସାଇଣ୍ଟିଫିକ୍ ମେଥଡରେ ତଦନ୍ତ କରୁଛି ପୋଲିସ । ଏନେଇ ମର୍ଡର ସ୍ପଟ୍ ରୁ ମିଳିଥିବା ଗାଡି ଚକାର ମୋଟେଇ ଓ ସେହି ରୁଟ ଦେଇ ହତ୍ୟା ସମୟରେ ଯାଇଥିବା ସେଭଳି କିଛି ଗାଡି କୁ ନେଇ ତଦନ୍ତ କରୁଛି ପୋଲିସ । ଗାଡିର ଟାୟାର ସାଇଜ ର ଫଟୋ କୁ ଆଧାର କରି କିଛି ଗାରେଜ ମେକାନିକ ସହ ଆଲୋଚନା କରିଛି ପୋଲିସ । ଏପରିକି କେଉଁ ଗାଡି ଚଳାଉଥିଲେ ଓ ସେହି ଅଞ୍ଚଳର ଟାୱାର ଡମ୍ପ କରି ଅପରାଧିକୁ ଟ୍ରାକ ପାଇଁ ଯୋଜନା କରୁଛି ପୋଲିସ୍ । ଘଟଣା ସ୍ଥଳରୁ କୋଣସି ସିସିଟିଭି ମିଳିନଥିବା ବେଳେ । ସେହି ବାଟ ଦେଇ ଆଖପାଖ ଅଞ୍ଚଳରେ କ୍ରାଇମ୍ ସ୍ପଟ୍ ରୁ ମିଳିଥିବା ଗାଡି ଟାୟାର ରୁ ଅପରାଧିଙ୍କୁ ଚିହ୍ନିବା ପାଇଁ ପ୍ରୟାସ କରୁଛି ପୋଲିସ୍ ।

## କୋଡିଙ୍ଗାମାଲି ଖଣି ସମ୍ପ୍ରସାରଣ ନିଷ୍ପତ୍ତିକୁ ସ୍ୱାଗତ, ସବୁଜ ଖଣିଜ କରିଡରକୁ ପ୍ରଶଂସା

ଭୁବନେଶ୍ୱର (ସବ୍ୟୁ): ରାୟଗଡା ଓ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଓ କାଶୀପୁର ବ୍ଲକ ଅନ୍ତର୍ଗତ କୋଡିଙ୍ଗାମାଲି ବକ୍ସାଇଟ୍ ଖଣି ଏବଂ କଂସରିଗୁଡ଼ାର ଆଦିତ୍ୟ ଆଲୁମିନା ରିଫାଇନାରୀ ପ୍ରକଳ୍ପ ସଂଲଗ୍ନ ଲୋକମାନଙ୍କ ପାଇଁ ଏକ ଆନନ୍ଦଦାୟକ ଖବର ମିଳିଛି । ଓଡ଼ିଶା ଖଣି ନିଗମ ଲିମିଟେଡ୍ ଦ୍ୱାରା କୋଡିଙ୍ଗାମାଲି ବକ୍ସାଇଟ୍ ଖଣିର ଉତ୍ପାଦନ କ୍ଷମତାକୁ ୬.୦୦ ଏମ୍‌ପିଟିଏ କୁ ବୃଦ୍ଧି ନକରି, ବର୍ତ୍ତମାନର ୩.୦୦ ଏମ୍‌ପିଟିଏ ରେ ସୀମିତ ରଖିବା ପାଇଁ ଓଡ଼ିଶା ସରକାର ନିଆଯାଇଥିବା ନିଷ୍ପତ୍ତିକୁ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଛନ୍ତି । ଲୋକମାନଙ୍କ ମତାମତକୁ ସମ୍ମାନ ଦେଇ ଖଣି ସମ୍ପ୍ରସାରଣକୁ ଆଗକୁ ନବଢ଼ାଇବା ସରକାରଙ୍କ ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରକାଶ କରେ । ବର୍ତ୍ତମାନର ୩.୦୦ ଏମ୍‌ପିଟିଏ ଉତ୍ପାଦନ କ୍ଷମତା ୧୫ ବର୍ଷ ଓ ଅଧିକ ସମୟ ପାଇଁ ଆଦିତ୍ୟ ଆଲୁମିନା ରିଫାଇନାରୀକୁ ବକ୍ସାଇଟ୍ ଯୋଗାଣ କରିପାରିବ, ଯାହା ସ୍ଥାୟୀ ଖଣି, କମ୍ ପ୍ରଦୂଷଣ, ସ୍ୱଚ୍ଛ ଲଜିଷ୍ଟିକ୍ସ ଓ ସମ୍ପ୍ରଦାୟ କେନ୍ଦ୍ରିକ ବିକାଶକୁ ସୁନିଶ୍ଚିତ କରିବ । ବକ୍ସାଇଟ୍ ଉତ୍ପାଦନ ସୀମିତ ରଖିବା ଏହି ପଦକ୍ଷେପ ଖଣି, ପରିବହନ, ପ୍ରକ୍ରିୟାକରଣ ଓ ମୂଲ୍ୟ ବୃଦ୍ଧିକୁ ପରିବେଶ ଅନୁକୂଳ ଭାବେ କରିବାରେ ମାର୍ଗଦର୍ଶନ ଦେବ । ଆଦିତ୍ୟ ଆଲୁମିନା ରିଫାଇନାରୀ



ଫଳରେ କମ୍ ଅପଚୟ, ସମ୍ବଳର ଦକ୍ଷ ବ୍ୟବହାର ଏବଂ ପରିବେଶ ଉପରେ କମ୍ ପ୍ରଭାବ ପଡ଼ିବ । ଏହା ସହ ଦୀର୍ଘକାଳୀନ ନିଯୁକ୍ତି ସୃଷ୍ଟି ଓ ସ୍ଥାନୀୟ ଲୋକଙ୍କ ପାଇଁ ଆର୍ଥିକ ସୁଯୋଗ ମଧ୍ୟ ବୃଦ୍ଧି ପାଇବ । ଏହା ସହିତ କେନ୍ଦ୍ର ସରକାରଙ୍କ ସବୁଜ ଖଣିଜ କରିଡର ପାଇଁ ବଜେଟରେ ପାଣ୍ଠି ଆବଣ୍ଟନକୁ ମଧ୍ୟ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି । ପ୍ରକଳ୍ପରେ ହିଣ୍ଡାଲକୋ ଦ୍ୱାରା ରୋପୱେ ଓ ଲଙ୍ଗ ଡିଷ୍ଟାନ୍ସ କନଭେୟର ସିଷ୍ଟମ ମାଧ୍ୟମରେ ବକ୍ସାଇଟ୍ ପରିବହନ କରିବା ପଦକ୍ଷେପ ସବୁଜ ଲଜିଷ୍ଟିକ୍ସରେ ଏକ ଦୃଷ୍ଟାନ୍ତ ହେବ । ପ୍ରେସ୍ ବୈଠକରେ ବିରିଗୁଡ଼ା କଲୋନୀର ବାସିନ୍ଦାମାନଙ୍କୁ ବିସ୍ଥାପିତ ବ୍ୟକ୍ତି ମାନ୍ୟତା ଦେବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି ।

## ଅଟୋଚାଳକର ଉନ୍ମତ୍ତକାଣ୍ଡ, ଗାଡି ଚଳାଚଳ ବ୍ୟାହତ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଅଟୋଚାଳକର ଉନ୍ମତ୍ତ କାଣ୍ଡ ପାଇଁ ପ୍ରାୟ ୧ଘଣ୍ଟା ଧରି ରୂପାଲି ଛକରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଦୁଇଟି ପିସିଆର୍ ପହଞ୍ଚି ଅଟୋଚାଳକକୁ ଥାନାକୁ ନେବା ପରେ ଗାଡି ଚଳାଚଳ ସ୍ୱାଭାବିକ ହେଲା । ଅଟୋଚାଳକ କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ନିଶାଶକ୍ତ ଅବସ୍ଥାରେ ରାସ୍ତା ଉପରେ ନିଜ ଗାଡିକୁ ପଲଟାଇ ଦେବା ସହ ପଥଚାରୀଙ୍କୁ ଗାଳିଗୁଲଜ କଲା । ଏପରିକି ପଥଚାରୀମାନଙ୍କୁ ଆକ୍ରମଣ କରିବାକୁ ଗୋଡାଇବାରୁ ଲୋକେ ଭୟଭୀତ ହୋଇ ଅଟକି ରହିଥିଲେ । କେତେକ ପଥଚାରୀ ପୋଲିସ କଣ୍ଟ୍ରୋଲକୁ ଫୋନ୍ କରି ଜଣାଇବା ପରେ ପିସିଆର୍ ପହଞ୍ଚିଥିଲା । ଗୋଟିଏ ପିସିଆର୍‌ରେ ୩/୪ଜଣ କର୍ମଚାରୀ ଥିବାରୁ ନିଶାଶକ୍ତ ଅଟୋଚାଳକ ସେମାନଙ୍କୁ ଧମକଚମକ ଦେଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା । ପରିସ୍ଥିତି ଅଣାୟତ୍ତ ହେବାରୁ ସେମାନେ ଆଉ ଏକ ପିସିଆର୍‌କୁ ଡାକିଥିଲେ । ୨ ନମ୍ବର ପିସିଆର୍ ପହଞ୍ଚିବା ପରେ ଦୁଇ ଗାଡିର କର୍ମଚାରୀ ମିଶି ମଦୁଆକୁ ନିୟନ୍ତ୍ରଣକୁ ନେଇଥିଲେ । ସେ ନିଜର ପୋଷାକପତ୍ର ଓହ୍ଲାଇ ସେଠାରେ ଏଭଳି କାଣ୍ଡ ଘଟାଇଥିଲା ଯେ, ପଥଚାରୀମାନେ ଭୟଭୀତ ହେବା ସ୍ୱାଭାବିକ । ତାକୁ ଖାରବେଳନଗର ଥାନାକୁ ନିଆଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହେବା ପାଇଁ କିଛି ସମୟ ଲାଗିଥିଲା ।

# ଏକାମ୍ର ମହାବିଦ୍ୟାଳୟରେ ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭୁବନେଶ୍ୱର (ସବ୍ୟୁ): ଏକାମ୍ର ମହାବିଦ୍ୟାଳୟରେ ଗତ ୨୮ ତାରିଖ ଠାରୁ ଚଳିତମାସ ୫ତାରିଖ ପର୍ଯ୍ୟନ୍ତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ. ରାଜଶ୍ରୀ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଂଯୋଜିକା ଡଃ. ସୁଜାତା ମିଶ୍ର ଏବଂ ଡଃ. ସୁଭଶ୍ରୀ ପ୍ରୀଦର୍ଶନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶକ୍ତିଶ୍ରୀ ସଂଯୋଜିକା ଡଃ. ନିବେଦିତା ମହାନ୍ତି, ଦିଲ୍ଲୀପ ମଲ୍ଲିମ, ମୋହନ କୁମାର ବଡମୁଣ୍ଡି, ଡଃ. ଅର୍ଚ୍ଚନା ମହାପାତ୍ର, ଡଃ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ତରିଥିଲେ । ପ୍ରଶିକ୍ଷିକା ଶ୍ରୀମତୀ ପୂଜାସେଠୀ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ତାଲିମ ଦେଇଥିଲେ ।

## ମୃତ୍ତିକା ସଂରକ୍ଷଣ ବିଭାଗ ସୂଚନା ଫଳକ ଦେଖି ତାତିଲେ ବିଧାୟକ, ଭିଡିଓ ଭାଇରାଲ



ବାରିପଦା, (ସବ୍ୟୁ) : ଉଦଘାଟନୀ ଉତ୍ସବକୁ ଯାଇ ସୂଚନା ଫଳକ ଦେଖି ତାତିଲେ ବିଧାୟକ, ବିଭାଗୀୟ ଅଧିକାରୀଙ୍କୁ ସର୍ବସମ୍ମୁଖରେ ମନ ଇଚ୍ଛା ଗାଳିଗୁଲଜ କରି ଉଦ୍ଘାଟନ ନକରି ଘଟଣାସ୍ଥଳରୁ ରାଗି ଚାଲିଗଲେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଘଟଣା ମୁତାବକ ନିକଟରେ ବଡ଼ସାହି ବ୍ଲକ ପାଉଁଶିଆ ପଞ୍ଚାୟତର କାଣିମହୁଲି ଗ୍ରାମରେ ହିତାଧିକାରୀ ବୁଧୁନୀ ହାଁସଦାଙ୍କ ଜମିରେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୱାଟରସେଡ୍ ମହୋତ୍ସବର ଉଦଘାଟନୀ ଉତ୍ସବ ରହିଥିଲା। ଯୋଉଠି ସ୍ଥାନୀୟ ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିବା ପାଇଁ ଯାଇଥିଲେ, ହେଲେ ଯୋଜନା ଫଳକରେ ପ୍ରୋଜେକ୍ଟ କୋଷ୍ଟ ଲେଖା ହୋଇନଥିବା ଦେଖି ବିଧାୟକ ହଠାତ୍ ରାଗିଯାଇଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ସର୍ବସମ୍ମୁଖରେ ଗାଳି ଫଜିତ୍ କରି ଘଟଣାସ୍ଥଳରୁ ଚାଲିଯାଇଥିଲେ। ଅନ୍ୟପକ୍ଷରେ ବିଧାୟକ, ଫଳକରେ କାହିଁକି ପ୍ରୋଜେକ୍ଟ ନାମ ଓ ଅଟକଳ ମୂଲ୍ୟ ଲେଖାଯାଇନଥିବା କାରଣ ପଚାରିବାରୁ ବିଭାଗୀୟ ପିଡି ମଳୟ ସାହୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ । ଏହି ଘଟଣାକୁ ନେଇ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ସାଧାରଣ ଲୋକେ ।

### ମୟୂରଭଞ୍ଜରେ ଦ୍ୱିତୀୟ ଦିନ

## ପାହାଡ଼ପୁର ଗ୍ରାମରେ ଉଦ୍ୟୋଗୀ ହେବାକୁ ରାଷ୍ଟ୍ରପତିଙ୍କ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନ ଅବସରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତା'ଙ୍କ ଶ୍ୱଶୁର ଘର ଗାଁ ପାହାଡପୁରକୁ ଗସ୍ତ କରିଛନ୍ତି। ପାହାଡପୁର ଗ୍ରାମରେ ପହଂଚି ପ୍ରଥମେ ଏସଏଲଏସ ଟ୍ରଷ୍ଟ ପରିସର ସ୍ଥିତ ସ୍ୱର୍ଗତଃ ଶ୍ୟାମ ଚରଣ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ ଓ ସିପୁନ ମୁର୍ମୁଙ୍କ ସମାଧି ସ୍ଥଳ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ମୁର୍ମୁ ଛକ ଠାରେ ତା'ଙ୍କ ସ୍ୱାମୀ ସ୍ୱର୍ଗତଃ ଶ୍ୟାମ ଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଗୋଶାଣି ସ୍ଥଳରେ ଭକ୍ତିପୂତ ପ୍ରଣାମ ଜଣାଇ ଜାହିରା ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରବର୍ତ୍ତୀ ସମୟରେ ଏଲ୍.ଆଣ୍ଡ.ଟି ଦକ୍ଷତା ବିକାଶ କେନ୍ଦ୍ରକୁ ଯାଇ ପ୍ରଶିକ୍ଷାର୍ଥୀଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ସେ ଶ୍ୟାମ ଚରଣ ମୁର୍ମୁ ପ୍ରାଥମିକ ଚକ୍ଷୁ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀ ତଥା ବନ୍ଧୁ ପରିଜନଙ୍କୁ ଭେଟି ଥିଲେ। ଏସଏଲଏସ ଟ୍ରଷ୍ଟରେ ପହଂଚି ଛାତ୍ରଛାତ୍ରୀଙ୍କ ସହ ଅଧ୍ୟୟନ ସମ୍ବନ୍ଧୀୟ ସ୍ନେହପୂର୍ଣ୍ଣ ଭାବବିନିମୟ କରିଥିଲେ। ବିଦ୍ୟାର୍ଥୀ ମାନେ ମହାମହିମ ରାଷ୍ଟ୍ରପତିଙ୍କୁ ନିକଟରେ ପାଇ ଏବଂ ତାଙ୍କ ସହିତ କଥୋପକଥନ କରିବା ସୁଯୋଗ ପାଇ ଖୁବ୍ ଆନନ୍ଦ ଅନୁଭବ କରିଥିଲେ। ଏହାପରେ ସେଠାରେ ଏଲ୍‌ଆଣ୍ଡ୍‌ଟିର ଦକ୍ଷତା ବିକାଶ କେନ୍ଦ୍ରରେ ବିଭିନ୍ନ ଟ୍ରେଡ଼ରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀ ଏବଂ ଏହି କେନ୍ଦ୍ରରୁ ପ୍ରଶିକ୍ଷିତ ହୋଇ ନିଯୁକ୍ତି ପାଇଥିବା ଯୁବକ ମାନଙ୍କ ସହ ଭାବ ବିନିମୟ କରିଆରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପିଲାମାନେ ମଧ୍ୟ ରାଷ୍ଟ୍ରପତିଙ୍କ ଆଗରେ ସେମାନଙ୍କ ଅନୁଭୂତି ବଖାଣିବା ସହ ଆବଶ୍ୟକତା ବିଷୟରେ କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଆଜି ସେ ଭାଷଣ ଦେବାପାଇଁ ଆସିନାହାନ୍ତି ବରଂ ପିଲାମାନେ କେମିତି ଅଛନ୍ତି ଜାଣିବା ପାଇଁ ଆସିଛନ୍ତି। ଆଜି ମୋ ମାଟିକୁ ପାଖରେ ପାଇବାର ମୋତେ ସୁଯୋଗ ମିଳିଛି ସେଥିପାଇଁ ମୁଁ ଖୁବ୍ ଆନନ୍ଦିତ ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ କି, ମୁଁ ଆଜି ଯେଉଁ ମାର୍ଗର ପଥିକ ସାଜିଛି ତାହା ମୋର ଅଭିଳାଷ ନଥିଲା, ମାତ୍ର ମୋର ବର୍ତ୍ତମାନ ସ୍ଥିତିର, ଶ୍ରେୟ କେବଳ ଏ ମାଟିର, ଏ ମାଟିର ଭାଇ ଭଉଣୀମାନଙ୍କ ସହଯୋଗର ଓ ଏ ମାଟିର ଜନତାଙ୍କର। ଆଜିର ଯୁବବର୍ଗ ଆଗାମୀ କାଲିର ଭବିଷ୍ୟତ। ଯୁବବର୍ଗ ମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି ମାତ୍ର ଏହା ଗାଁକୁ ପହଁଚୁଛି କି ନାହିଁ, ଯଦି ପହଂଚିଛି ତେବେ କେତେଦୂର ଏହା କାର୍ଯ୍ୟକାରି ହେଉଛି ଏବଂ ଏ ଗାଁର ଉନ୍ନତି ପାଇଁ କଣ ଅବଶ୍ୟକତା ଅଛି ସେ ବିଷୟରେ ପିଲାମାନଙ୍କ ଠାରୁ ଜାଣିବା ପାଇଁ ଚାହିଁ ଥିଲେ । ଏହି ଅବସରରେ କହିଥିଲେ ଯେ, ସେ ବହୁ କଷ୍ଟ ସାଧ କରି ପାହାଡପୁର ଭଳି ଗ୍ରାମରେ ଦିନେ ଛୋଟ ଚାରାଟିଏ ରୋପଣ କରିଥିଲେ, ଯାହାକି ଆଜି ମହାଦ୍ରୁମରେ ପରିଣତ ହେବା ସହ ଏହାର ଛାଇ ବହୁ ଜଣଙ୍କୁ ଆଶ୍ରୟ ଦେଉଛି। ସମସ୍ତ ବିଦ୍ୟାର୍ଥୀଙ୍କୁ ଭଲ ପାଠ ପଢି ବଡ ମଣିଷ ହେବା ପାଇଁ ଉପଦେଶ ଦେବା ସହ ପାଠ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଅନ୍ତର୍ନିହିତ ଦକ୍ଷତାକୁ ପ୍ରତିପାଦନ କରି ଆତ୍ମ ନିର୍ଭର ହେବା ପାଇଁ ଉତ୍ସାହିତ କରିଥିଲେ। ବର୍ତ୍ତମାନ ସମୟରେ ସମସ୍ତଙ୍କୁ ଚାକିରୀ ମିଳିବା ସହଜ ନୁହେଁ, ତେଣୁ ଚାକିରୀ ଅନ୍ୱେଷଣ ନକରି ଚାକିରୀ ଦେବା ପାଇଁ ନିଜ ଭିତରେ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଯୁବବର୍ଗଙ୍କୁ ଆହ୍ୱାନ ଜଣାଇଥିଲେ। ଯୁବବର୍ଗ ଆତ୍ମନିର୍ଭର ହେଲେ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ସମ୍ଭବ ବୋଲି ସେ କହିଥିଲେ। ତତ୍‌ସହିତ ଯେଉଁ ମାନଙ୍କ ଉଚ୍ଚ ଅଭିଳାଷ ଅଛି ମାତ୍ର ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଅଧାରୁ ପାଠ ପଢା ଛାଡି ରହିଛନ୍ତି ଏବଂ ଆଗକୁ ବଢ଼ିପାରୁ ନାହାନ୍ତି, ସେମାନଙ୍କୁ ନିଜର ଅଭିଳାଷ ପୂରଣ ପାଇଁ ଏଲଏନଟି ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଶିକ୍ଷଣ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ ସହ ଆଳତୀ, ପୂଜାର୍ଚ୍ଚନା କରିବା ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ଏବଂ ପ୍ରସାଦ ସେବନ କରିବା ସହ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ।



### ଗଜପତିରେ ବିଜେପି ନେତାଙ୍କ ଘର ଉପରେ ସଂଘବଧ ଆକ୍ରମଣ

## ୮ ଗିରଫ, ଶାନ୍ତି ପାଇଁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ବିଜେପି ନେତାଙ୍କ ବାସଭବନକୁ ସଂଘବଧ ଭାବେ ଆକ୍ରମଣ ଘଟଣାରେ ୮ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟକୁ ଚାଲାଣ କରିଥିବା ସୂଚନା ମିଳିଛି । ବର୍ତ୍ତମାନ ସେଠାରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ପାଇଁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି । ଘଟଣାରୁ ପ୍ରକାଶ, ଗତ ୨ ତାରିଖ ରାତ୍ରରେ ଗଜପତି ଜିଲ୍ଲାର ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗ୍ରାମରେ ବିଜେପି ନେତା ଶିବରାମ ସୁଆରଙ୍କ ବାସଭବନ ଉପରେ ସଂଘବଦ୍ଧ ଆକ୍ରମଣ ଘଟିଥିଲା। ଏହି ଘଟଣା ପରେ ଗତକାଲି ସକାଳ ଠାରୁ ଗଜପତି ଏସପି ଯତୀନ୍ଦ୍ର ନାଥ ପଣ୍ଡାଙ୍କ ନେତୃତ୍ୱରେ ୪ ପ୍ଲାଟୁନ ଫୋର୍ସ ଘଟଣା ସ୍ଥଳରେ ମୁତୟନ ରହି ସଂଘଠିତ ଉତ୍ତେଜନାକୁ ପ୍ରସମିତ କରିଥିଲେ. ଏହି ଆକ୍ରମଣ ଘଟଣାରେ ୧୫ ଜଣଙ୍କୁ ଅଟକ ରଖି ତଦନ୍ତ କରିବା ପରେ ଆଜି ସଂଘବଦ୍ଧ ଆକ୍ରମଣ ଘଟଣାର ପ୍ରକୃତ ଦୋଷୀ ଥିବା ୮ଜଣଙ୍କୁ ପୋଲିସ ଗିରଫ କରି କୋର୍ଟକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି. ଚାନ୍ଦିପୁଟ ଠାରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ପାଇଁ ଆଜି ମଧ୍ୟ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି ।

### ଘର ବାରଣ୍ଡାରେ ବସିଥିବା ବେଳେ ମାଡ଼ିଗଲା କାର, ଜଣେ ମୃତ

ଭଂଜନଗର, (ସବ୍ୟୁ): ଗାଙ୍ଗପୁର ଥାନା ଅନ୍ତର୍ଗତ, ଲୁଣିପଡା ଗାଁରେ ଘର ବାରଣ୍ଡାରେ ବସିଥିବା ବେଳେ, ମାଡିଗଲା ଚଳନ୍ତା କାର । ଘଟଣା ସ୍ଥଳରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଉଥିବା ବେଳେ, ରାସ୍ତାରେ ତାଙ୍କର ମୃତ୍ୟୁ । ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଣିପଡା ଗାଁ ନିକଟର ଘଟଣା । ମୃତକ ଜଣକ, ସେହି ଗାଁର ତ୍ରିନାଥ ନାୟକ (୬୫) । ଦୁର୍ଘଟଣା ଘଟାଇଥିବା କାର ଜବତ, ଡ୍ରାଇଭର ଅଟକ। ଏନେଇ ମୃତକଙ୍କ ଝିଅ, ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ, ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି । ଭଂଜନଗର ମେଡିକାଲରେ ମୃତ ଦେହକୁ ବ୍ୟବଚ୍ଛେଦ ପରେ, ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ନେଇ ଥାନାଧିକାରୀ, ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି ।

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

## ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ଉପରେ ଆଲୋଚନା



ଛତ୍ରପୁର, (ସବ୍ୟୁ): ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବିଭାଗୀୟ ସମୀକ୍ଷା ବୈଠକ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗଂଜାମ ଜିଲ୍ଲାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା, ପ୍ରଧାନମନ୍ତ୍ରୀ ଜନମନ, ସ୍ୱଚ୍ଛ ଭାରତ ମିଶନ - ଗ୍ରାମୀଣ (ଏସ୍ୱିଏମ୍-ଜି) ଅନ୍ତର୍ଗତ ବାହ୍ୟ ମଳମୁକ୍ତ ଗ୍ରାମ, ରାସ୍ତା, ପୋଲ, ପାନୀୟ ଜଳ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ନାଏକ ସମୀକ୍ଷା କରିଥିଲେ । ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଂକଳ୍ପ ବଦ୍ଧ। ଗଂଜାମ ଜିଲ୍ଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ନେଇ ମନ୍ତ୍ରୀ ଶ୍ରୀ ନାଏକ ସନ୍ତୋଷ ବ୍ୟକ୍ତ କରିବା ସହିତ ଲବଣାକ୍ତ ଜଳ ଯୋଗୁଁ ଜିଲ୍ଲାରେ ପାନୀୟ ଜଳ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସୁବଳ, ସୁନାପୁର ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ପାନୀୟ ଜଳ ପ୍ରକଳ୍ପଗୁଡିକୁ ୨/୩ ମାସ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ସାରିବା ପାଇଁ ସମ୍ପୃକ୍ତ ଏଜେନ୍ସି ମାନଙ୍କୁ ନିର୍ଦ୍ଦେଶ ଦେବା ସହ ଏଥିରେ ବ୍ୟତିକ୍ରମ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସମ୍ପୃକ୍ତ ଏଜେନ୍ସି ମାନଙ୍କୁ ଚେତାବନୀ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବାହ୍ୟ ମଳମୁକ୍ତ ଗ୍ରାମ ସମ୍ପର୍କରେ ସମୀକ୍ଷା କରି ସେ ସନ୍ତୁଷ୍ଟି ପ୍ରକାଶ କରିବା ସହିତ ଗାଁ ଗୁଡିକୁ କିପରି ପଲିଥିନ ମୁକ୍ତ କରାଯାଇପାରିବ ସେ ନେଇ ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଭଳି ପ୍ରୟାସ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି । ଖୁବଶୀଘ୍ର ଏକ ଦଳ ସୁନ୍ଦରଗଡ ଜିଲ୍ଲା ଗସ୍ତ କରି ସେ ସମ୍ପର୍କିତ ପଦକ୍ଷେପ ବିଷୟରେ ଅବଗତ ହେବେ। ସେହିପରି ଗ୍ରାମୀଣ ଆବାସ ଯୋଜନା ଉପରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି ଯେ, ସମସ୍ତ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଗଞ୍ଜାମ ଜିଲ୍ଲାର ୧୫୦ ଜନସଂଖ୍ୟା ବିଶିଷ୍ଟ ୧୬ଟି ଦୂରବର୍ତ୍ତୀ ଗାଁକୁ ଆସନ୍ତା ବର୍ଷ ସୁଦ୍ଧା ରାସ୍ତା ପହଂଚିବ । ଏହାର ଡିପିଆର ପ୍ରସ୍ତୁତ ଚାଲିଛି। ଖୁବଶୀଘ୍ର ରାସ୍ତା ନିର୍ମାମାଣ ହେବ ଏବଂ ଜନସାଧାରଣ ଉପକୃତ ହେବେ। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ କିପରି ଅଧିକରୁ ଅଧିକ ଲୋକ କାମ କରିବେ ଓ ଶ୍ରମିକ କାର୍ଡ ନବୀକରଣ ଉପରେ ପ୍ରାଧାନ୍ୟ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି କୀର୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦ ର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବରିଷ୍ଠ ବିଭାଗୀୟ ଅଧିକାରୀ ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗ ଦେଇଥିଲେ।

### ଗୋଲିଆରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି

## ଜଳ ଯୋଗାଣ ଠପ୍, ଲୋକେ ହଟହଟା

ବୁଗୁଡ଼ା, (ସବ୍ୟୁ) : ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଗ୍ରାମରେ ଏକ ସପ୍ତାହ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯୋଗୁଁ ପମ୍ପ ହାଉସ୍ ମୋଟର ଅଚଳ ହୋଇଯାଇଛି। ଫଳରେ ଜଳ ଯୋଗାଣ ପୁରାପୁରି ଠପ୍ ହୋଇଯାଇଛି। ଲୋକେ ପାଣି ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ସେତେଟା ବ୍ୟବହାରରେ ଆସୁନଥିବା କୂପ ଓ ନଳକୂପ ଗୁଡିକ ଉପରେ ଲୋକେ ନିର୍ଭର କରିବାକୁ ବାଧ ହେଉଛନ୍ତି । ଗାଁର କୂପ ଓ ନଳକୂପ ଗୁଡିକରେ ପାଣି ପାଇଁ ଭିଡ ଜମୁଛି। ବହୁ ବିଳମ୍ବରେ ନଳକୂପରୁ ପାଣି ହାଣ୍ଡିଏ କିମ୍ବା ବାଲଟିଏ ମିଳୁଛି। ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏଣୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଆମ୍ବ ତୋଟାରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ିଆବୋରଦା ଗ୍ରାମ ନିକଟସ୍ଥ ଏକ ଆମ୍ବ ତୋଟାରୁ ଗୋଟିଏ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ଜଣାଯାଇଛି। ମୃତ ଯୁବକ ଜଣକ ବେଲଗୁଣ୍ଠା ଥାନା ଅଧିନସ୍ଥ ଇନ୍ଦ୍ରଗଡ ଗ୍ରାମର ଶ୍ରୀକାନ୍ତ କୁମାର ସ୍ୱାଇଁ। ଏନେଇ କେସ୍ ନଂ ୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଶ୍ରୀକାନ୍ତ ପିଲାବେଳୁ ଗୌଡିଆବୋରଦା ମାମୁଁ ଘରେ ରହୁଥିବା ବେଳେ ସେ କିଡ଼ିନି ରୋଗରେ ଆକ୍ରାନ୍ତ ହୋଇଥିଲେ ଛ ରୋଗକୁ ନେଇ ସେ ମାନସିକ ଚିନ୍ତାରେ ରହିଥିବା ବେଳେ ଗତ ମାସ ୧୬ ତାରିଖରୁ ନିଖୋଜ ଥିଲେ । ଆଜି ସକାଳୁ ଗ୍ରାମର କିଛି ଲୋକ ଆମ୍ବ ତୋଟାକୁ ଯାଇଥିବା ସମୟରେ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି ପରେ ଗଛରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ମାନସିକ ଅବସାଦରେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ସନ୍ଦେହ କରୁଥିବା ବେଳେ ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି ।

### ବ୍ଲକ୍‌ସ୍ତରୀୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା

## ସାଇବିଦ୍ୟା ମନ୍ଦିରର ସଫଳତା



ଆଦ୍ୟାଶା ନାଏକ ଯଶରାଜ ରାଉତ ସ୍ୱାଗତ ପରିଡା

ବାରିପଦା, (ସବ୍ୟୁ) : ବାରିପଦା ବ୍ଲକ ସ୍ତରୀୟ ବୃତ୍ତି ପରୀକ୍ଷାର ଫଳାଫଳ ପ୍ରକାଶିତ ହୋଇଛି। ଏଥିରେ ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଅପୂର୍ବ ସଫଳତା ହାସଲ କରି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଅନୁଷ୍ଠାନର ତୃତୀୟ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଆଦ୍ୟାଶା ନାଏକ, ଛାତ୍ର ଶ୍ରୀମାନ ସ୍ୱାଗତ କୁମାର ପରିଡା ସଫଳତା ହାସଲ କରି ଗର୍ବ ଓ ଗୌରବର ଅଧିକାରୀ ହୋଇଛନ୍ତି। ସେହିପରି ପଞ୍ଚମ ଶ୍ରେଣୀର ଛାତ୍ର ଶ୍ରୀମାନ ଯଶରାଜ ରାଉତ ବାରିପଦା ବ୍ଲକ ସ୍ତରୀୟ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଅନୁଷ୍ଠାନର ପାଇଁ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଡଃ ପ୍ରଭଞ୍ଜନ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ସମ୍ପାଦିକା ପ୍ରିତୀସ୍ମିତା ରାଉତ, ସିଇଓ ଚକ୍ରଧର ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମିଶ୍ର କୃତି ଛାତ୍ରଛାତ୍ରୀଙ୍କୁ ଆଶିର୍ବାଦ ପ୍ରଦାନ କରିଛନ୍ତି। ଏଇ ସଫଳତା ପାଇଁ ନିର୍ଦ୍ଦେଶକ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି।

### ସୁନାବେଡ଼ାରେ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କଲା ଟିପିଏସ୍‌ଓଡିଏଲ୍

## ୭,୦୦୦ ଉପଭୋକ୍ତାଙ୍କୁ ମିଳିବ ଗୁଣାତ୍ମକ ବିଜୁଳି



ବ୍ରହ୍ମପୁର, (ସବ୍ୟୁ): କୋରାପୁଟ ଜିଲ୍ଲା ସୁନାବେଡ଼ା ଓ ଆଖପାଖ ଅଞ୍ଚଳରେ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଭିତ୍ତିଭୂମି ବିକାଶ କରାଯାଇଛି । ଟ୍ରାନ୍ସଫର୍ମରର କ୍ଷମତା ବୃଦ୍ଧି ଓ ବିଜୁଳି ଲାଇନର ଉନ୍ନତୀକରଣ କରାଯାଇ ସମଗ୍ର ଅଞ୍ଚଳରେ ଭୋଲଟେଜ ସ୍ଥିରତା ଆଣିବା ସହ ଭରସାଯୋଗ୍ୟ ବିଜୁଳି ଯୋଗାଣ ଦିଗରେ କାର୍ଯ୍ୟ କରାଯାଇଛି। ଟିପିଏସ୍‌ଓଡିଏଲ୍ ସୁନାବେଡ଼ା ପ୍ରାଇମେରୀ ସବଷ୍ଟେସନରେ ଏକ ନୂତନ ୮ ଏମଭିଏ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରାଯାଇଛି । ଫଳରେ ସବଷ୍ଟେସନର ସାମଗ୍ରିକ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି । ସୁନାବେଡ଼ା ଅଞ୍ଚଳରେ ତ୍ୱରିତ ବେଗରେ ବଢୁଥିବା ବିଜୁଳି ଚାହିଦାକୁ ମେଣ୍ଟାଇବା ଦିଗରେ ଏହି ନୂତନ ଭିତ୍ତିଭୂମି ସହାୟକ ହେଉଛି ସବଷ୍ଟେସନର କ୍ଷମତା ବଢିବା ପରେ ଭୋଲଟେଜ ସମସ୍ୟା ଦୂର ହୋଇଛି । ବିଜୁଳି ଯୋଗାଣରେ ସ୍ଥିରତା ଆସିଛି ଓ ବିଜୁଳି ପରିଚାଳନା ଅଧିକ ବ୍ୟବସ୍ଥିତ ହୋଇପାରିଛି । ଭିତ୍ତିଭୂମି ମରାମତି ସମୟରେ ଉପଭୋକ୍ତାମାନେ ଅନାବଶ୍ୟକ ବିଜୁଳି ବ୍ୟାହତର ସାମ୍ନା କରୁନାହାଁନ୍ତି । ଅତିରିକ୍ତ ଫିଡର ଓ ଅତିରିକ୍ତ ଟ୍ରାନ୍ସଫର୍ମର ଯୋଗେ ଅଞ୍ଚଳକୁ ବିଜୁଳି ଯୋଗାଣ ଜାରି ରହୁଛି ସୁନାବେଡ଼ା ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ୭ ହଜାର ଉପଭୋକ୍ତାଙ୍କୁ ଏହି ଗୁଣାତ୍ମକ ସେବା ମିଳିପାରିଛି । ଏଥି ମଧ୍ୟରେ - ସୁନାବେଡ଼ା ଏନଏସି ଟାଉନ, ସୁନାବେଡ଼ା ଏନଏସି ଗ୍ରାମୀଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଜାଡ଼ଗୁଡ଼ା ଓ ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଅନେକ ଅଞ୍ଚଳ ସାମିଲ ରହିଛି ସୁନାବେଡ଼ା କୋରାପୁଟ ଜିଲ୍ଲାର ଏକ ପ୍ରମୁଖ ଶିଳ୍ପକେନ୍ଦ୍ର । ଏଠାରେ ଭାରତ ସରକାରଙ୍କର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ଏଚ୍.ଏ.ଏଲ୍)ର ଇଞ୍ଜିନ ଡିଭିଜନ ରହିଛି । ଯାହାଫଳରେ ଏହି ଅଞ୍ଚଳର ଦ୍ରୁତ ସହରୀକରଣ ହେଉଛି । ସେହିଭଳି ସୁନାବେଡ଼ା ଏହାର ପ୍ରାକୃତିକ ପରିବେଶ, ଆଦିବାସୀ ସଂସ୍କୃତି, ଓ ପର୍ଯ୍ୟଟନ ସମ୍ଭାବନା ପାଇଁ ଜଣାଶୁଣା । ତେଣୁ ଏଠାରେ ବିଜୁଳି ଚାହିଦା କ୍ରମାଗତ ଭାବେ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ବିକାଶ କରାଯାଇଛି କମ୍ପାନୀ ନିଜର ପ୍ରାଇମେରୀ ସବଷ୍ଟେସନର କ୍ଷମତା ବୃଦ୍ଧି ବ୍ୟତୀତ ସୁନାବେଡ଼ା ଗ୍ରୀଡ୍ ସବଷ୍ଟେସନରୁ ପ୍ରାଇମେରୀ ସବଷ୍ଟେସନକୁ ସଂଯୋଗ କରୁଥିବା ୩୩ କେଭି ଲାଇନର ନବୀକରଣ କାର୍ଯ୍ୟ ମଧ୍ୟ କରିଛି । ଉଚ୍ଚମାନର କଣ୍ଡକ୍ଟରକୁ ବ୍ୟବହାର କରି ଉନ୍ନତ ବିଜୁଳି ଯୋଗାଣ ସୁନିଶ୍ଚିତ କରାଯାଇଛି । ବୈଦ୍ୟୁତିକ ଭାରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଇମେରୀ ସବଷ୍ଟେସନରେ ବସ୍ ବାର୍ ବ୍ୟବସ୍ଥା ସ୍ଥାପନ କରାଯାଇ ଆଭ୍ୟନ୍ତରୀଣ ପରିଚାଳନାକୁ ମଜଭୁତ କରାଯାଇଛି ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଦ୍ରୁତ ବିକାଶଶୀଳ ସହରାଞ୍ଚଳଗୁଡ଼ିକର ବିଜୁଳି ଚାହିଦାକୁ ମେଣ୍ଟାଇବା କ୍ଷେତ୍ରରେ କମ୍ପାନୀ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି । ଭିତ୍ତିଭୂମି ନବୀକରଣ କାର୍ଯ୍ୟ କ୍ରମାଗତ ଭାବେ ଜାରି ରହିଛି । ସୁନାବେଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟର ଅନେକ ସମ୍ଭାବନା ରହିଛି । ଏହି ପ୍ରକ୍ରିୟାରେ ଗୁଣାତ୍ମକ ବିଜୁଳି ଯୋଗାଣର ଆବଶ୍ୟକତାକୁ ଅନୁଭବ କରି ଆମେ ଭିତ୍ତିଭୂମି ବିକାଶ କରୁଛୁ । ଯାହାଫଳରେ ଉପଭୋକ୍ତାମାନେ ଉନ୍ନତ ଜୀବନଶୈଳୀ ଓ ଭରସାଯୋଗ୍ୟ ବିଜୁଳି ସେବା ପାଇପାରୁଛନ୍ତି ।

## ବୀରଗୌରବ ପ୍ୟାରୀମୋହନ ସାମନ୍ତରାୟଙ୍କ ଜୟନ୍ତୀ



କଟକ, (ସ୍ୱପ୍ର): ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ପଦାଧୀକାରୀ ସ୍ୱର୍ଗତ ପ୍ୟାରୀମୋହନ ସାମନ୍ତରାୟଙ୍କ ୧୦୯ତମ ଜୟନ୍ତୀ ସମାରୋହ ପ୍ୟାରୀମୋହନ -ପ୍ରମିଳା ଟ୍ରଷ୍ଟ ତରଫରୁ ସଭାପତି ସୁବ୍ରତ ସାମନ୍ତରାୟଙ୍କ ସଭାପତିତ୍ୱରେ ଗୁରୁବାର ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଯୁବରାଜ ଦେବତା, ସୁଧିର ବେହେରା, ମୁରବୀ ଯୁଗଳ କିଶୋର ନାୟକ, ବିଶ୍ୱନାଥ ସାମଲ, ପ୍ରଦ୍ୟୁମ୍ନ ସାମନ୍ତରାୟ, ସୋନାଲି ସାମନ୍ତରାୟ, ସାରଦା ପ୍ରସାଦ ପ୍ରଧାନ, ଅକ୍ଷୟ ପଣ୍ଡା, ଡମ୍ବରୁଧର ମହାନ୍ତି, ଆଶିଷ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦେବୀପ୍ରସାଦ ମହାନ୍ତି ପ୍ରତ୍ୟୁଷ ବଳ, ଯୁବରାଜ ଦେବତା, ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାମନ୍ତରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ପ୍ରଦୀପ ପଜ୍ୱଳନ କରି ସମାରୋହକୁ ଉଦଘାଟନ କରିଥିଲେ । ସ୍ୱର୍ଗତ ସାମନ୍ତରାୟ ଜଣେ ଦକ୍ଷ ପ୍ରଶାସକ ଓ ସୁଲେଖକ ଭାବେ ବେଶ ପରିଚିତ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ ପରେ ସୁନାମଧନ୍ୟ କଣ୍ଠ ଶିଳ୍ପୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା । ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ର ମହାପାତ୍ର, ବଂଶୀଧର ନାୟକ, ସୁବୋଧ ମିଶ, ଇପ୍ସିତା ସାମନ୍ତରାୟଙ୍କ ସମେତ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ,ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିପିଆଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



ମହାକାଳପଡ଼ା ,(ସବ୍ୟୁ) : ୧୬ଦଫା ଦାବି ନେଇ ସିପିଆଇ ତରଫରୁ ଗୁରୁବାର ଦିନ ଏକ ଦାବୀପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ସିପିଆଇର ବହୁ ବରିଷ୍ଠ କମ୍ରେଡମାନଙ୍କ ସହିତ ସ୍ଥାନୀୟ ଚାଷୀମାନେ ସାମିଲ ହୋଇଥିଲେ ।, ମହାକାଳପଡା ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା, ଚାଷୀ ଙ୍କୁ ଏକର ପିଛା ୫କୋଟି ଟଙ୍କା କ୍ଷତିପୁରଣ,ଚାଷୀ ମାନଙ୍କୁ ଜମି ପଟ୍ଟା ପ୍ରଦାନ ପାଇଁ ଦାବିରହଛି ୀ ଜମ୍ବୁ – ମାର୍ଶାଘାଇ କେନାଲର ପୁନଃରୁଦ୍ଧାରଓ ଶିଳ୍ପ ବିହୀନ କେନ୍ଦ୍ରାପଡା ରେ ତ୍ୱରିତ ଶିଳ୍ପାୟାନ ଦାବି ରହିଛି । ବଟୀଘର ଅଞ୍ଚଳକୁ ଗମନା ଗମନ ନିମନ୍ତେ ସେତୁ ନିର୍ମାଣ, ଧାନ କିଣାରେ ତୋଷରପାତରୁ ବିରତି ସମେତ ୧୬, ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିପି ଆଇ ତରଫରୁ ଅତିରିକ୍ତ ତହସିଲ ଦାରଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ଚୌଧୁରି ସଭାପତିତ୍ୱ କରିଥିବା ବେଳେ ରମଣୀ ରଞ୍ଜନ ରାଉତରାୟ, ପରିବେଶ ବିତ ଚିନ୍ମୟ ଦାସ,ଆଦିଙ୍କନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା ପ୍ରମୋଦ କୁମାର ସ୍ୱାଇଁ ଆଦି ଉପସ୍ଥିତ ଥିଲେ ।

## ବିଶ୍ୱ କର୍କଟ ଦିବସ ପାଳିତ

କେନ୍ଦ୍ରାପଡା, (ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ କର୍କଟ ରୋଗୀଙ୍କୁ ସଚେତନତା କରାଉଥିବା, କେମୋ ଦେଉଥିବା ତଥା ଜିଲ୍ଲା କର୍କଟ ରୋଗ ଅଧିକାରୀ ଭେଷଜ ବିଶେଷଜ୍ଞ ବରିଷ୍ଠ ଡାକ୍ତର ଶ୍ରୀକାନ୍ତ ସ୍ୱାଇଁ ଏବଂ କଳ୍ପନା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।



ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ରାଜଭବନ ସମ୍ମୁଖରେ ଏହି ବିଶିଷ୍ଟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ ।

# ଗାଁରେ ହେଲା ଅକାଳ ବିୟୋଗ ଅଧ୍ୟାପକଙ୍କ ଶେଷକୃତ

ବାଲିଚନ୍ଦ୍ରପୁର,(ସବ୍ୟୁ): ବିଭୁତି ଚଢ଼େଇଧରାସ୍ଥିତ ଜଗନ୍ନାଥଜିୟୁ ମହାବିଦ୍ୟାଳୟରେ ତର୍କଶାସ୍ତ୍ର ଅଧ୍ୟାପକ ଭାବେ କାର୍ଯ୍ୟରତ ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତସ୍ଥିତ ଆମ୍ବସୌରୀ ଗ୍ରାମର ବିଭୁତି କୁମାର ନାୟକ (୫୩)ଙ୍କର ଅକାଳ ବିୟୋଗ ଘଟିଥିବା ବେଳେ ଗୁରୁବାର ଦିନ ତାଙ୍କ ଶେଷକୃତ୍ୟ ଗାଁ ମଶାଣିରେ କରାଯାଇଛି । ଗୁରୁବାର ଶବ ବ୍ୟବଚ୍ଛେଦ ପରେ ବଡ଼ଚଣାରୁ ବାଲିଚନ୍ଦ୍ରପୁର ଦେଇ ନିଜ ଗାଁ ଆମ୍ବସୌରୀକୁ ଯିବା ସମୟରେ ବାଲିଚନ୍ଦ୍ରପୁର ବଜାରରେ ଅନେକ କଲେଜ ଓ ବିଦ୍ୟାଳୟର ଅଧ୍ୟାପକ, ଶିକ୍ଷକ, ସମାଜସେବୀ, ବୁଦ୍ଧିଜୀବୀ ମାନେ ବାଲିଚନ୍ଦ୍ରପୁରରେ ଅପେକ୍ଷାରତ ଥିବା ବେଳେ ମରଶରୀର ପହଞ୍ଚିବା ପରେ ସେଠାରେ ବିଭୁତିଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରି ଶହ ଶହ ଲୋକ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଏକ ଶୋଭାଯାତ୍ରାରେ ମରଶରୀରକୁ ନିଜ ଗାଁ ଆମ୍ବସୌରୀକୁ ନିଆଯିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ମରଶରୀର ନିକଟରେ ଭାଇ ବିନୋଦ ନାୟକ, ବିଚିତ୍ର ନାୟକ, ସାନ ଭାଇ ସାମ୍ବାଦିକ ବୀରେନ୍ଦ୍ର ନାୟକ ଉପସ୍ଥିତ ଥିବା ବେଳେ ଏକ ମାତ୍ର ପୁତ୍ର ବିନାୟକ ନାୟକ ମୁଖାଗ୍ନି ଦେଇଥିଲେ। ଉକ୍ତ ଶବ ଶୋଭାଯାତ୍ରାରେ ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା, ସଂଗ୍ରାମ କୁମାର ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାକର ଜେନା, ପ୍ରାକ୍ତନ ଅଧ୍ୟାପକ ପ୍ରମୋଦ କୁମାର ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡା, ପ୍ରାକ୍ତନ ଜିଲ୍ଲା ପରିଷଦ ଶାରଦା ପ୍ରସନ୍ନ ମହାନ୍ତି, ସମାଜସେବୀ ଅନନ୍ତ ଦେବଦର୍ଶୀ, ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର କୁମାର ଶତପଥି, ସାମ୍ବାଦିକ ଅମରେନ୍ଦ୍ର ସିଂହ, ପ୍ରଦୀପ୍ତ କୁମାର ପୃଷ୍ଟି, ଉତ୍କଳ କେଶରୀ ସାମଲ, ପ୍ରବାସ କୁମାର ଦାଶ, ଅଜୟ କୁମାର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ଏକାଦଶୀ ସେଠୀ, ପ୍ରାକ୍ତନ ସରପଂଚ ବିଳାସ ଚନ୍ଦ୍ର ବାରିକ, ଆଇନଜୀବୀ ପ୍ରତାପ ଚନ୍ଦ୍ର ନାୟକ, ଶ୍ରୀନିବାସ ମହାନ୍ତି, ପ୍ରାଣକୃଷ୍ଣ ରାଉତରାୟ ପ୍ରମୁଖ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୂଚନାଯୋଗ୍ୟ ଯେ ।ପ୍ରକାଶ ଥାଉକି ଗତ କାଲି ବୁଧବାର ଅପରାହ୍ନରେ ସେ କଲେଜରେ କାଯର୍ଯରତ ଥିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ବେହୋସ ହୋଇପଡ଼ିଥିଲେ। ମହାବିଦ୍ୟାଳୟର କାର୍ମଚାରୀ ମାନେ ତାଙ୍କୁ ତୁରନ୍ତ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡ଼ାକ୍ତର ପରୀକ୍ଷାନିରିକ୍ଷା କରିବା ପରେ ବିଭୁତିଙ୍କୁ ମୃତ ଘୋଷଣା କରିଥିଲେ।

# ୨ ମାସ ହେଲା ଗାଁକୁ ଜଳ ଯୋଗାଣ ବନ୍ଦ

ଆଳି , (ସବ୍ୟୁ) : କ୍ଷତିଗ୍ରସ୍ତ ପାଣି ପାଇପ ଲାଇନ ମରାମତି ଅଭାବରୁ କୋଳି ଡିହ ପଞ୍ଚାୟତର ତଅଁଳାଡ଼ିଆ ଗ୍ରାମକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ ଭାବେ ବନ୍ଦ ହୋଇ ଯାଇଥିବା ଅଭିଯୋଗ ହୋଇଛି । ଗତ ଦୁଇ ମାସ ପୂର୍ବରୁ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଥିବା ପାଇପ ଲାଇନ ଫାଟି ଯାଇଥିଲା । ଏହି ସମସ୍ୟା ସମ୍ପର୍କରେ ଅନେକ ଥର ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେବି ଏଯାବତ ପାଇପ ଲାଇନ ମରାମତି କାରଯଯ ହୋଇ ପାରିନାହିଁ । ପାଇପ ଲାଇନ ମରାମତି ନହୋଇ ମରାମତି ବାବଦକୁ ପଞ୍ଚାୟତ ପାଣ୍ଠିରୁ ଗତ ୨୫ ରୁ ମିଥ୍ୟା ବିଲ କରି ୫୪ ହଜାର ଟଙ୍କା ପୈଠ କରା ଯାଇଥିବା ଅଭିଯୋଗ ହୋଇଛି । ଆଗକୁ ଖରାର ପ୍ରକୋପ ଧୀରେ ଧୀରେ ବଢ଼ିବାକୁ ଲାଗିଥିବାରୁ ଭବିଷ୍ୟତରେ ଗ୍ରାମବାସୀ ଜଳ ସଙ୍କଟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏଣୁ ଘଟଣାର ତଦନ୍ତ କରି ଗ୍ରାମ କୁ ଯଥା ଶୀଘ୍ର ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ରବୀନ୍ଦ୍ର କୁମାର ମହାନ୍ତି,ନିହାର ରଞ୍ଜନ ମହାନ୍ତି, ରଙ୍ଗାଧର ମହାନ୍ତି, ସୁବାଷ ଚନ୍ଦ୍ର ଲେଙ୍କା,ଅନନ୍ତ ଚରଣ ମହାନ୍ତି ଏବଂ ୱାର୍ଡ ମେମ୍ବର ସୁକୁମାରୀ ମହାନ୍ତି ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି

# ୯ ରୁ ୧୩ ସୁକିନ୍ଦା ଶିଳ୍ପ ମହୋତ୍ସବ

ଦାନଗଦି, (ସବ୍ୟୁ): ସୁକିନ୍ଦା ବିଧାୟକ ତଥା ଓଡ଼ିଶା ସରକାରଙ୍କ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପ୍ରୟାସରେ ଆସନ୍ତା ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ସୁକିନ୍ଦା ମହୋତ୍ସବ ଅନୁଷ୍ଠିତ ହେବ। ଗୁରୁବାର ଦିନି ସୁକିନ୍ଦାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇ ସମସ୍ତ ତଥ୍ୟ ସାମ୍ବାଦିକମାନଙ୍କ ସମ୍ମୁଖରେ ରଖାଯାଇଛି। ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପ୍ରତିନିଧି ତଥା ସୁକିନ୍ଦା ଶିଳ୍ପ ମହୋତ୍ସବର ସଭାପତି ପ୍ରସାନ୍ତ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ସମସ୍ତ ସାମ୍ବାଦିକଙ୍କୁ ଆମନ୍ତ୍ରଣ କରାଯାଇ ମହୋତ୍ସବକୁ ସଫଳ କରିବା ପାଇଁ ସହଯୋଗ କାମନା କରାଯାଇଥିଲା।ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ସମୟରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମର ସାରାଂଶ ଉପସ୍ଥାପନ କରାଯାଇଥିଲା।। ଲୋକମାନଙ୍କ ମନୋରଞ୍ଜନ ପାଇଁ ବହୁ ଓଲିଉଡ ଓ ବଲିଉଡ ଚଳଚ୍ଚିତ୍ର ତାରକାଙ୍କ ଉପସ୍ଥିତି ସହିତ ରାଜ୍ୟର ବହୁ ବିଧାୟକ ଓ ମନ୍ତ୍ରୀଙ୍କ ଯୋଗଦାନର କାର୍ଯ୍ୟକ୍ରମ ମଧ ରହିଥିବା ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସଭାପତି ପ୍ରସାନ୍ତ ରାୟ, ସଂପାଦକ ସୁଧାଂଶୁ ଭଞ୍ଜ, ସହ–ସଂପାଦକ ବାବୁଲି ନାଗିଆ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସୁପୁତ୍ର ସବ୍ୟସାଚୀ ବଳସାମନ୍ତ, ପ୍ରତାପ ଧିର, ଜଗବନ୍ଧୁ ଦାସ, ବଇନ ରାଉତ, କୃପାସିନ୍ଧୁ ସାମନ୍ତରାୟ, ମାନସ ରଣା ସହିତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

# ଜିଲ୍ଲା ପ୍ରଦେଶ କଂଗ୍ରେସ ଉପସଭାପତିଙ୍କୁ ସମ୍ବର୍ଦ୍ଧନା



ରଘୁନାଥପୁର ,(ସବ୍ୟୁ) :ରଘୁନାଥପୁର ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ ନବଗଠିତ ଜିଲ୍ଲା ପ୍ରଦେଶ କଂଗ୍ରେସ କମିଟିର ଉପ ସଭାପତି ଭାବେ ଘୋଷଣା ପରେ ବ୍ଲକ କଂଗ୍ରେସ ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରୀ ଦାସ ଦୀର୍ଘ ଦିନ ଧରି ବ୍ଲକ କଂଗ୍ରେସର ଜଣେ ଟାଣୁଆ ସଦସ୍ୟ ଓ ସୁସଂଗଠକ ଭାବେ କାର୍ଯ୍ୟ କରି ଦଳୀୟ କର୍ମୀ ମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଥି ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିରେ ଉପ ସଭାପତି ଭାବେ ମନୋନୀତ କରା ଯାଇଥିବା ବେଳେ ଦଳର ବିମଳା କାନ୍ତ ଦାସ, ପ୍ରଦିପ୍ତ ନାୟକ,ପ୍ରଭାକର ସୱାଇଁ, ନାରାୟଣ ନାୟକ,ରାଜା ରାଟସିଂ, ବିଜୟ କୁମାର ଦାସ,ବସନ୍ତ ଦାଶ, ବସନ୍ତ ସ୍ୱାଇଁ,ଶାରଦା ଜେନା, ତ୍ରିଲୋଚନ ରାଉତ,ଅଜୟ ସ୍ୱାଇଁ, ବିଶ୍ୱଜିତ ମହାନ୍ତି,ପ୍ରଦିପ ସ୍ୱାଇଁ,ବିଭୁ ରଂଜନ ସ୍ୱାଇଁ ,ବ୍ରଜ ମଲ୍ଲିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏଥି ସହିତ ଅନୁରୂପ ଭାବେ ରଘୁନାଥପୁର ବ୍ଲକ କଂଗ୍ରେସର ନୂତନ ସଭାପତି ଭାବେ ଆର୍ତ୍ତତ୍ରାଣ ପଣ୍ଡା ମନୋନୀତ ପରେ ବ୍ଲକ କଂଗ୍ରେସ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥି ସହିତ ବ୍ଲକ ଓ ଜିଲ୍ଲା କଂଗ୍ରେସ କମିଟି ଗଠନ ପରେ କର୍ମୀ ମାନଙ୍କ ମଧ୍ୟରେ ଏକ ନୂତନ ଉଦ୍ଦିପନା ଦେଖାଯାଇଛି।

# କଲଣ କ୍ଲଷ୍ଟର ଶିକ୍ଷା ସହଭାଗିତା ମାସିକ ବୈଠକ

କୁଆଖିଆ , (ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶୁଳିଆରେ କଲଣ କ୍ଲଷ୍ଟର ସ୍ତରୀୟ ପ୍ରଧାନ ଶିକ୍ଷକ ଓ ଏଫ ଏଲ ଏନ ମାସିକ ବୈଠକ ସି ଆର ସି ସି ବିରଜା ଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ୀ ମଧୁପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଶମଣୀ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ ।ସର୍ବଶ୍ରୀ ଗୁରୁକୁଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ନାୟକ, ସରପଞ୍ଚ ଜିତେନ୍ଦ୍ର କୁମାର ପାତ୍ର, ଏମ ଇ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଶତପଥୀ, ପ୍ରାଥମିକ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ରାଉତ, ଏସ ଏମ ସି ସଭାପତି ଶୁଭେନ୍ଦୁ କୁମାର ସାହୁ, ଜୟନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେଯୋଗ ଦେଇ ସପ୍ତମ ସହାଭାଗିତାରେ ବାର୍ଷିକ ପରୀକ୍ଷା, ମୂଲ୍ୟାୟନ, ଏଫ ଏଲ ଏନ, ବିଭିନ୍ନ ପ୍ରକାର ଏକ୍ସଟ୍ରା ଆକଟିଭିଟି ଉପରେ ଆଲୋଚନା ହୋଇଥିଲା । ଏହାକୁ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ପାଣିଗ୍ରାହୀ, ସାବିତ୍ରୀ ଲତା ସାହୁ, ଜ୍ୟୋର୍ତିମୟୀ ମିଶ୍ର, ଦିପ୍ତି ରଞ୍ଜନ ଦାଶ, ସୁଶାନ୍ତ କୁମାର ସାହୁ ଓ ଅନ୍ୟ ଶିକ୍ଷକ ମିଶିକି ପରିଚାଳନା କରିଥିଲେ।

# ଟ୍ୟାଙ୍କର ଯୋଗେ ବିଶୁଦ୍ଧ ଜଳ ଯୋଗାଣର ଶୁଭାରମ୍ଭ

ଧର୍ମଶାଳା, (ସବ୍ୟୁ) :ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଟ୍ୟାଙ୍କର ଯେଗେ ଜଳ ଯୋଗାଣ କାର୍ଯ୍ୟକ୍ରମର ଗୁରୁବାର ଦିନ ଶୁଭାରମ୍ଭ ହୋଇଯାଇଛି । ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି,ଅତିଥି ଭାବେ ଯାଜପୁରର ପୂର୍ବତନ ସାଂସଦ ରୀତା ତରେଇ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୂଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବିଜେପି ନେତା କାହ୍ନୁ ଚରଣ ଦାଶ, ମୁରଲି ପାଣ୍ଡବ,ଚନ୍ଦ୍ରମଣି ପଣ୍ଡିତ, ୧୧ ନଂ ଜୋନର ଜିଲ୍ଲାପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ତେବେ ଖରା ଦିନରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଅନେକ ପଞ୍ଚାୟତରେ ପାଣି ସମସ୍ୟା ଦେଖାଦେଉଥିବା ବେଳେ ଏହାକୁ ନଜରରେ ରଖି ବିଧାୟକ ଶ୍ରୀ ସାହୁଙ୍କ ପ୍ରଚେଷ୍ଟାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାର ବ୍ୟବସ୍ଥା ଗତ ବର୍ଷ ଠାରୁ ଆରମ୍ଭ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଗୁରୁବାର ଦିନ ଜି ୩୦ ଗୋଟି ପଂଚାୟତର ୧୨୦ ଗୋଟି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ଲାଗି ୧୨୦ ଗୋଟି ପାଣି ଟାଙ୍କିର ଶୁଭ ଉଦଘାଟନ କରାଯାଇଛି । ଆବଶ୍ୟକ ହେଲେ ଏଭଳି ଭାବେ ଅନ୍ୟପଂଚାୟତ ଗୁଡିକୁ ମଧ୍ୟ ପାଣି ଯୋଗାଇ ଦେବାର ବଯବସ୍ଥା କରାଯିବ ବୋଲି ବିଧାୟକ କହିଛନ୍ତି । ଗତ ବର୍ଷ ୨୫ ଗୋଟି ପଂଚାୟତବସୀଙ୍କ ପାଇଁ ୭୨ ଗୋଟି ପାଣି ଟାଙ୍କିର ବ୍ୟବସ୍ଥା କରାଯାଇଥିବା ବେଳେ ଚଳିତ ବର୍ଷ ଆବଶଯକତାକୁ ଉପଲବ୍ଧି କରି ୩୦ ଗୋଟି ପଂଚାୟତକୁ ବୃଦ୍ଧି କରାଯାଇ ୧୨୦ ଗୋଟି ଟ୍ୟାଙ୍କର ଯେଗେ ପାଣି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

# ବରଦିଆ ଆରଡି ରାସ୍ତା : ସପ୍ତାହେ ନ ପୁରୁଣୁ ପିଚୁରେ ଉଠିଲା ଘାସ

କୁଆଁପାଳ, (ସବ୍ୟୁ): ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପାଲଟିଛି ଦୁର୍ନିତୀର ଗନ୍ତାଘର । ଠିକାଦାର ନିମ୍ନମାନର ନିର୍ମାଣ କାର୍ଯ୍ୟ କରି କିପରି ସରକାରୀ ତହବିଲରୁ ଅର୍ଥ ତୋଷାରପାତ କରିଥାନ୍ତି । ତାହାର ଏକ ଉଦାହରଣ ଦେଖାଯାଇଛି ମାହାଙ୍ଗା ବ୍ଲକ ଚାହାପଡା ବରଦିଆ ଗ୍ରାମକୁ ସଂଯୋଗ କରୁଥିବା ପିଚୁ ରାସ୍ତାରେ । ଖନ୍ଦୋଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ (ଆରଡି)ବିଭାଗ କାର୍ଯଯାଳୟ ଅଧିନସ୍ଥ ଉକ୍ତ ରାସ୍ତାଟି ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଗତ ସପ୍ତାହରେ ଶେଷ କରାଯାଇଥିଲା । ତେବେ କାର୍ଯ୍ୟ ପିଚୁ କାର୍ଯଯ ଶେଷ ହେବାର ୭ ଦିନ ନ ପୁରୁଣୁ ନବ ନିର୍ମିତ ପିଚୁ ଉପରେ ଅନେକ ସ୍ଥାନରେ ବୁଦା ବୁଦା ଘାସ ଉଠିବା ଘଟଣା ନିମ୍ନମାନର କାର୍ଯ୍ୟକୁ ପ୍ରମାଣିତ କରୁଥିଲାବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରା ପଦାରେ ପଡିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ , ଠିକାଦାର ଜଣକ ଅତି ତରବରିଆ ଭାବେ ରାସ୍ତାର ଉଭୟ ପାର୍ଶ୍ୱରୁ ମାଟି ଗୋଡି ଘାସ କୁଟା ପରିଷ୍କାର କରାନଯାଇ ପ୍ରାୟ ଏକ କିମି ବିଶିଷ୍ଟ ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ସଡକରେ ପିଚୁ କାର୍ଯ୍ୟ କରାଯାଇଥିଲା । ଯାହା ଫଳରେ ସପ୍ତାହ ନ ପୁରୁଣୁ ପିଚୁ ରାସ୍ତାର ଅନେକ ସ୍ଥାନରେ ଘାସ ଉଠିଥିବା ଦେଖିବାକୁ ମିଳିଛି । ଏପରିକି ଗୁରୁବାର ଦିନ ସକାଳେ କେତେକ ବଯକ୍ତି ବାଇକରେ ଆସି ବୋତଲରେ ଆଣିଥିବା ଘାସ ମରା ଔଷଧ ପିଚୁ ଉପରେ ଉଠିଥିବା ଘାସ ଉପରେ ପକାଉଥିବାବେଳେ ଏହାକୁ ସ୍ଥାନୀୟ ଲୋକେ ବାରଣ କରିବାରୁ ବ୍ୟକ୍ତି ଦ୍ୱୟ ଘଟଣାସ୍ଥଳ ଛାଡି ଚାଲି ଯାଇଥିବାବେଳେ ଘାସ ଗୁଡିକ ଜଳ ଜଳ ହୋଇ ଠିଆ ହୋଇଥିବା ଦେଖାଯାଇଛି । ଏପରି ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଠିକାଦାରଙ୍କ ଉପରେ କାର୍ଯଯାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି ।

# ପିପି କଲେଜର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି , (ସବ୍ୟୁ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ(ପିପି କଲେଜ)ର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତହୋଇଛି। ଏହି ବାର୍ଷିକ ଉତ୍ସବକୁ ଆସିବାକୁ ଥିବା ବହୁ ଅତିଥି ଆସିନଥିଲେ। ଏକମାତ୍ର ମାହାଙ୍ଗା ସ୍ୱାଧିନ ବିଧାୟକ ଅତିଥିରୂପେ ଯୋଗଦାନ କରି କାମ ଚଳାଇ ଦେଇଛନ୍ତି। ମହାବିଦ୍ୟାଳୟର ଏହି ବାର୍ଷିକ ଉତ୍ସବରେ ଅଧକ୍ଷା ଡ, ତରୁଲତା ଦେବୀ ସଭାପତିତ୍ୱ କରିଥିଲେ। ତେବେ ଏହି ଉତ୍ସବରେ କଟକ ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବଯଜେଯାତି ସ୍ମିତିରଞ୍ଜନ ଦେଓ, ମଣ୍ଡଳ ଉନ୍ନୟନ ଅଧିକାରୀ ଦୁଯବେନ୍ଦୁ କୁମାର ଦାସ, ତହସିଲଦାର ଶ୍ରୀମତୀ ଦମୟନ୍ତୀ ସାହୁ ଆମନ୍ତ୍ରୀତ ଅତିଥିରୂପେ ଯୋଗଦାନ କରିବାର କାର୍ଯଯକ୍ରମ ଥିଲେ ମଧ ଏମାନେ ଅପୁପସ୍ଥିତ ରହିଥିଲେ। ତେବେ ଉତ୍କଳ ସାହିତଯ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ଓ ମାହାଙ୍ଗାର ସ୍ୱାଧିନ ବିଧାୟକ ସାରଦା ପ୍ରଧାନ ଅତିଥିରୂପେ ଯୋଗଦାନ କରି ବକ୍ତବଯ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ କୃତୀ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପୁରସ୍କାର ବିତରଣ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ଉପଦେଷ୍ଟା ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ଅତିଥି ପରିଚୟ ପ୍ରଦାନ ,ସହଉପଦେଷ୍ଟା ଅଧ୍ୟାପକ ଡ, ଅଲେଖଚନ୍ଦ୍ର ସାମଲ ଏହି କାର୍ଯଯକ୍ରମକୁ ସଂଯୋଜନା କରିଥିବା ବେଳେ ଶେଷରେ ଅଧ୍ୟାପକ ପ୍ରଦୀପ୍ତ କୁମାର ମହାନ୍ତି ଧନଯବାଦ ଅର୍ପଣ କରିଥିଲେ।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର

ନାଉଗାଁ ,(ସବ୍ୟୁ): ନାଉଗାଁ ବ୍ଲକ ସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଏକ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରର ଉଦ୍ଘାଟନ ସଭାରେ ମହାବିଦ୍ୟାଳୟର ଅଧକ୍ଷ ବିଭୂତି ଭୂଷଣ ସ୍ୱାଇଁ ଅଧକ୍ଷତା କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱ ଅଧ୍ୟାପିକା ଶ୍ରୀମତୀ ବିଜୟିନୀ ପଢ଼ିଆରୀ ନିର୍ବାହ କରିଥିଲେ। ବିଶିଷ୍ଟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଜ୍ୟୋତି ପ୍ରକାଶ ଲେଙ୍କା ଯୋଗଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ପୁହାଣ ଓ ଅଧ୍ୟାପକ ପ୍ରଭାତ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ।ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ ଛାତ୍ରୀ ଉତ୍ସାହର ସହିତ ଭାଗ ନେଇଥିଲେ। ପ୍ରଶିକ୍ଷଣ ପ୍ରଦାନ ପାଇଁ ମାଷ୍ଟର ଟ୍ରେନର ଶ୍ରୀମତୀ ଶ୍ରାବଣୀ ପ୍ରିୟଦର୍ଶିନୀ ରାଉତ ଯୋଗଦେଇ ଛାତ୍ରୀମାନଙ୍କୁ ଦକ୍ଷତାମୂଳକ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।

# ଶ୍ରୀଲଙ୍କା ଟିମର ନାଟକ 'ଡକ୍ଟର କିଙ୍ଗସ ଲାଷ୍ଟ ନାଇଟ' ମଞ୍ଚସ୍ଥ

ପାରାଦୀପ ,(ଜିପ୍ର): ପାରାଦୀପର ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସ, ପାରାଦୀପର ସହଯୋଗରେ ଆୟୋଜିତ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଶ୍ରୀଲଙ୍କାର ରେଡ ଉଇଙ୍ଗସ ନାଟ୍ୟ ଅନୁଷ୍ଠାନ ବୁଦ୍ଧିକ ଦମୟନ୍ତଙ୍କ ନିର୍ଦ୍ଦେଶନାରେ ସିଂହଳି ଭାଷାର ନାଟକ ଡକ୍ଟର କିଙ୍ଗସ ଲାଷ୍ଟ ନାଇଟ ମଞ୍ଚସ୍ଥ କରିଥିଲେ । ଏହା ହେଉଛି ୩ ଏପ୍ରିଲ ୧୯୬୮ ଡକ୍ଟର ମାର୍ଟିନ ଲୁଥର କିଙ୍ଗଙ୍କ ହତ୍ୟାର ପୂର୍ବ ରାତି । ତେନେଶିର ଲୋରାନାଇନ ହୋଟେଲରେ ଅବସ୍ଥିତ ଏହି ନାଟକଟି ଯଦି ହୁଏର ଜଟିଳ ଏବଂ ସାଧାରଣ ପ୍ରଶ୍ନକୁ ସମାଧାନ କରେ । ଏକ କାଳ୍ପନିକ ନାଟକର ନାଟ୍ୟକାର କଟୋରିହଲ କଳ୍ପନାମୂଳକ ଭାବରେ ରାଜାଙ୍କ ଅଭିଜ୍ଞତାକୁ ଅନୁସନ୍ଧାନ କରେ ତାଙ୍କ ମୃତ୍ୟୁର ପୂର୍ବ ରାତିରେ । ଏହି ନାଟକ ଦର୍ଶକମାନଙ୍କୁ ଏକ ଯାତ୍ରାରେ ନେଇ ଯାଏ ଏବଂ ରାଜାଙ୍କର ମନର ଗଭୀରତାକୁ ଖୋଲେ । ତାଙ୍କର ସ୍ୱପ୍ନ ଏବଂ ଦୁଃସ୍ୱପ୍ନ, ବିଫଳତା ଏବଂ ସଫଳତା, ଶକ୍ତି ଏବଂ ଦୁର୍ବଳତା ଉଭୟକୁ ପରୀକ୍ଷା କରେ । ହୋଟେଲର ଚାକରାଣୀ କାମାୟେ ରାଜାଙ୍କ ଏକ ଆପ୍ରତିଷ୍ଠିତ ପକ୍ଷ ଆଣିଛନ୍ତି ଯାହା ଦର୍ଶକଙ୍କୁ ନାଗରିକ ଅଧିକାର ଆନ୍ଦୋଳନର ନେତାଙ୍କୁ କେବଳ ଜଣେ ନାୟକ ଭାବରେ ନୁହେଁ, ବରଂ ଜଣେ ଭୁଲ ମଣିଷ



ଭାବରେ ଦେଖେ । ଧୀର ଗତିରେ ଚାଲିଥିବା ନାଗରିକ ଅଧିକାର ଆନ୍ଦୋଳନ ବିଷୟରେ ଆଲୋଚନା କରି ରାଜା ଏବଂ କାମାୟ ପରସ୍ପର ସହିତ ସେମାନଙ୍କର ମତାମତ ବାଣ୍ଟି ନିଅନ୍ତି । ଖୁବ ଶୀଘ୍ର କାମାୟ ରାଜାଙ୍କୁ ତାଙ୍କର ଆସନ୍ନ ମୃତ୍ୟୁ ବିଷୟରେ ସତର୍କ କରାଇ ଦିଅନ୍ତି । ତେଣୁ ନେତାଙ୍କୁ ତାଙ୍କ ମୃତ୍ୟୁର ସମ୍ମୁଖୀନ ହେବାକୁ ପଡିବ ଏବଂ ଦୁଃଖର ବିଭିନ୍ନ ପର୍ଯ୍ୟାୟର ସମ୍ମୁଖୀନ ହେବାକୁ ପଡିବ, ଶେଷରେ ଇତିହାସର ଏକ ଅବିଶ୍ୱସନୀୟ ଦୃଶ୍ୟ ପ୍ରଦାନ କରିବାକୁ ପଡିବ । ଭାଷାର ବିଭିନ୍ନତା ସତ୍ତ୍ୱେ ନାଟକର ଆନନ୍ଦ ନେବା ପାଇଁ ଅଧିକ ନାଟ୍ୟପ୍ରେମି ଦର୍ଶକ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ ଏବଂ କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ । ପାରାଦୀପ ପରି ସହରରେ ବାହାର ଦେଶର କଳାକାର ନାଟକ ମଞ୍ଚନ କରିବା ପ୍ରଥମ ଓ ସେଥିପାଇଁ ଦର୍ଶକ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସକୁ ଧନ୍ୟବାଦ ଦେଇଥିଲେ ।

# ଦୁଲାରପୁର ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ



ମାହାଙ୍ଗା ,(ସବ୍ୟୁ): ମାହାଙ୍ଗା ବ୍ଲକ ଗୋପାଳପୁର ପଞ୍ଚାୟତ ଅର୍ନ୍ତଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୁଲାରପୁର ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ପୂର୍ବତନ ସିଆର୍‌ସିସି ତଥା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚୌ.ଶଶିଭୂଷଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ , ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ବିବେକାନନ୍ଦ ଦାସ ଓ ସମ୍ମାନୀତ ଅତିଥି ଭାବେ ସବଳକଣା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ଦେବୀ, ସିଆର୍‌ସିସି ଜୟନ୍ତ କୁମାର ଦାଶ, ସମାଜସେବୀ କଲ୍ଲୋଳ ଚନ୍ଦ୍ର ମହାନ୍ତି, ପୂର୍ବତନ ସିଆର୍‌ସିସି ଶରତ ଚନ୍ଦ୍ର ମହାନ୍ତି, ସମାଜସେବୀ ବଟକୃଷ୍ଣ ପାଲ, ପର୍ଶ୍ଚିମ କୁରୁଜଙ୍ଗ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦିପ କୁମାର ପ୍ରଧାନ, ଢ଼ିଅମାଳ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲିପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କ୍ରୀଡା ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଅଭିରାମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ କଂଗ୍ରେସର ନବ ନିଯୁକ୍ତ ସଭାପତିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

ନାଉଗାଁ, (ସବ୍ୟୁ):ନାଉଗାଁ ବ୍ଲକ କଂଗ୍ରେସ କମିଟିର ନବ ନିଯୁକ୍ତ ସଭାପତି ବିଚିତ୍ରାନନ୍ଦ ଲେଙ୍କାଙ୍କୁ ବିଭିନ୍ନ ମହଲରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ତାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପାଇଁ ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ଶ୍ରୀମତୀ ସୋନିଆ ଗାନ୍ଧୀ, ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ପ୍ରଦେଶ ସଭାପତି ଭକ୍ତଚରଣ ଦାସ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ପ୍ରତୀମା ମଲ୍ଲିକଉପ–ସଭାପତି ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଜଗତସିଂହପୁର ଜିଲ୍ଲା ସଭାପତି ଦେବପ୍ରସାଦ ନାୟକ ଏବଂ ପୂର୍ବତନ ଜିଲ୍ଲା ସଭାପତି ନଟବର ବାରିକଙ୍କ ପ୍ରତି ହୃଦୟରୁ ଧନ୍ୟବାଦ ଜଣାଯାଇଛି ।ଏହି ନିଯୁକ୍ତି ଫଳରେ ନାଉଗାଁ ବ୍ଲକରେ କଂଗ୍ରେସ ଦଳ ତୃଣମୂଳ ସ୍ତରରେ ଆହୁରି ସୁସଂଗଠିତ ଓ ସଶକ୍ତ ହେବ ବୋଲି ଦଳୀୟ କର୍ମୀ ଓ ସମର୍ଥକମାନେ ଆଶା ବ୍ୟକ୍ତ କରିଛନ୍ତି।

# ବନ୍ଧୁକଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ମାଓ ଦମ୍ପତ୍ତିଙ୍କ ସରକାରଙ୍କୁ ନିବେଦନ

ଜଗତସିଂହପୁର,(ସବ୍ୟୁ): ବନ୍ଧୁକଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁମାଓ ଦମ୍ପତ୍ତି ନିରଞ୍ଜନ ଓରଫ ନିଖିଲ ଓ ତାଙ୍କ ପତ୍ନୀ ଇନ୍ଦୁ ସରକାରଙ୍କୁ ନିଦେବ କରିଛନ୍ତି ।ଦୀର୍ଘ ବର୍ଷ ମାଓ କ୍ୟାମ୍ପରେ କାମ କରିବା ପରେ ଏବେ ସେଠାରୁ ଓହରିବା ପାଇଁ ବାଟ ଖୋଜୁଛନ୍ତି ଉଭୟ ପତିପତ୍ନୀ ।ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଭଲ ମଣିଷ ଭାବରେ ସମାଜରେ ବଞ୍ଚି ରହିବାକୁ ଇଚ୍ଛା କରି ଉଭୟ ପତିପତ୍ନୀ ସରକାରଙ୍କୁ ଏକ ସର୍ତ୍ତମୂଳକ ଚିଠି ଲେଖି ନିବେଦନ କରିଥିବା ଜଣାଯାଇଛି ।ସରକାର ଆମ ପ୍ରତି ଉଦାର ମନୋଭାବ ପୋଷଣ କରି ଦଣ୍ଡ ବିଧାନ କୋହଳ କଲେ ଆମେ ଆତ୍ମ ସମର୍ପଣ କରିବୁ ବୋଲି ସର୍ତ୍ତ ରଖିଥିବା ଜଣାଯାଇଛି ।ଏହି ଘଟଣା ଶୁଣିବା ପରେ ବୃଦ୍ଧ ବାପା ମାଆ ପୁଅର ଘରକୁ ଫେରିବାକୁ ନେଇ ବହୁତ ଆଶାବାଦୀ ରହିଛନ୍ତି ।ପୁଅର ଫେରିବା କଥା ଶୁଣି ଉଭୟ ବାପା ମାଆ ପୁଅବୋହୂଙ୍କୁ ଫେରାଇ ଆଣିବାକୁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ।ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ତେନ୍ତୁଳିବେଲାରୀ ଗାଁର ନରହରି ରାଉତ ଓ ମାଆ ସରସ୍ୱତୀ ରାଉତଙ୍କ ଦୁଇ ପୁଅ ନିରଞ୍ଜନ ରାଉତ ଓରଫ ନିଖିଲ ଓ ସାନ ପୁଅ ତ୍ରିଲୋଚନ ରାଉତ ।ବଡ ପୁଅ ନିରଞ୍ଜନ ଓରଫ ନିଖୀଲ ଗୋଡା କଲେଜରେ ଯୁକ୍ତ ଦୁଇ ପଢିଥିଲେ ହେଁ ପରୀକ୍ଷାରେ ଫେଲ ହେବାପରେ ଗାଁ ଛାଡି କେଉଁଆଡ଼େ ଚାଲିଯାଇଥିଲେ ।କିଛି ବର୍ଷ ପରେ ଜଗତସିଂହପୁର,ବାଲିକୁଦା ଓ ଭୁବନେଶ୍ୱରରୁ ପୋଲିସ ଆସି ନିଖିଲଙ୍କୁ ଖୋଜିଥିଲେ ।ପୋଲିସ ସୂଚନାରୁ ବାପା ମା ଜାଣିବାକୁ ପାଇଥିଲେ ଯେ ତାଙ୍କ ପୁଅ ନିରଞ୍ଜନ ରାଉତରୁ ମାଓବାଦୀ ନିଖିଲ ନିରଞ୍ଜନ ଭାବେ ପରିଚୟ ସୃଷ୍ଟି କରିବା ସହିତ ବିବାହ ମଧ କରିଛି।ତାଙ୍କ ପତ୍ନୀ ଇନ୍ଦୁ ମଧ ମାଓବାଦୀ ଭାବେ ଅଛନ୍ତି ।ଏ ବାବଦରେ ନିଖିଲଙ୍କ ମାଆ ସରସ୍ୱତୀ ରାଉତ କୁହନ୍ତି ବଡ଼ ପୁଅ ୧୬/୧୭ ବର୍ଷ ତଳେ କାହାକୁ କିଛି ନ କହି କୁଆଡ଼େ ଚାଲି ଯାଇଥିଲେ।ସେବେ ଠାରୁ ସେ ଆଉ ଘରକୁ ଘରକୁ ଆସେ ନାହିଁ କି ତାର ଖୋଜ ଖବର ମିଳେ ନାହିଁ ।ପୋଲିସ ଆସି କହିବା ପରେ ଆମ ପୁଅ ମାଓବାଦୀ ହୋଇଥିବା ଜାଣିବାକୁ ପାଇଥିଲୁ ।ଆରପଟେ ବଡ଼ ପୁଅ ମାଓବାଦୀ ହୋଇଥିବାରୁ ସାନ ପୁଅକୁ କେହି କନିଆଁ ଦେଉ ନାହାଁନ୍ତି ।ଫଳରେ ସାନ ପୁଅ ତ୍ରିଲୋଚନ ମଧ ବିବାହ କରିପାରୁନାହିଁ ।ଆମେ ବୁଢା ବୁଢୀ ଦୁହେଁ ହାତରେ ରୋଷେଇ କରି ଖାଉଛୁ ତ କେତେବେଳେ ସାନ ପୁଅ ରୋଷେଇ କରି ଦେଉଛି ବୋଲି ନିଖୀଲର ବାପା ନରହରି ଓ ମାଆ ସରସ୍ୱତୀ କହିଛନ୍ତି । ଅନ୍ୟପଟେ ପୁଅର ଫେରିବ ବୋଲି ଶୁଣିବା ପରେ ବାପା ମାଆ ପୁଅର ଫେରିବା ବାଟକୁ ଚାହିଁ ଗାଁରେ ଥିବା ଭଙ୍ଗା ଚାଳିଆ ଘରେ ଦିନ ବିତାଉଛନ୍ତି ।ନିଖିଳ ବଂଶଧାରା–ଘୁମୁସର,ନାଗାବଳୀ ଡିଭିଜନରେ ମୁଖଯ ଲିଡ଼ର ତଥା ସିପିଆଇ ମାଓ ସଂଗଠନର ସଦସ୍ୟ ଭାବରେ କାମ କରୁଛି ।୨୦୧୬ରେ ପୋଲିସ ଏନକାଉଣ୍ଟରରୁ ଅଳ୍ପକେ ବର୍ତ୍ତୀ ଯାଇଥିଲା ନିଖିଳ ବୋଲି ଜଣାଯାଇଛି ।ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ସରକାର ଉଦ୍ୟମ କରୁଥିବା ବେଳେ ନିରଂଜନ ଏବଂ ତାଙ୍କ ପତ୍ନୀ ଇନ୍ଦୁଙ୍କୁ ସରକାର ଫେରାଇ ଆଣିବା ପାଇଁ କି ପଦକ୍ଷେପ ନେଉଛନ୍ତି ତାକୁ ହିଁ ଅପେକ୍ଷା।

### କନେଷ୍ଟବଳଙ୍କ ସନ୍ଦେହଜନକ ମୃତ୍ୟୁ

# ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା ନା ହତ୍ୟା

ନୟାଗଡ଼,(ସବ୍ୟୁ): ନୟାଗଡ଼ ଜିଲ୍ଲା ପୋଲିସ ରିଜର୍ଭ ବରାକ ଛାତ ଉପରୁ କନେଷ୍ଟବଳଙ୍କ ସୁନିଲ ସେଠୀଙ୍କ ଗୁଳିବିଦ୍ଧ ମୃତଦେହ ଜବତ ହୋଇଛି । ନୟାଗଡ଼ ପୋଲିସ ଘଟଣାସ୍ଥଳରୁ କାର୍ଯ୍ୟରତ କନେଷ୍ଟବଳ ବ୍ୟାଚ ନମ୍ବର-୫୧୭ ଙ୍କ ମୃତ ଶରୀର ନିକଟରୁ ସର୍ଭିସ ପିସ୍ତଲ, ୧୫ ରାଉଣ୍ଡ ଗୁଳି, ଗୋଟିଏ ଖୋକା, ଏବଂ ଏକ ମୋବାଇଲ ଫୋନ ଜବତ କରିଛି । ବାରାକ ଭିତରେ କାର୍ଯ୍ୟରତ କନେଷ୍ଟବଳ ସୁନିଲ ମୃତ୍ୟୁକୁ ନେଇ ନାନା ସଂଦେହ ସୃଷ୍ଟି ହୋଇଛି । ଘଟଣାର ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ । ପ୍ରାଥମିକ ତଦନ୍ତରୁ ପୋଲିସ ପକ୍ଷରୁ ଏହାକୁ ଆତ୍ମହତ୍ୟା ବୋଲି କୁହାଯାଉଛି । ହେଲେ ମୃତକଙ୍କ ପରିବାର ହତ୍ୟା ଅଭିଯୋଗ କରୁଛନ୍ତି । ୨୦୨୩ ମସିହାରେ ପୋଲିସ ବିଭାଗରେ ଯୋଗ ଦେଇ ଥିବା ଯୋଗ ଦେଇଥିବା



କନେଷ୍ଟବଳ ସୁନିଲ ଗତ ମାସ ୨୬ ତାରିଖ ଠାରୁ ନୟାଗଡର ବହୁ ଚର୍ଚ୍ଚିତ ଶିଶୁ କନ୍ୟା ପରୀ ହତ୍ୟା ପରେ ତା'ର ବାପା ଅଶୋକ ସାହୁଙ୍କ ବ୍ୟକ୍ତିଗତ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ ।

# ବଡ଼ଝରିଲୋ ଛକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ଫୁଲନଖରା (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକର କୁରାଙ୍ଗ ଶାସନସ୍ଥିତ ବଡ଼ଝରିଲୋ ଛକ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।ନିଆଳି ବିଧାୟକ ଇଂ. ଛବି ମଲ୍ଲିକଙ୍କ ଆହ୍ୱାନକ୍ରମେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ନିଆଳି ଗସ୍ତ ଅବସରରେ ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ବିଜେପି ପକ୍ଷରୁ ତାଙ୍କୁ ଏହି ଆଡମ୍ବରପୂର୍ଣ୍ଣ ସାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ବଡ଼ଝରିଲୋ ଛକରେ ପୂର୍ବରୁ ହିଁ ଦଳୀୟ ପତାକା, ବ୍ୟାନର, ପୋଷ୍ଟର ଓ ସୁସଜ୍ଜିତ ମଣ୍ଡପ ମାଧ୍ୟମରେ ଉତ୍ସବମୟ ପରିବେଶ ସୃଷ୍ଟି କରାଯାଇଥିଲା । ବିଧାୟକଙ୍କ ପ୍ରତିନିଧି ତଥା ବରିଷ୍ଠ ଗବବସ୍ତ ମଣ୍ଡଳ ସଂଯୋଜକ ଧୀରେନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କୁ ଫୁଲମାଳ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ



ଦେଇ ସମ୍ବର୍ଦ୍ଧନା ଜଣାଯାଇଥିଲା । ଏହି ଶୋଭାଯାତ୍ରାରେ ଶତାଧିକ କର୍ମୀ, ଯୁବକ ଓ ମହିଳାମାନେ ଉତ୍ସାହର ସହିତ ଭାଗ ନେଇଥିଲେ । ସରପଞ୍ଚ ନିର୍ମଳକୁମାର ସାହୁ, ରାଜକୁମାର ସ୍ୱାଇଁ ଓ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ । ଅନୁଷ୍ଠିତ ସ୍ୱାଗତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲିପ କୁମାର ପାତ୍ର, ତୁଷାରକାନ୍ତ ଜେନା, ପ୍ରତାପ ଚନ୍ଦ୍ର ପଣ୍ଡା, ବିଜୟ ପ୍ରଧାନ, ଉପେନ୍ଦ୍ର ସାହୁ, ବିକାଶ ସାହୁ, ଜୟନ୍ତ କୁମାର ଜେନା, କବି ନାରାୟଣ ଜେନା, ନିରୋଦ ଜେନା, ଅକ୍ଷୟ ବେହେରା, ସାଗରିକା ନାଥ, ଯତୀନ୍ଦ୍ର ସାହୁ ଓ ଆଲୋକ ପାତ୍ରଙ୍କ ସହ ବହୁ ବରିଷ୍ଠ ନେତୃମଣ୍ଡଳୀ ଓ କର୍ମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ସେହିପରି କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଇରୋଇଠାରେ ଉପ ମୁଖମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିଆଳି ବିଧାୟକ ଛବି ମଲିକଙ୍କ ନେତୃତ୍ୱରେ ଶ୍ରୀମତୀ ପରିଡ଼ାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ସରପଞ୍ଚ ନିର୍ମଳକୁମାର ସାହୁ, ରାଜକୁମାର ସ୍ୱାଇଁ ଓ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ ।।

# ପାଞ୍ଚବର୍ଷ ପରେ ମିଳିଲା ନ୍ୟାୟ: ପୋଲିସ ଦେବ ୪ ଲକ୍ଷ କ୍ଷତିପୂରଣ

ରଣପୁର,(ସବ୍ୟୁ) :ବିଳମ୍ବରେ ହେଲେ ମଧ ନ୍ୟାୟ ପାଇଛନ୍ତି ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ମୟୁରଝାଲିଆ ଗ୍ରାମ ପଞ୍ଚାୟତ ହରିହରପୁର ଗ୍ରାମର ଯୁବକ ନିରଞ୍ଜନ ନାୟକ । ଚାନ୍ଦପୁର ଥାନା ପୋଲିସର ମାନବାଧିକାର ଉଲଂଘନ ପାଇଁ ନିରଞ୍ଜନଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମାନବାଧିକାର କମିଶନ । ଯାହାକି ମାମଲା ତଦନ୍ତରେ ପୋଲିସ ଭୁଲ ପଦକ୍ଷେପ ପାଇଁ ଦଣ୍ଡାଦେଶ । ନିରଞ୍ଜନ ଚାନ୍ଦପୁର ଥାନା ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ଧନେଶ୍ୱର ନାହାକ ଓ ସବ ଇନିସପେକଟର ଏସ. ହାରେ ।ଙ୍କ ନାମରେ ମାନବାଧିକାର ଉଲଂଘନ ନେଇ ୨୦୨୦ ମସିହାରେ ରାଜ୍ୟ ମାନବାଧିକାର କମିଶନ ଙ୍କ ପାଖରେ ୧୭୧୮ ନମ୍ବର ରେ ଅଭିଯୋଗ କରିଥିଲେ । ଯେଉଁ ଅଭିଯୋଗକୁ ବିଚାର କରି ରାଜ୍ୟ ମାନବାଧିକାର କମିଶନ ଉଲଂଘନ ପାଇଁ ଦାୟୀ କରିଛନ୍ତି ଭାରପ୍ରାପ୍ତ ଅଧିକାରୀ ଓ ତଦନ୍ତାଧିକାରୀଙ୍କୁ । କ୍ଷତିପୂରଣ ୪ ଲକ୍ଷ ଟଙ୍କା ଉଭୟ ଭାରପ୍ରାପ୍ତ ଅଧିକାରୀ ଓ ତଦନ୍ତାଧିକାରୀଙ୍କ ଠାରୁ ଆଦାୟ କରି କ୍ଷତିଗ୍ରସ୍ତ ଯୁବକ ନିରଞ୍ଜନ ଙ୍କୁ ଦେବା ପାଇଁ ରାଜ୍ୟ ସରକାର ଓ ରାଜ୍ୟ ପେ ।ଲିସ ଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଘଟଣା ରୁ ପ୍ରକାଶ ହରିହରପୁର ନିରଞ୍ଜନ ନାୟକ ୨୦୦୪ ମସିହାରେ ଚାନ୍ଦପୁର ରାମଚଣ୍ଡୀ ସାହିରେ ପୁଷ୍ପଲତା ନାୟକଙ୍କୁ ବିବାହ କରି ଏକ ପୁତ୍ର ସନ୍ତାନ ପ୍ରାପ୍ତ ହୋଇ ସୁଖରେ ରହି ଆସୁଥିଲେ । ୨୦୧୬ ରେ ନିରଞ୍ଜନ ଙ୍କ ମା ମୀନାକୁମାରୀ କର୍କଟ ରେ ।ଗରେ ପୀଡିତ ହେବା ପରେ ଶାଶୁ ଙ୍କ ଉପରେ ବୋହୁ ପୁଷ୍ପଲତା ଙ୍କ ନିର୍ଯାତନା ଆରମ୍ଭ ହେବାରୁ ପୁଅ ନିରଞ୍ଜନ ବିରୋଧ କଲେ । ଫଳରେ ପାରିବାରିକ କଳହ ସୂତ୍ରପାତ ହେଲା । ମାମଲା ଚାନ୍ଦପୁର ଥାନାରେ ପହଞ୍ଚିଲା । ଚଞ୍ଚକତା କରି ଶାଶୁଙ୍କ ଜମା ଖାତାରୁ ବେ ।ହୁ ଟଙ୍କା ଉଠାଇ ନେବା, ପେ ।ଲିସ ଟଙ୍କା ଉଦ୍ଧାର କରି ଫେରାଇବା ଠାରୁ ମାଡପିଟ ପର୍ଯ୍ୟନ୍ତ କଥା ଗଲା । ଚାନ୍ଦପୁର ଥାନା ଭାରପ୍ରାପ୍ତ ଅଧିକାରୀ ନାହାକ ଓ ତଦନ୍ତାଧିକାରୀ ଏସ ହାରେ । ବେ ।ହୁ ପୁଷ୍ପଲତା ଓ ତାଙ୍କ ସହଯୋଗକାରୀଙ୍କୁ କେ ।ହଳ ମନୋଭାବ ଦେଖାଇ ଥାନାରୁ ଛାଡିଦେଇ ନିରଞ୍ଜନକୁ ଜେଲ ହାଜତକୁ ପଠାଇଥିଲେ । ନିରଞ୍ଜନ ୨୧ ଦିନ ଜେଲ ହାଜତରେ ରହିଲେ । ଇତି ମଧ୍ୟରେ କର୍କଟ ରେ ।ଗାକ୍ରାନ୍ତ ମା ମୀନାକୁମାରୀ ଚିକିତ୍ସା ଅବହେଳାରୁ ମୃତ୍ୟୁ ବରଣ କଲେ । ପୋଲିସର ମାନବାଧିକାର ଉଲଂଘନ ବିରୁଦ୍ଧରେ ନିରଞ୍ଜନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ତଦନ୍ତାଧିକାରୀ ପେ ।ଲିସ ପାଇଁ ଏହା ଏକ ଶିକ୍ଷା ବୋଲି ଅଞ୍ଚଳରେ ଆଲୋଚନା ହେଉଛି ଓ ବିଳମ୍ବରେ ହେଲେ ମଧ ନିରଞ୍ଜନ ନ୍ୟାୟ ପାଇଛି ।

# ଖୋଲିଲା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ

କଣ୍ଟାପଡ଼ା, (ସବ୍ୟୁ) :କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟାପଡ଼ା ତହସିଲ କାର୍ଯାଳୟରେ ବହୁ ପ୍ରତୀକ୍ଷିତ ଉପ ନିବନ୍ଧକଙ୍କ କାର୍ଯାଳୟ କାର୍ଯ୍ୟାରମ୍ଭ କରିଛି । ମୁଖମନ୍ତ୍ରୀ ମୋହନଚରଣ ମାଝୀ ଏହାକୁ ଆଭାସି ମାଧ୍ୟମରେ ଉଦଘାଟନ କରିଥିଲେ । ନିଆଳି ବିଧାୟକ ଛବି ମଲିକ, ନିଆଳି ଉପ ନିବନ୍ଧକ ନିଶା ଗୋଏଙ୍କା, କାପଡ଼ା ତହସିଲଦାର ପ୍ରସନ୍ନକୁମାର ସାମନ୍ତରାୟ, ବିଡ଼ିଓ ସ୍ୱପ୍ନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଣିକି ଏଠାରେ ପ୍ରଜାମାନଙ୍କ ଜମି ଖର୍ଦ୍ଦି ବିକ୍ରି ହୋଇପାରିବ ଏବଂ ସପ୍ତାହର ପ୍ରତି ମଙ୍ଗଳ, ବୁଧ ଓ ଶୁକ୍ରବାର ଏଥିପାଇଁ ଦିନ ଧାର୍ଯ କରାଯାଇଛି । ପୂର୍ବରୁ ଲୋକମାନଙ୍କୁ ଏହି କାର୍ଯ ପାଇଁ ୨୫କିଲୋମିଟର ଦୂର ନିଆଳିକୁ ଯିବାକୁ ପଡୁଥିଲା । ଏହି ଅବସରରେ କଣ୍ଟାପଡ଼ା ଅଞ୍ଚଳର ବୁଦ୍ଧିଜୀବୀ, ଓକିଲ, ପେସକାର ଓ ତହସିଲ



କର୍ମଚାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ କଣ୍ଟାପଡ଼ାରେ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ଖୋଲିବାକୁ ଦୀର୍ଘ ଦିନ ଧରି ଦାବି ହୋଇଆସୁଥିଲା ଏଥିପାଇଁ ଆନ୍ଦୋଳନ ଓ ଧାରଣା ଆଦି ଦିଆଯାଇଥିଲା । ଗୁରୁବାର ଦିନ ରାଜ୍ୟର ୫୭ଟି ନୂତନ ଉପ ନିବନ୍ଧକ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା ବେଳେ କଣ୍ଟାପଡ଼ା ଏଥିରେ ସାମିଲ ହୋଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ପ୍ରଜାମାନଙ୍କ ମଧରେ ଆନନ୍ଦ ପ୍ରକାଶ ପାଇଛି ।

# ଉଜ୍ଜୀବନ ସ୍ମଲ ଫାଇନାନ୍ସ ପକ୍ଷରୁ ପ୍ଲିଜଗ୍ରୋଅପର ଶୁଭାରମ୍ଭ

ଭୁବନେଶ୍ୱର : ଭାରତରେ ଘଟୁଥିବା ଅଧିକାଂଶ ସଡ଼କ ଦୁର୍ଘଟଣା ପାଇଁ ମଣିଷର ନିଜ ଭୁଲ୍ ହିଁ ଦାୟୀ । ଏହାକୁ ଦୃଷ୍ଟିରେ ରଖି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ "ହ୍ୟାସ ଟାଗ ପ୍ଲିଜଗ୍ରୋଅପ୍' ନାମରେ ଏକ ନୂଆ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ରାସ୍ତାରେ ଲୋକଙ୍କର ଦାୟିତ୍ୱହୀନ ଆଚରଣକୁ ସୁଧାରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସଡକ ଦୁର୍ଘଟଣାଗୁଡିକ ପ୍ରାୟତଃ ଭିତିଭୂମି କିମ୍ବା ଯାନ୍ତ୍ରିକ ବିଫଳତା ସହ ଜଡିଥିବା ବେଳେ ରାସ୍ତାରେ ଘଟୁଥିବା ଅଧିକାଂଶ ମୃତ୍ୟୁ ସ୍ପିଡିଂ, ସିଗ୍ନାଲ ଡେଇଁବା, ଅନ୍ୟମନସ୍କ ହୋଇ ଗାଡି ଚଳାଇବା, ନିଶାସକ୍ତ ଅବସ୍ଥାରେ ଗାଡି ଚଲାଇବା ଓ ମୌଳିକ ସୁରକ୍ଷା ନିୟମଗୁଡିକୁ ପାଳନ ନକରିବା ଭଳି ଏଡାଯାଇପାରୁଥିବା ମାନବିକ ଆଚରଣ ଯୋଗୁଁ ଘଟିଥାଏ। ଏହି କ୍ୟାମ୍ପେନର ଲକ୍ଷ୍ୟ ହେଉଛି ପ୍ରତିଦିନର ଡ୍ରାଇଭିଂ ଅଭ୍ୟାସ ପାଇଁ ଏକ ଦର୍ପଣ ଧରି ଆତ୍ମ-ପ୍ରତିବିମ୍ବନ ଓ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା। ଏହି କ୍ୟାମ୍ପେନ ସମ୍ପର୍କରେ ଉଜ୍ଜୀବନ ଏସଏଫବି ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଧିକାରୀ ଲକ୍ଷ୍ମଣ ଭେଲାୟୁଥମ କହିଛନ୍ତି, ସଡକ ସୁରକ୍ଷା ବାର୍ତ୍ତାଗୁଡିକ ପ୍ରାୟତଃ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ସଂଘର୍ଷ କରିଥାନ୍ତି । କାରଣ ସମୟକ୍ରମେ ଅସୁରକ୍ଷିତ ବ୍ୟବହାର ସାଧାରଣରେ ପରିଣତ ହୋଇଛି। "ହ୍ୟାସ ଟାଗ ପ୍ଲିଜଗ୍ରୋଅପ୍' ପଦକ୍ଷେପ ସହିତ ଆମେ ଏକ ସତେଜ ଓ ସୃଜନଶୀଳ ଆଭିମୁଖ୍ୟ ଗ୍ରହଣ କରିବାକୁ ଚାହୁଁଛୁ ଯାହା ଲୋକମାନଙ୍କୁ ଅଟକିବା ଓ ନିଜ କାର୍ଯ୍ୟଗୁଡିକୁ ପ୍ରତିଫଳନ କରିବା ପାଇଁ ପ୍ରୋତ୍ସାହିତ କରିବ।

# ମଦ ଜବତ : ୩ ଗିରଫ

କୁହୁଡ଼ି, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳଙ୍କ ନେତୃତ୍ୱରେ ଗଠିତ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ଦେଶୀ - ବିଦେଶୀ ମଦ ଜବତ କରିବା ସହିତ ୩ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଳନା କରିଛି । ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ଟାଙ୍ଗୀ ଥାନା ଅଂଚଳର ଅରୁଣ ଜେନା, ମିଥୁନ ଦାସ ଓ ଲକ୍ଷ୍ମୀଧର ପ୍ରଧାନ । ଗିରଫ ଅଭିଯୁକ୍ତମାନେ ଲୁଚି ଛପି ଏପରି ଚୋରା ମଦ କାରବାର କରୁଥିଲେ ବୋଲି ଟାଙ୍ଗୀ ଥାନା ପକ୍ଷରୁ କୁହାଯାଉଛି ।

# ପୋଖରୀ ମୂଳେ ଗଳିତ ଶବ : ଘଟଣା ସ୍ଥଳରେ ପୋଲିସ

ବାଙ୍କୀ , (ସବ୍ୟୁ) :ବାଙ୍କୀ ବୈଦେଶ୍ୱର୍ ଥାନା ଅନ୍ତର୍ଗତ କଳାପଥର ମହାଦେବ ପୋଖରୀ ହୁଡ଼ାର ବୁଦା ମୂଳେ ଜଣେ ମଣିଷର ଗଳିତ ଶବ ପଡ଼ି ଥିବା ଖବର ପାଇ ବୈଦେଶ୍ୱର୍ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଶରୀରର ମୁଣ୍ଡ ଅଲଗା ହୋଇ ବୁଦା ମୂଳେ ପଡ଼ିଛି । ମୃତ ଦେହ ନିକଟରେ ପିନ୍ଧା ସାର୍ଟ ପଡ଼ିଛି । ସାର୍ଟ କୁ ଦେଖି ଅନୁମାନ କରା ଯାଇ ପାରିବ ବୋଲି ସୂଚନା ମିଳିଛି । ଏ ସମ୍ପର୍କ ରେ ବୈଦେଶ୍ୱର୍ ଥାନା ଆଇ ଆଇ ସି ଦୂର୍ଗେଶ ନନ୍ଦିନୀ ମହାନ୍ତି ଙ୍କୁ ପଚାରିବାରୁ ସେ କହିଲେ ଏହା ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅଞ୍ଚଳ ହୋଇ ଥିବାରୁ ସେମାନେ ତଦନ୍ତ କରିବେ । ବାଙ୍କୀ ଏସ ଡି ପି ଓ ବାଳକୃଷ୍ଣ କହଁର କହିଛନ୍ତି ଗଳିତ ଶବକୁ ବୋଧ ହୁଏ କୁକୁର କାମୁଡି ଭିଡ଼ି ବୁଦା ମୂଳ ରୁ ବାହାର କୁ ଆଣି ପକାଇଛନ୍ତି । ସାର୍ଟ ଓ ପାରିପାରିଶିକ ସ୍ଥିତି ରୁ ଅନୁମାନ କରାଯାଉଛି ଯେ ସେହି କଳାପଥର ଗ୍ରାମର ଜଣେ ମାନସିକ ବିକାର ଗ୍ରସ୍ତ ଯୁବକ ବୁଲୁଥିଲେ । ତେଣୁ ତଦନ୍ତ ଆରମ୍ଭ କରିବା ପରେ ଜଣା ପଡ଼ିବ ।

# ସତ୍ୟବାଦୀ ମହୋତ୍ସବ ଉଦଘାଟିତ

ସାକ୍ଷୀଗୋପାଳ , (ସବ୍ୟୁ) : ସତ୍ୟବାଦୀ ମହୋତ୍ସବର ଦଶମ ସଂସ୍କରଣ ସତ୍ୟବାଦୀ ମହୋତ୍ସବ ୨୦୨୬ ଗୁରୁବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ସତ୍ୟବାଦୀ ଯୁଗର ପଞ୍ଚସଖା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ପୀଠ ସୁଆଣ୍ଡୋ , ପଣ୍ଡିତ ନୀଳକଣ୍ଠ ଦାସ , ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମ ପୀଠ ଶ୍ରୀରାମଚନ୍ଦ୍ର ପୁର , ପଣ୍ଡିତ ଗୋଦାବରୀଶ ମିଶ୍ର ଙ୍କ ବାଣପୁର ଅନ୍ତର୍ଗତ ଶ୍ରୀନିବାସ ପୁର ଗ୍ରାମ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜନ୍ମ ପୀଠ ବୀରପ୍ରତାପପୁରରୁ ଜ୍ୟୋତି ସଂଗ୍ରହ କରାଯାଇ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରେ ପଞ୍ଚ ମହାପୁରୁଷଙ୍କ ମିଳିତ ହୋଇ ଥିଲେ । ସେଠାରୁ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କରାଯାଇ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ ମହୋତ୍ସବ ମଣ୍ଡପକୁ ପାଛୋଟି ଅଣା ଯାଇଥିଲା । ଏହି ଶୋଭାଯାତ୍ରାରେ ଓଡିଶାର ପାରମ୍ପାରିକ ନୃତ୍ୟ, ସଂକୀର୍ତ୍ତନ, ଘୋଡାନାଚ, ପାଇକ ଆଖେଡା, ଶବର ଶବରୁଣି, ବୁଢ଼ା ବୁଢ଼ୀ,ମାଙ୍କଡ଼ ନାଚ, ବଗ ବଗୁଲି, ଷ,,, ଦୁର୍ଗାମେଡ, କେ,,ଇନାଚ, ବାଜା, ବସଷ୍ଟାଣ୍ଡ ଠାରୁ ବକୁଳବନ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ହଜାର ହଜାର ଜନସାଧାରଣ ଜ୍ୟୋତିଯାତ୍ରାକୁ ସ୍ୱାଗତ କରିବା ସହ ଶୋଭାଯାତ୍ରା ଦେଖିବା ପାଇଁ ଭିଡ ଲାଗିଥିଲା । ସତ୍ୟବାଦୀ ମହୋତ୍ସବ କମିଟି ସଭାପତି ସତଯବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସାକ୍ଷୀଗୋପାଳ ମନ୍ଦିରରୁ ସାକ୍ଷୀ ଗୋପୀନାଥ ଠାକୁରଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ମନ୍ଦିର ସେବାୟତ ତଥା ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଆଜ୍ଞାମାଳ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ସଂଗ୍ରହ କରାଯାଇ ଶୋଭାଯାତ୍ରା ରେ ଆସିଥିବା ଜ୍ୟୋତି ଗୁଡିକୁ ମଣ୍ଡପରେ ସ୍ଥାପନ କରାଯାଇଥିଲା । ପରେ ପରେ ଅତିଥି ମାନେ ୧୦ମ ସତ୍ୟବାଦୀ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅତିଥିଭାବେ ସତ୍ୟବାଦୀ ବିଧାୟକ ତଥା ମହୋତ୍ସବର କମିଟିର ସଭାପତି ଓମ ପ୍ରକାଶ ମିଶ୍ର ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ,କମିଟିର ସମ୍ପାଦକ ଦୀପକ ଶତପଥି, ସଂଯୋଜକ ଜାନକୀ ବଲ୍ଲଭ ବରାଳ, ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ବିଡ଼ିଓ ଦେବାଶିଷ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଜେପି ନେତା ତ୍ରିଲୋଚନ ରଥ ପ୍ରମୁଖ ଯୋଗ ଦେଇଥିଲେ ।



ସଂପାଦକ ଶ୍ରୀଯୁକ୍ତ ଶତପଥୀ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆଇନଜୀବୀ ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସାକ୍ଷୀଗୋପାଳ ସରସତ୍ୱତୀ ଶିଶୁବିଦ୍ୟା ମନ୍ଦିର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଡିଓ ଦେବାଶିଷ ନାୟକ , ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଆଡିସନାଲ ଏସପି , ଏସଡିପିଓ ପିପିଲି, ନିମାପଡ଼ା ଓ ସତ୍ୟବାଦୀ ଆଇଆଇସି ସୌମ୍ୟରଞ୍ଜନ ମହାଲିକ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଦୁଇ ପ୍ଲାଟୁନ ପୋଲିସ ସହ ମୁତୟନ ହୋଇଛନ୍ତି । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦାରା ସମ୍ବର୍ଦ୍ଧିତ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଶୀତୁଆ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଷଣ କରାଯାଇଥିଲା ।

# ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣା : ତଦନ୍ତ ପରେ ଜଣେ ଗିରଫ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଗଡ଼ ବଡପୁଟ ଗ୍ରାମରେ ବୁଧବାର ଦିନ ୧୧ଟା ସମୟରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ଦୁଇ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ଏମ୍ସ ଆୟୁଷରେ ରହି ଚିକିତ୍ସା ହେଉଥିବା ଅଭିଯୋଗ ହୋଇଛି ।ଏହି ଘଟଣାରେ ଗୁରୁବାର ଦିନ କଣାସ ପୁଲିସ ଓ ପୁରୀରୁ ଆସିଥିବା ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୋଗ କାରିଣୀ ଓ ସ୍ଥାନୀୟ ଲୋକମାନଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା କରିଛନ୍ତି । ଏନେଇ ବଡ଼ପୁଟ ଗ୍ରାମର ମମତା ବଳବନ୍ତରାୟ କଣାସ ଥାନାରେ ଲିଖିତ ଅଭିଯୋଗ କରି କହିଛନ୍ତି ଗତ କିଛି ଦିନ ପୂର୍ବରୁ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୋଟିଏ କ୍ୟାଣ୍ଟିନରେ ତାଙ୍କର ଦୁଇ ପୁଅ କାମ କରୁଥିଲେ ପାରିଶ୍ରମିକ ଟଙ୍କା ମାଗିବାରୁ ଏଭଳି ଘଟଣା ଘଟିଛି ।ଘଟଣା ଘଟିବା ଦିନ ତାଙ୍କ ଦୁଇ ପୁଅ ଗୁଡୁ ,ପ୍ରବୀଣ ଓ ତାଙ୍କ ଦିଅର ପ୍ରକାଶ ବଳବନ୍ତରାୟ ଜମିରୁ ଫେରୁଥିବା ବେଳେ ବୈରାଗୀ ବଳବନ୍ତରାୟଙ୍କ ବାରିପଟ ରାସ୍ତା ଉପରେ ବାପି ଗୁମାନସିଂହ,ବବୁଲ ବଳବନ୍ତରାୟ , ଆଡୁଆ ବଳବନ୍ତରାୟ, ବାଦଲ ବଳବନ୍ତରାୟ,ନଣ୍ଡା



ବଳବନ୍ତରାୟ,ଓକିଲ ବଳବନ୍ତରାୟ ,ଏହିବମାନେ ହାତରେ ଖଣ୍ଡା ,ଭୁଜାଲି,ଶାବଳ ଧରି ମୋ ପୁଅ ଗୁଡୁ ବଳବନ୍ତରାୟ, ପ୍ରବୀଣ ବଳବନ୍ତରାୟ ଓ ପ୍ରକାଶ ବଳବନ୍ତରାୟ ଙ୍କୁ ସଂଗବଧ ଆକ୍ରମଣ କରି ମୁଣ୍ଡ ପେଟକୁ ହାଣି ପକାଇଲେ ।ସ୍ଥାନୀୟ ଲୋକମାନେ ଓ ପରିବାର ଲୋକେ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ କୁ ସ୍ଥାନାନ୍ତର କରାଯାଇଛି ।ପୂର୍ବ ଶତ୍ରୁତା ଓ କାମ କରାଇ ପଇସା ନଦେବା ଓ ସେହି ପଇସା ମାଗିବାରୁ ଏଭଳି ଆକ୍ରମଣ ହୋଇଥିବା ଅଭିଯୋଗ କାରିଣୀ ମମତା ବଳବନ୍ତରାୟ ଅଭିଯୋଗ କରିଛନ୍ତି ।ଏନେଇ କଣାସ ଥାନା ଅଧିକାରୀ ଶୁଭେନ୍ଦୁ ଭୂଷଣ ମହାନ୍ତି କହିଛନ୍ତି ଏହି ଘଟଣାରେ ତପାଙ୍ଗରୁ ଶ୍ରୀନିବାସ ବଳବନ୍ତରାୟ ନାମକ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି ।ବିଭିନ୍ନ ସ୍ଥାନରେ ତଦନ୍ତ ଚାଲିଛି ଅନ୍ୟମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ।

# ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ

ଆଠଗଡ ,(ସବ୍ୟୁ): ଆଠଗଡ ବ୍ଲକ ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମର ସମସ୍ତ ବିଦ୍ୟାଳୟର କୃତି ଓ ପ୍ରତିଭାବନ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଖୁଣ୍ଟକଟାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ରେଡ ଭିଲ୍ଲାର ମିଳିତ ଆନୁକୂଲ୍ୟରେ ଗତ ୭ ବର୍ଷ ଧରି ଗ୍ରାମର କୃତି ଓ ପ୍ରତିଭାବନ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଉଛି । ଖୁଣ୍ଟକଟା ଗ୍ରାମର ୫ ଟି ବିଦ୍ୟାଳୟର ୧୮ ଜଣ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏ ପୁରସ୍କାର ପ୍ରଦାନରେ ଛାତ୍ରଛାତ୍ରୀ ମାନେ ଉତ୍ସାହିତ ହେବା ସହ ଆଗାମୀ ଦିନରେ ସଫଳତା ହାସଲ କରିବା ପ୍ରେରଣା ଯୋଗାଇ ଦେଇଥାଏ । କାର୍ଯ୍ୟକ୍ରମରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତଥା ନାଗାଲାଣ୍ଡର ପୂର୍ବତନ ମୁଖ୍ୟ ଶାସନ ସଚିବ ରାଜକିଶୋର ମିଶ୍ର, ରାଜୁ ପତି, ହିମାଂଶୁ ପତି ଓ ରେଡ ଭିଲ୍ଲାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଶ୍ରୀ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡା ସହରାଞ୍ଚଳର ରଥଗଡାଛକ ଠାରେ ଅବସ୍ଥିତ ଆରାଧ ଶ୍ରୀ ତ୍ରିନାଥ ଦେବଙ୍କ ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ଶ୍ରୀଶ୍ରୀଶ୍ରୀ ତ୍ରିନାଥଦେ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୁଲ୍ୟରେଧବାର ପୂର୍ବାହ୍ନରେ ଦୈନିକ ପୂଜାନୀତି ପରେ ମଧ୍ୟାହ୍ନରେ ବାର୍ଷିକ ଉତ୍ସବ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପରୀକ୍ଷା ନିରଞ୍ଜନ ନନ୍ଦଙ୍କ ପୌରହିତ୍ୟରେ ହୋମ କାର୍ଯ୍ୟ କରାଯାଇଥିଲା ।ଟ୍ରଷ୍ଟର ଆବାହକ ସାମ୍ବାଦିକ ଶାନ୍ତି ଶେଖର ରଥ କର୍ତ୍ତାଭାବେ କାର୍ଯ୍ୟ କରିଥିବା ବେଳେ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

5001/1/2526

ଓଡ଼ିଶା ସରକାର
ଅର୍ଥ ବିଭାଗ

**ଚିଟ୍ ଫଣ୍ଡ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ସମ୍ବନ୍ଧୀୟ ବିଶେଷ ସୂଚନା**

ଏତଦ୍ୱାରା ସୂଚାଇ ଦିଆଯାଉଛି ଯେ, ପୂର୍ବରୁ ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟାର ଶେଷ ତାରିଖ ୩୧ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା । ତେବେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କେତେକ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରି ପାଇନାହାଁନ୍ତି । ଅବଶିଷ୍ଟ ଜମାକାରୀଙ୍କ ସୁବିଧା ନିମନ୍ତେ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସମସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଉଛି ।

**(କ) କେଉଁମାନେ ଏହି ସୁଯୋଗର ସୁଫଳ ପାଇବେ ?**

୧. ମାନ୍ୟବର ତଦନ୍ତ କମିଶନ ସୁପାରିସ କରିଥିବା ଓ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ।
୨. ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ।

**(ଖ) ଜମାକାରୀମାନେ ସେମାନଙ୍କର ଆବେଦନ ପତ୍ରର ସ୍ଥିତି କିପରି ଜାଣି ପାରିବେ ?**

ନିଜ ଜିଲ୍ଲାର ସରକାରୀ website ରେ ଫେରସ୍ତ ପାଇ ନଥିବା ଜମାକାରୀ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି । ଏତଦ୍ ବ୍ୟତୀତ, ମାନ୍ୟବର ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / Affidavit ନମ୍ବର ଏବଂ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କର ନାମ / Application ନମ୍ବର www.opid.odisha.gov.in ରେ ଦେଇ, ସେମାନଙ୍କର ଆବେଦନ ପତ୍ରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଜାଣି ପାରିବେ ।

**(ଗ) ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ର ଜମାକାରୀ କ'ଣ କରିବେ ?**

ଜମାକାରୀମାନେ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (R.I.) ଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି ।

୧. ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ ଇତ୍ୟାଦି ।
୨. ମୂଳ ଜମା ରସିଦ୍ (Original Money Receipts)
୩. ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଯଥା ଖାତା ନମ୍ବର, ବ୍ୟାଙ୍କ ନାମ, IFSC (ବି.ଦ୍ର- କେବଳ ମାନ୍ୟବର ତଦନ୍ତ କମିଶନ ସୁପାରିସ କରିଥିବା ଆବେଦନକାରୀଙ୍କ ପାଇଁ ଉଦ୍ଦିଷ୍ଟ)

**ଅର୍ଥ ବିଭାଗ, ଓଡ଼ିଶା ସରକାର**

OIPR : 5001/5001/1/25-26/0001
****

**(ଶ୍ରୀମଦ୍ଭଗବଦ୍ ଗୀତା ୨/୨୯)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି**
**ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ॥ ୨୯॥**

ତଥୈବ ଚ ଅନ୍ୟଃ ଆଶ୍ଚର୍ଯ୍ୟବତ୍ ବଦତି । ଅନ୍ୟଃ ଚ ଆଶ୍ଚର୍ଯ୍ୟବତ୍ ଶୃଣୋତି, ଶ୍ରୁତ୍ୱା ଅପି କଶ୍ଚିତ୍ (ପୁନର୍ବିପରୀତଭାବନାଭିଭୂତଃ) ଏନଂ (ଆତ୍ମାନଂ), ନୈବ ବେଦ (ସମ୍ୟକ୍ ଜାନାତି) ॥ ୨୯ ॥

# ଲୋକସଭାରେ ଅଭୁତପୂର୍ବ ପରିସ୍ଥିତି ହେଲା କାହିଁକି ?

ଭାରତୟ ଲୋକତନ୍ତ୍ରକୁ, ଗଣତନ୍ତ୍ରକୁ ସମଗ୍ର ବିଶ୍ୱ ଏବେ ସମ୍ମାନ ଜଣାଇ ଆସିଥିବାବେଳେ ଆମର ଶିକ୍ଷିତ ଓ ସଚେତନ ବିରୋଧୀ ଦଳର ସାଂସଦମାନେ ଗଣତନ୍ତ୍ରର ମର୍ଯ୍ୟାଦା ରକ୍ଷା ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହେଉଛି । ଆମେ ଗତ ଜାନୁଆରୀ ୨୬ ତାରିଖରେ (୨୦୨୬) ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିବା ପରେ ମଧ୍ୟ ଲୋକସଭା ବାହାରେ ଓ ଭିତରେ ବିରୋଧୀ କଂଗ୍ରେସ ଦଳର ସାଂସଦମାନଙ୍କର ଏପରି ଆଚରଣ ଆମ ସମସ୍ତଙ୍କୁ ବିସ୍ମିତ କରିଛି । ବିରୋଧୀ ଦଳ ନିଜେ ତାହାର ମର୍ଯ୍ୟାଦା ରକ୍ଷା କରିପାରୁନାହିଁ । ଏପରି ପରିସ୍ଥିତି ଲୋକସଭାରେ କେବେ ଉପୁଜି ନଥିଲା । ଗୃହର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୪ ଫେବୃଆରୀ ଅପରାହ୍ନ ୫ଟା ସମୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଚାଲିଥିବା ଧନ୍ୟବାଦ ପ୍ରସ୍ତାବ ଉପରେ ଉତ୍ତର ରଖିଥା'ନ୍ତେ । ମାତ୍ର ସେ ଉତ୍ତର ଦେବା ପୂର୍ବରୁ ଗୃହକୁ ମୁଲତବୀ ରଖାଯିବାକୁ ବାଧ୍ୟ କରାଗଲା । ବିରୋଧୀ ଦଳର ମହିଳା ସାଂସଦମାନେ ବିରୋଧ କଲେ– ପ୍ରଧାନମନ୍ତ୍ରୀ ଉତ୍ତର ନ ରଖିବାକୁ । ସେମାନେ ହାତରେ ଯେପରି ବ୍ୟାନର ଧରି ଶାସକ ଦଳ ବିରୋଧରେ ଧ୍ୱନିମାନ ଦେଇଥିଲେ ଓ ପ୍ରଧାନମନ୍ତ୍ରୀଙ୍କ ଆସନକୁ ଘେରି ଯାଇଥିଲେ, ଏପରିକି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ଥିଲେ, ତାହା ଏକ ଅଭୁତପୂର୍ବ ଘଟଣା କେବଳ ନଥିଲା, ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କ ମର୍ଯ୍ୟାଦା ହାନି ହୋଇଥିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । କଂଗ୍ରେସ ଦଳ ଯେପରି ଶୃଙ୍ଖଳିତ ଆଚରଣ ଜରିଆରେ ଆମର ଗଣତାନ୍ତ୍ରିକ ମର୍ଯ୍ୟାଦା ଓ ମୂଲ୍ୟବୋଧକୁ ସମ୍ମାନ ଦେବା କଥା, ତାହା ସମ୍ଭବ ହେଲା ନାହିଁ । ସମ୍ଭବତଃ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ନିଜ ଦଳ ଉପରେ କି ଶାସକ ଦଳ ଉପରେ ଭରସା ରଖି ପାରିଲେନି । ଆମର ଗଣତନ୍ତ୍ରକୁ କ'ଣ ପାକିସ୍ତାନ ଗଣତନ୍ତ୍ର ପରି ମର୍ଯ୍ୟାଦାହୀନ କରିବାକୁ ବିରୋଧୀ ଦଳ ଚାହୁଁଛି ? ସଂସଦ ଭିତରକୁ ମୁଖ୍ୟ ପ୍ରବେଶ ଦ୍ୱାର ଦେଇ ସଂସଦର ଅଧିବେଶନରେ ଯୋଗ ଦେବାକୁ ଯାଉଥିବା କେନ୍ଦ୍ର ମନ୍ତ୍ରୀ ରବନୀତ୍ ବିଟ୍ଟୁଙ୍କୁ ରାହୁଲ ଗାନ୍ଧି ଟ୍ରେଟର (ବିଶ୍ୱାସଘାତକ) ବୋଲି କହିବାରୁ ସେ ତାହାର ପାଲଟା ଜବାବ ଦେଇ ରାହୁଲଙ୍କୁ 'ଦେଶର ଦୁଶମନ, କଣ୍ଟା' ବୋଲି ମଧ୍ୟ କହିଥିଲେ । ଫଳରେ ଶିଖମାନେ ଏହି 'ବିଶ୍ୱାସଘାତକ' କଥା କୁହାଯିବା ଘଟଣାକୁ ଗୁରୁତ୍ୱର ସହିତ ନେଇ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ– ଦିଲ୍ଲୀରେ କଂଗ୍ରେସ ଅଫିସ ସମ୍ମୁଖରେ କେବଳ ନୁହେଁ, ସାରା ଦେଶରେ ବିକ୍ଷୋଭ ଆୟୋଜନ କରିବାକୁ ସେମାନେ ସଜବାଜ ହେଉଥିବା ମଧ୍ୟ କୁହାଯାଉଛି ।

ଉଲ୍ଲେଖନୀୟ ଯେ ରାହୁଲ ଗାନ୍ଧି, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କର ନାତି, ଯାହାଙ୍କୁ ଶିଖମାନେ ତାଙ୍କ ବାସଗୃହରେ ହତ୍ୟା କରିଥିଲେ । ରବନୀତ ବିଟ୍ଟୁ ମଧ୍ୟ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂଙ୍କ ନାତି, ଯାହାଙ୍କୁ ଖାଲିସ୍ଥାନୀମାନେ ହତ୍ୟା କରିଥିଲେ ।

ରବନୀତ ବିଟ୍ଟୁ ପୂର୍ବରୁ କଂଗ୍ରେସର ସାଂସଦ ଥିଲେ । ସେ ଏବେ ବିଜେପିର ସାଂସଦ ଓ ମନ୍ତ୍ରୀ । ସେଥିଯୋଗୁଁ ରାହୁଲ ଗାନ୍ଧି ତାଙ୍କ ଉପରେ ହୁଏତ ରାଗି ଥିବେ ଏବଂ କହୁ କହୁ ତାଙ୍କ ପାଟିରୁ ଏପରି 'ଟ୍ରେଟର' ଶବ୍ଦ ବାହାରି ଯାଇଥିବ । ମାତ୍ର ରାହୁଲ ଗାନ୍ଧି ଭୁଲିଯିବା ଉଚିତ ନୁହେଁ ଯେ ସେ ମର୍ଯ୍ୟାଦାସମ୍ପନ୍ନ ଲୋକସଭାର ବିରୋଧୀ ଦଳର ନେତା । ତାଙ୍କର ପାହ୍ୟା କେନ୍ଦ୍ର ସରକାରଙ୍କର କ୍ୟାବିନେଟ ପାହ୍ୟା ସହିତ ହୁଏତ ସମାନ ହୋଇଥିବ । ସେ କଥା ଓ କାର୍ଯ୍ୟରେ ସଂଯମତା ଆଚରଣ କରିବା ଉଚିତ ହୋଇଥାନ୍ତା । ତାଙ୍କର ପିତା ରାଜୀବ ଗାନ୍ଧି ମଧ୍ୟ ପ୍ରଧାନମନ୍ତ୍ରୀ ଥିଲେ । ତେଣୁ ଏବର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସେ ସଂସଦରେ ସମ୍ମାନ ଦେଇଥିଲେ ଭଲ ହୋଇଥା'ନ୍ତା । ତାଙ୍କର ଓ ତାଙ୍କ ପିତା ରାଜୀବ ଗାନ୍ଧିଙ୍କ ମର୍ଯ୍ୟାଦା ବରଂ ତଦ୍ଦ୍ୱାରା ବୃଦ୍ଧି ପାଇଥାନ୍ତା ।

ଗତ ୨୦୦୪ରେ କଂଗ୍ରେସ ଦଳ ସର୍ବାଧିକ ସଂଖ୍ୟାରେ ଏକକ ସଂଖ୍ୟାଗରିଷ୍ଠତା ଲାଭ କରି ଲୋକସଭାରେ ଜୟଯୁକ୍ତ ହୋଇଥିଲେ ମଧ୍ୟ ସରକାର ଗଢ଼ିବାକୁ ଜୟଲଳିତାଙ୍କ ଏ.ଆଇ.ଏ. ଡି.ଏମ୍.କେ ଓ ଅନ୍ୟ କେତେକ ଦଳର ସମର୍ଥନ ଲୋଡିଥିଲେ । ତତ୍କାଳୀନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କାଲାମ ସୋନିଆ ଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ ହୋଇ ସରକାର ଗଢ଼ିବାକୁ ସୁଯୋଗ ଦେଇଥିଲେ ମଧ୍ୟ ସୋନିଆ ଗାନ୍ଧି ନିଜେ ପ୍ରଧାନମନ୍ତ୍ରୀ ନ ହୋଇ ଶିଖ ସମ୍ପ୍ରଦାୟର ଡ. ମନମୋହନ ସିଂଙ୍କୁ ଏହି ସୁଯୋଗ ଦେଇଥିଲେ । ମନମୋହନ ସିଂ ଯେ ନାମକୁ ମାତ୍ର ପ୍ରଧାନମନ୍ତ୍ରୀ ଥିଲେ ଓ ସୋନିଆ ଗାନ୍ଧି ବା ରାହୁଲ ଗାନ୍ଧିଙ୍କଦ୍ୱାରା ପରିଚାଳିତ ହେଉଥିଲେ, ଏ କଥା ପ୍ରତ୍ୟେକ ସଚେତନ ଭାରତୀୟ ନାଗରିକ ସେତେବେଳେ ଉପଲବ୍ଧି କରିଥିଲେ । ସୋନିଆ ଗାନ୍ଧି କାହିଁକି ପ୍ରଧାନମନ୍ତ୍ରୀ ହେଲେ ନାହିଁ, ସେ ବିଷୟରେ ବିଭିନ୍ନ ଗଣମାଧମ ଅନୁସନ୍ଧାନ କରି ଆଲୋଚନା କରିବା ଆବଶ୍ୟକ ।

## ଭକ୍ତିର ବିସ୍ମୟ

**ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତିରେଣୁ ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମେରିକାର ଇରାନ୍ ଉପରେ ଆକ୍ରମଣ କଷ୍ଟକର କାହିଁକି?



**ଡା. ରାଜ କିଶୋର ପଣ୍ଡା**

ଏହା ମଧ୍ୟରେ ଇରାନ୍‌ରେ ଦେଖାଦେଇଥିବା ଭୟଙ୍କର ସତ୍ତା ବିରୋଧୀ ଗଣଆନ୍ଦୋଳନକୁ ଗତ ଜାନୁୟାରୀ ୨୮ ତାରିଖରେ ଏକ ମାସ ପୂରି ଗଲା । ଏଥିରେ ହୋଇଥିବା ବ୍ୟାପକ ଗଣହତ୍ୟାରେ ଉଦ୍‌ବେଗ ପ୍ରକାଶ କରି ମିଳିତ ଜାତିସଂଘର ମାନବିକ ଅଧିକାର ପରିଷଦ ଇତି ମଧ୍ୟରେ ଏକ ଜରୁରୀକାଳୀନ ବୈଠକ ଡକାଇଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ପରିଷଦ କହିଛନ୍ତି ଯେ, ତେହେରାନ୍‌ରେ ହୋଇଥିବା ଗଣଆନ୍ଦୋଳନରେ ଏ ପର୍ଯ୍ୟନ୍ତ ଅତିକମ୍‌ରେ ପାଞ୍ଚ ହଜାର ଲୋକଙ୍କର ନିଶ୍ଚିତ ଭାବରେ ମୃତ୍ୟୁ ହୋଇଛି ବୋଲି ମିଳିତ ଜାତିସଂଘ ଅବଗତ ଅଛନ୍ତି ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଆନ୍ଦୋଳନର ପ୍ରଥମ ଭାଗରେ, ଇରାନ୍‌ର ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଥିଲେ କି, ସେମାନେ ଆଗେଇ ଯାଆନ୍ତୁ, ଦେଶର ବିଭିନ୍ନ ସାମାଜିକ, ସାମରିକ ଓ ରାଜନୈତିକ ପ୍ରତିଷ୍ଠାନକୁ ନିଜ ଦଖଲକୁ ଆଣନ୍ତୁ, ଆମେରିକା ଏଥିରେ ତାଙ୍କ ସହିତ ଅଛି । କିନ୍ତୁ ଏପର୍ଯ୍ୟନ୍ତ ହଜାର ହଜାର ଲୋକ ମୃତ୍ୟୁବରଣ କରିବା ପରେ ମଧ୍ୟ ଟ୍ରମ୍ପ୍ ଇରାନ ପ୍ରସଙ୍ଗରେ କୌଣସି ଦୃଢ଼ ପଦକ୍ଷେପ ନେଇନାହାନ୍ତି । ଏଥିରେ ବୀତସ୍ପୃହ ହୋଇ ବର୍ତ୍ତମାନ ତେହେରାନ୍‌ର ବିଦ୍ରୋହୀ ଜନତା ଟ୍ରମ୍ପଙ୍କୁ ବିଶ୍ୱାସଘାତକର ଆଖ୍ୟା ଦେଉଛନ୍ତି । ନୂଆବର୍ଷ ଆରମ୍ଭ ହେବାର ମାତ୍ର ଦୁଇ ଦିନ ପରେ ଭେନେଜୁଏଲାକୁ ଦଖଲ କରିଥିବା ଓ ବର୍ତ୍ତମାନ ଗ୍ରୀନ୍‌ଲ୍ୟାଣ୍ଡ ଓ ଭାରତ ମହାସାଗରରେ ଥିବା 'ଡିଏଗୋ ଗ୍ରାସିଆ' ଦ୍ୱୀପ ଅଧିକାର କରିବା ପାଇଁ ହୁଙ୍କାର ଦେଉଥିବା ଟ୍ରମ୍ପ କେଉଁ କାରଣବଶତଃ ଇରାନ୍ ଉପରେ ଦୃଢ଼ ପଦକ୍ଷେପ ନେବା ପାଇଁ ପଛ ଘୁଞ୍ଚା ଦେଉଛନ୍ତି, ତାହା ବର୍ତ୍ତମାନ ଆଲୋଚ୍ୟର ବିଷୟ । ଆସନ୍ତୁ, ଜାଣିବା ଏହାର କାରଣଗୁଡ଼ିକୁ । ଏହି ନିବନ୍ଧଟି ପ୍ରକାଶ ପାଇବା ବେଳକୁ ହୁଏତ ଆମେରିକା ଇରାନ ଉପରେ ପୂର୍ଣ୍ଣ ମାତ୍ରାରେ ଆକ୍ରମଣ କରିପାରିଥାଏ କିନ୍ତୁ ଆକ୍ରମଣର ଭବିଷ୍ୟତ ଫଳାଫଳ ଓ ଅତୀତରେ ଏହି ଦୁଇଦେଶର ସଂଘର୍ଷ ସମ୍ପର୍କିତ କିଛି ରୋଚକ କାହାଣୀ ପାଠକ ଏହାକୁ ପଢ଼ିଲେ ନିଶ୍ଚିତ ଭାବରେ ଜାଣିପାରିବେ ।

ପ୍ରଥମ କାରଣଟି ହେଉଛି–ଷ୍ଟ୍ରେଟ୍ ଅଫ୍ ହୋର୍ମୁଜର ନିୟନ୍ତ୍ରଣ । ଏହା ଗୋଟିଏ ସଂକୀର୍ଣ୍ଣ ଜଳପଥ, ଯାହାକି ପାରସ୍ୟ ଉପସାଗର ଓ ଓମାନ୍ ଉପସାଗର ମଧ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗାଯୋଗ ଅଟେ । ସମଗ୍ର ବିଶ୍ୱରେ ତୈଳ ପରିବହନ କ୍ଷେତ୍ରରେ ଏହାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଭାରତରେ ମୋଗଲ ଶାସନର ପ୍ରତିଷ୍ଠାତା ବାବରଙ୍କର 'ବାବରନାମା'ରେ ଏହି ଅଞ୍ଚଳର ଉଲ୍ଲେଖ ରହିଛି । ସେ ଲେଖିଛନ୍ତି, କେନ୍ଦ୍ର ଏସିଆର ଷ୍ଟ୍ରେଟ୍ ଅଫ୍ ହୋରମୁଜ୍ ଦେଇ କାଜୁ ଏବଂ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ବିଭିନ୍ନ ଅଞ୍ଚଳକୁ ରପ୍ତାନୀ ହୋଇଥାଏ । ବିଶ୍ୱର ପାଖାପାଖି ତିରିଶ ପ୍ରତିଶତ ଅଶୋଧିତ ତୈଳ ଓ ପଚିଶ ପ୍ରତିଶତ ପ୍ରାକୃତିକ ଗ୍ୟାସ୍ ଏହି ଅଞ୍ଚଳ ଦେଇ ପ୍ରତିଦିନ ପରିବହନ କରାଯାଇଥାଏ । ଆନ୍ତର୍ଜାତିକ ନିୟମଦ୍ୱାରା ପରିଚାଳିତ ହୋଇ ଇରାନ୍ ଏହି ଅଞ୍ଚଳର ଉତ୍ତର ଭାଗ ଓ ଓମାନ ଏହାର ଦକ୍ଷିଣ ଭାଗକୁ ବର୍ତ୍ତମାନ ନିୟନ୍ତ୍ରଣ କରୁଛନ୍ତି । ଇରାନ୍ ଉପରେ ଦଶନ୍ଧି ଧରି ଲାଗି ରହିଥିବା ଅର୍ଥନୈତିକ କଟକଣା ଓ ଏହାର ଆମେରିକା ସହିତ ନିରନ୍ତର ଭାବରେ ଚାଲିଥିବା ସଂଘର୍ଷ ମଧ୍ୟରେ ଇରାନ ବାରମ୍ବାର ଧମକ ଦେଇଛି, ଏହି ଅଞ୍ଚଳକୁ ଅବରୋଧ କରିବ ବୋଲି, ଯଦିଓ କେବେ ବି ଏପରି ପଦକ୍ଷେପ ନେଇନାହିଁ । ଯଦି ସାମ୍ପ୍ରତିକ ସମୟରେ ଆମେରିକାର ଆକ୍ରମଣରେ ଇରାନ ଏହି ଅଞ୍ଚଳକୁ ଅବରୋଧ କରେ, ତେବେ ମଧ୍ୟପ୍ରାଚ୍ୟରୁ ଅଶୋଧିତ ତୈଳର ରପ୍ତାନୀ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେବ, ଯାହାଦ୍ୱାରା ଆନ୍ତର୍ଜାତିକ ବଜାରରେ ତୈଳର ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିବ । ଏହାଦ୍ୱାରା ପ୍ରଭାବିତ ହେବେ ଭାରତ ଓ ଜାପାନ ଭଳି ଦେଶମାନେ । ଯଦିଓ ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌ର ବିକଳ୍ପ ଭାବେ ସାଉଦି ଆରବରୁ ପାଇପ୍ ଲାଇନ୍ ଯୋଗେ ତୈଳ ରପ୍ତାନୀ କରାଯାଇପାରିବ, ଏହାର ପରିମାଣ କିନ୍ତୁ ଅତ୍ୟନ୍ତ ସୀମିତ । ଏହା ମଧ୍ୟରେ ଇରାନ ପାଖାପାଖି ଏକ ହଜାର ବିଦ୍ରୋହୀଙ୍କର ଫାଶୀଦଣ୍ଡକୁ ସ୍ଥଗିତ ରଖିଛି, ଯାହାଦ୍ୱାରା ଟ୍ରମ୍ପ କିଛି ପରିମାଣରେ ଆଶ୍ୱସ୍ତ ହୋଇଛନ୍ତି ।

ଦ୍ୱିତୀୟ ପ୍ରମୁଖ କାରଣ ହେଉଛି କାତାର୍, ସାଉଦି ଆରବ, ବାହାରିନ୍ ପ୍ରଭୃତି ମଧ୍ୟପ୍ରାଚୀୟ ଦେଶରେ ଆମେରିକାର ଥିବା ସାମରିକ ଘାଟି । ଆମେରିକା ଇରାନ ଉପରେ ଆକ୍ରମଣ କଲେ ତାର ପ୍ରତିବଦଳରେ ଇରାନ୍ ମଧ୍ୟ ଉପରୋକ୍ତ ସାମରିକ ଘାଟି ଉପରେ ଆକ୍ରମଣ କରିପାରେ ।

ତୃତୀୟ ପ୍ରମୁଖ କାରଣ ହେଉଛି ଇରାନର ନିଜସ୍ୱ ଆଣବିକ ଅସ୍ତ୍ର । ୨୦୨୫ ମସିହା ଜୁନ୍ ମାସରେ ଆମେରିକା ଓ ଇସ୍ରାଏଲର ଇରାନ ଉପରେ ମିଳିତ ଆକ୍ରମଣର ମୁଖ୍ୟ କାରଣ ଯଦିଓ ଏହାର ବିବାଦୀୟ ପରମାଣୁ ପ୍ରକଳ୍ପକୁ ନଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଏ ପର୍ଯ୍ୟନ୍ତ କିନ୍ତୁ ଏହାର ଫଳାଫଳ ସନ୍ଦେହ ଘେରରେ ରହିଛି । କିଛି ସୂତ୍ରରୁ ଖବର ମିଳୁଛି ଯେ ଆଣବିକ ପ୍ରକଳ୍ପ ନଷ୍ଟ ହୋଇଯାଇଛି ତ ଅନ୍ୟ କ୍ଷେତ୍ରରୁ ଏହା ମଧ୍ୟ ଶୁଣିବାକୁ ମିଳୁଛି ଯେ ଆକ୍ରମଣର ଠିକ୍ ପୂର୍ବରୁ ଇରାନ୍ ଏହାର ୟୁରାନିୟମକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଦେଇଛି ବୋଲି । ତେଣୁ ଏପରି ଦ୍ୱନ୍ଦ୍ୱମୂଳକ ପରିସ୍ଥିତିରେ ଯଦି ଇରାନ୍ ଉପରେ କୌଣସି ଆକ୍ରମଣ ହୁଏ, ତେବେ ସେଠାକାର ଶାସକ ଆୟାତୋଲ୍ଲା ଖୋମିନୀ ଯେ ଉତ୍ତର କୋରିଆର କିମ୍ ଜଙ୍ଗ ଉନ୍‌ଙ୍କ ଭଳି ଦେଶର ଆଣବିକ ଅସ୍ତ୍ରକୁ ନେଇ କିଛି ଧ୍ୱଂସକାରୀ ପଦକ୍ଷେପ ନ ନେବେ ଏହା କହିହେବ ନାହିଁ ।

ଚତୁର୍ଥ ମୁଖ୍ୟ କାରଣ ଆମେରିକାର ଆଗାମୀ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ, ଯାହାକି ନଭେମ୍ବର ମାସରେ ହେବା ପାଇଁ ଯାଉଛି । ଆମେରିକା ନିର୍ବାଚନ ଉପରେ ଇରାନର ପ୍ରଭାବ କଣ ତାହା ଜାଣିବା ପାଇଁ ଆମକୁ ଯିବାକୁ ପଡ଼ିବ ୧୯୮୦ ମସିହାରେ ସଂଘଟିତ ହୋଇଥିବା ଅପରେସନ୍ ଇଗଲ କ୍ଲ କୁ । ଯୁକ୍ତରାଷ୍ଟ୍ର ଆମେରିକାର ତେପନ ଜଣ ଦୂତାବାସ କର୍ମଚାରୀଙ୍କୁ ଇରାନ୍‌ରେ ବନ୍ଦୀ କରି ରଖାଯାଇଥିଲା । ସେମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିବା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଜିମି କାର୍ଟର୍‌ଙ୍କ ନେତୃତ୍ୱରେ ହୋଇଥିଲା ଉପରୋକ୍ତ ଅପରେସନ୍ । ଆଶ୍ଚର୍ଯ୍ୟଜନକ ଭାବେ ଅପରେସନ୍‌ଟି ବିଫଳ ହେଲା । ଆଠଜଣ ଆମେରିକୀୟ ଆର୍ମି ଅଫିସର ଏଥିରେ ନିହତ ହେଲେ । ଏହାର ବିଫଳତାକୁ ପୁଞ୍ଜି କରି ତତ୍କାଳୀନ ଇରାନ୍‌ର ମୌଳବାଦୀ ଶାସକ ରୁହୋଲ୍ଲା ଖାମିନୀଙ୍କର ଲୋକପ୍ରିୟତା ଗଗନଚୁମ୍ବୀ ହୋଇଥିବାବେଳେ ସମାନ ଜିନିଷ ଜିମି କାର୍ଟରଙ୍କ ପାଇଁ କିନ୍ତୁ ମହଙ୍ଗା ସାବ୍ୟସ୍ତ ହେଲା । ଆଗାମୀ ରାଷ୍ଟ୍ରପତି ନିର୍ବାଚନ ସେ ହାରିଗଲେ । ତେଣୁ ନିର୍ବାଚନକୁ ଆଖି ଆଗରେ ରଖି ଟ୍ରମ୍ପଙ୍କର ପଛଘୁଞ୍ଚା ମଧ୍ୟ ଏକ ସମ୍ଭାବ୍ୟ କାରଣ ହୋଇପାରେ ।

ପଞ୍ଚମ ଓ ଶେଷ କାରଣଟି ବ୍ୟାପକ ଓ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହାର ଦୁଇଗୋଟି ମୁଖ୍ୟ ଅଙ୍ଗ ଅଛି । ଗୋଟିଏ ହେଉଛି ବୈକଳ୍ପିକ ନେତୃତ୍ୱର ଅଭାବ ଓ ଅନ୍ୟଟି ମଧ୍ୟପ୍ରାଚ୍ୟର ସାମାଜିକ ଓ ରାଜନୈତିକ ସଂରଚନା । ପ୍ରଥମେ ଆସିବା ବୈକଳ୍ପିକ ନେତୃତ୍ୱର ଅଭାବକୁ । ଆମେରିକା ପୂର୍ବରୁ ଗଣତନ୍ତ୍ର ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ଦେଶରେ ଅଧିଷ୍ଠିତ ଏକଛତ୍ରବାଦୀ ଶାସକମାନଙ୍କୁ କଳେ ବଳେ କୌଶଳେ ଶାସନ କ୍ଷମତାରୁ ଅପସାରଣ କରିଥିଲା । ଏମାନଙ୍କ ମଧ୍ୟରେ ଇରାକର ସଦ୍ଦାମ ହୁସେନ ଓ ଲିବିୟାର ମୁଆଁମାର ଗଦ୍ଦାଫି ଅନ୍ୟତମ ।

ଉଭୟେ ଶାସନ କ୍ଷମତାରୁ ଗଲାପରେ ଉକ୍ତ ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ହେବା ତ ଦୂରର କଥା ବରଂ ଉଭୟେ ବର୍ତ୍ତମାନ ଅରାଜକତାର ଅନ୍ଧକାରରେ । ସେହିପରି ଆମେରିକା ନେପାଳରେ ବାମପନ୍ଥୀ ସରକାରର ପତନ ଘଟାଇ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା କରିବାର ସ୍ୱପ୍ନ, ସ୍ୱପ୍ନରେ ହିଁ ରହିଯାଇଛି । ୨୦୨୪ରେ ବାଂଲାଦେଶରେ ଶେଖ୍ ହାସିନାଙ୍କୁ ଶାସନ କ୍ଷମତାରୁ ହଟାଇ ଆମେରିକା ପ୍ରରୋଚନାରେ ସେଠାକାର ଅନ୍ତରୀଣ ସରକାରର ଦାୟିତ୍ୱ ନୋବେଲ ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ଦିଆଯାଇଥିଲା । କିନ୍ତୁ ଦେଢ଼ ବର୍ଷ ହେଲାଣି ବାଂଲାଦେଶରେ କଣ ଘଟୁଛି ତାହା ସମଗ୍ର ବିଶ୍ୱ ଦେଖୁଛି ।

ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବାଂଲାଦେଶ ରକ୍ତ ରଞ୍ଜିତ । ତେଣୁ ଇରାନର ଖୋମିନୀ ସରକାରକୁ ହଟାଇ ସେଠାରେ ଉପଯୁକ୍ତ ବୈକଳ୍ପିକ ନେତୃତ୍ୱ ଦେବା ଆମେରିକା ପକ୍ଷରେ ସହଜ ନୁହେଁ । ପ୍ରବାସୀ ରେଜା ପାହାଲଭିଙ୍କ ହାତରେ ଯଦି ଆମେରିକା ନେତୃତ୍ୱର ଚାବିକାଠି ଦିଏ, ଏହାର ଗ୍ରହଣୀୟତା ମଧ୍ୟ ପ୍ରଶ୍ନ ଘେରରେ ।

ଏବେ ଆସିବା ମଧ୍ୟପ୍ରାଚ୍ୟର ରାଜନୈତିକ ଓ ସାମାଜିକ ସଂରଚନାକୁ । ମଧ୍ୟପ୍ରାଚ୍ୟ, ଭେନେଜୁଏଲା କିମ୍ବା ଗ୍ରୀନଲ୍ୟାଣ୍ଡ ନୁହେଁ । ଏହା ଅତ୍ୟନ୍ତ ଉତ୍ତେଜନା ପ୍ରବଣ ଅଞ୍ଚଳ । ୨୦୧୦ ମସିହାରେ ଟ୍ୟୁନିସିଆରେ ଜଣେ ସାଧାରଣ ରାସ୍ତାକଡ଼ର ବ୍ୟବସାୟୀ ମହମ୍ମଦ ବୌଆଜିଜିଙ୍କ ଆତ୍ମାହୁତିରୁ ସଂଘଟିତ ହୋଇଥିଲା, ଆରବ ବସନ୍ତ ବିଦ୍ରୋହ । ଚାଳ ଘରେ ନିଆଁ ଲାଗିଲେ ଏହା ଗୋଟିଏ ଚାଳରୁ ଆଉ ଗୋଟିକୁ ଡେଇଁଲା ପରି ଏହି ବସନ୍ତ ବିଦ୍ରୋହ ଟ୍ୟୁନିସିଆରୁ ଆରମ୍ଭ ହୋଇ ଲିବିୟା, ଇଜିପ୍ଟ, ବାହାରିନ, ସିରିଆ, ୟେମେନକୁ ବ୍ୟାପିଥିଲା । ଏପରିକି ଇରାକ୍, ଆଲଜେରିଆ, ଲେବାନନ, ଜୋର୍ଡ଼ାନରେ ମଧ୍ୟ ବ୍ୟାପକ ଲୋକ ଏହି ବିଦ୍ରୋହରେ ଅଂଶଗ୍ରହଣ କରିଥିଲେ ।

ଏହି ବିଦ୍ରୋହ ଟ୍ୟୁନିସିଆର ବେନଅଲି, ଲିବିୟାର ଗଦ୍ଦାଫି ଇଜିପ୍ଟର ହୋସନି ମୁବାରକ ଓ ୟେମେନର ଅବଦୁଲ୍ଲା ସାଲେହ ପରି ଏକଛତ୍ରବାଦୀ ଶାସକଙ୍କର ପତନ ଘଟାଇଥିଲା । ଆମେରିକା ଏଥିରେ ଦୁଇଟି ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । କେତୋଟି ଦେଶରେ ଏହା ଏକଛତ୍ରବାଦୀ ଶାସକଙ୍କୁ ସମର୍ଥନ କରିଥିଲା ତ ଆଉ କେତୋଟି ଜାଗାରେ ବିରୋଧ କରିଥିଲା । ଉଦାହରଣସ୍ୱରୂପ ଲିବିୟା, ଏଥିପାଇଁ ତତ୍କାଳୀନ ଓବାମା ପ୍ରଶାସନ ଆନ୍ତର୍ଜାତିକ ସ୍ତରରେ ବେଶ୍ ନିନ୍ଦିତ ମଧ୍ୟ ହୋଇଥିଲା । ସାମ୍ପ୍ରତିକ ପରିସ୍ଥିତିରେ ଡୋନାଲ୍‌ଡ ଟ୍ରମ୍ପ ଇରାନ୍ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନେଲେ, ଏହାର ନିଆଁ ସମଗ୍ର ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକାକୁ ମଧ୍ୟ ବ୍ୟାପି ଯାଇପାରେ । ତେଣୁ ଭବିଷ୍ୟତକୁ ଆଖି ଆଗରେ ରଖି ଟ୍ରମ୍ପ ନିଜର ଓ ଆମେରିକାର ଭାବମୂର୍ତ୍ତିକୁ କଦାପି ନଷ୍ଟ କରିବାକୁ ଚାହିଁବେ ନାହିଁ । ତେବେ ଆମେ ଦେଖିବା ଏ ଘଟଣାର ମୋଡ଼ କୁଆଡ଼େ ଯାଉଛି ।

**ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର**
**ମୋ– ୮୧୪୪୦୪୨୯୯୭**

# ଗନ୍ଧମାର୍ଦ୍ଦନରୁ ଆରାବଳୀ ଯାଏଁ



**ସତ୍ୟ ସୁନ୍ଦର ଭଞ୍ଜ**

ଗନ୍ଧମାର୍ଦ୍ଦନ ପାହାଡ଼ ଓଡ଼ିଶାର ବଲାଙ୍ଗିର ଓ ବରଗଡ଼ ଜିଲ୍ଲାକ ସୀମାନ୍ତରେ ଅବସ୍ଥିତ ଏକ ପ୍ରାକୃତିକ ସମ୍ପଦରେ ଭରପୁର ପାହାଡ଼ ଶ୍ରେଣୀ । ଏହି ପାହାଡ଼ ଉପରେ ଖଣି ଖନନ କରିବା ପ୍ରସ୍ତାବ ଆସିଲେ, ସେଥିରୁ କେବଳ ପରିବେଶ ନୁହେଁ, ସମଗ୍ର ସମାଜ, ସଂସ୍କୃତି ଓ ମାନବ ଜୀବନ ଉପରେ ଭୟାବହ ବିପଦ ସୃଷ୍ଟି ହେବ । ଗନ୍ଧମାର୍ଦ୍ଦନ ପାହାଡ଼ କେବଳ ଓଡ଼ିଶାର ନୁହେଁ, ସମଗ୍ର ଭାରତର ଏକ ଅମୂଲ୍ୟ ପ୍ରାକୃତିକ ଗନ୍ତାଘର । ଏଠାରେ ଖଣି ଖନନ କରିବା ମାନେ ନିଜ ମାଟି, ଜଳ, ଜଙ୍ଗଲ ଓ ଭବିଷ୍ୟତ ପିଢ଼ିକୁ ଧ୍ୱଂସ ମୁଖକୁ ଟାଣି ନେବା । ତେଣୁ ଗନ୍ଧମାର୍ଦ୍ଦନକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର ନୀତିଗତ ଦାୟିତ୍ୱ । ଆଜିର ଯୁଗରେ ମଣିଷ ଦ୍ରୁତ ବିକାଶ ଚାହୁଁଥିବା ବେଳେ ପ୍ରକୃତି ଓ ପରିବେଶକୁ ଅବିଚାରିତ ଭାବେ ଧ୍ୱଂସ କରିବାରେ ଲାଗିଛି । ବିକାଶ ଚାହିଁଲେ ମଧ୍ୟ ପ୍ରକୃତି ସହ ସମୟ ରଖି ସନ୍ତୁଳିତ ବିକାଶ କରିବା ହିଁ ଉଚିତ୍ ମାର୍ଗ । ଆମେ ଜାଣିବା ଉଚିତ ମାଟି ତଳେ ଥିବା ଖଣି,କୋଇଲା ତଥା ଅନ୍ୟାନ୍ୟ ସମ୍ପଦ କେବଳ ଗୋଟିଏ ପିଢ଼ି ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ଆଗାମୀ ପିଢି ପାଇଁ ମଧ୍ୟ ରଖିବାକୁ ପଡିବ । କିନ୍ତୁ ପ୍ରାୟ ୪ ଦଶନ୍ଧି ହେଲା ଏହି ପ୍ରାକୃତିକ ସମ୍ପଦର ମାତ୍ରାଧିକ୍ୟ ବ୍ୟବହାର ସହ ଖଣିଜ ସମ୍ପଦର ଲୁଟ୍ ହେଉଛି । ଫଳରେ ରାଜ୍ୟ ସରକାର ଲକ୍ଷ ଲକ୍ଷ କୋଟି ରାଜସ୍ୱ ହରାଉଥିବା ବେଳେ ପରିବେଶ ପ୍ରତି ବିପଦ ଦେଖାଦେଇଛି । ୪ ଦଶନ୍ଧି ପୂର୍ବେ ଗନ୍ଧମାର୍ଦ୍ଦନ ପାହାଡକୁ ଲିଜ୍ ସୂତ୍ରରେ ବକ୍ସାଇଟ ଖନନ ପାଇଁ ବାଲକୋ କମ୍ପାନୀକୁ ସରକାର ଦେଇଥିଲେ । କିନ୍ତୁ ବଲାଙ୍ଗିର ଓ ବରଗଡ଼ର ଲୋକେ ତଥା ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଆନ୍ଦୋଳନରତ ପରିବେଶ ପ୍ରେମୀଙ୍କ ଆଗରେ ବାଲକୋ ଚୁକ୍ତିପତ୍ରରୁ ହଟିଥିଲା । ଏହା ସେହି ସମୟରେ ଆନ୍ଦୋଳନକାରୀଙ୍କ ଏକ ବଡ଼ ନୈତିକ ବିଜୟ ବୋଲି କୁହାଯାଏ ।

**ଗନ୍ଧମାର୍ଦ୍ଦନ ପାହାଡ଼ର ପ୍ରାକୃତିକ ମହତ୍ତ୍ୱ :**ଗନ୍ଧମାର୍ଦ୍ଦନ ପାହାଡ଼ ଘନ ଜଙ୍ଗଲ, ଝରଣା, ନଦୀର ମୂଳସ୍ରୋତ ଓ ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳ, ଔଷଧୀୟ ଗୁଳ୍ମରାଜୀର ଗନ୍ତାଘର ଭାବରେ ପରିଚିତ । ଏଠାରୁ ଜୋଙ୍କ, ଅଙ୍ଗ, ତେଲ ଭଳି ଅନେକ ଛୋଟ-ବଡ଼ ନଦୀ ଉଦ୍ଭବ ହୋଇ ଚାଷ ଜମିକୁ ଜଳସେଚନ ଓ ପାନୀୟ ଜଳର ଆବଶ୍ୟକତା ପୂରଣ କରେ । ଯଦି ଏଠାରେ ଖଣି ଖନନ ଆରମ୍ଭ ହୁଏ, ତେବେ ପାହାଡ଼ର ପ୍ରାକୃତିକ ସନ୍ତୁଳନ ଭଙ୍ଗ ହୋଇଯିବ ।

**ଜୈବବିବିଧତା ଉପରେ ପ୍ରଭାବ :**ଗନ୍ଧମାର୍ଦ୍ଦନ ପାହାଡ଼ ହେଉଛି ଜୈବ ବିବିଧତାର ଏକ ଭଣ୍ଡାର । ଏଠାରେ ଦୁର୍ଲଭ ଗଛ, ଔଷଧୀୟ ଉଦ୍ଭିଦ, ବନ୍ୟ ପଶୁ, ପକ୍ଷୀ, ସରୀସୃପ ଓ କୀଟପତଙ୍ଗ ରହିଛନ୍ତି । ଖଣି ଖନନ ପାଇଁ ଜଙ୍ଗଲ କାଟିବାକୁ ପଡ଼େ, ବିସ୍ଫୋରଣ କରାଯାଏ ଓ ଭୂମିକୁ ଖୋଳାଯାଏ । ଏହାର ପରିଣାମ ସ୍ୱରୂପ ଅନେକ ପ୍ରଜାତି ନଷ୍ଟ ହୋଇଯିବା ଓ ଲୋପ ପାଇଯିବାର ସମ୍ଭାବନା ରହିଛି।

**ଔଷଧୀୟ ଗଛ ଓ ଆୟୁର୍ବେଦରେ ଗନ୍ଧମାର୍ଦ୍ଦନ :**ଗନ୍ଧମାର୍ଦ୍ଦନକୁ ଔଷଧୀୟ ଉଦ୍ଭିଦର ଭଣ୍ଡାର ବୋଲି କୁହାଯାଏ । ଏଠାରେ ଶତାଧିକ ପ୍ରକାରର ଔଷଧୀୟ ଗୁଳ୍ମ ଲତା, ଗଛ ମିଳେ, ଯାହା ଆୟୁର୍ବେଦ, ହୋମିଓପାଥୀ ଓ ଲୋକଚିକିତ୍ସାରେ ବ୍ୟବହୃତ ହୁଏ । ଖଣି ଖନନ ହେଲେ ଏହି ମୂଲ୍ୟବାନ ଔଷଧୀୟ ସମ୍ପଦ ସଦାକାଳ ପାଇଁ ନଷ୍ଟ ହୋଇଯିବ ।

**ଜଳସମ୍ପଦ ଉପରେ ବିପଦ :**ପାହାଡ଼ ଭିତରେ ଥିବା ଜଳଧାରା ଓ ଭୂଗର୍ଭ ଖଣି ଖନନ ହେଲେ ଦୂଷିତ ହୋଇଯାଏ । ବିସ୍ଫୋରଣ ଓ ଖନନ କାର୍ଯ୍ୟରୁ ଝରଣା ଶୁଖିଯାଏ, ନଦୀର ଜଳସ୍ତର କମିଯାଏ । ଏହାର ପ୍ରଭାବ ଆଖପାଖର ଗ୍ରାମଗୁଡ଼ିକର ଚାଷ ଓ ପାନୀୟ ଜଳ ଉପରେ ପଡ଼େ । ଆଦିବାସୀ ଓ ସ୍ଥାନୀୟ ଲୋକଙ୍କ ଜୀବନ,ଗନ୍ଧମାର୍ଦ୍ଦନ ପାହାଡ଼ ଆଦିବାସୀ ଓ ସ୍ଥାନୀୟ ଲୋକଙ୍କର ଜୀବିକାର ଆଧାର । ଜଙ୍ଗଲ ଉତ୍ପାଦ, ଚାଷ, ପଶୁପାଳନ ଓ ଔଷଧୀୟ ଗଛ ସଂଗ୍ରହ କରି ସେମାନେ ବଞ୍ଚନ୍ତି । ଏହା ସହିତ ଜଙ୍ଗଲରୁ ସଂଗୃହୀତ ଗଛର ଫଳମୂଳ, ପତ୍ରରୁ ସେମାନଙ୍କ ଜୀବିକା ନିର୍ବାହ କରିଥାନ୍ତି । ଖଣି ଖନନ ହେଲେ ସେମାନେ ଜମି ଓ ଜଙ୍ଗଲ ହରାଇ ଦେଶାନ୍ତର ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

**ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ :**ଗନ୍ଧମାର୍ଦ୍ଦନ ପାହାଡ଼ ହିନ୍ଦୁ ଧର୍ମରେ ପବିତ୍ର ସ୍ଥାନ । ପାହାଡ଼ର ଉଭୟ ପାର୍ଶ୍ୱରେ ନୃସିଂହନାଥ ଓ ହରିଶଙ୍କର ମନ୍ଦିର ଅବସ୍ଥିତ, ଯାହାକୁ ପ୍ରତିବର୍ଷ ଲକ୍ଷାଧିକ ଭକ୍ତ ବିଭିନ୍ନ ସମୟରେ ଦର୍ଶନ କରିବାକୁ ଆସନ୍ତି । ଖଣି ଖନନ ହେଲେ ଏହି ପବିତ୍ର ସ୍ଥାନର ପରିବେଶ ଓ ଆଧ୍ୟାତ୍ମିକସ୍ଥଳୀ ନଷ୍ଟ ହୋଇଯିବ ।

**ପରିବେଶୀୟ ପ୍ରଦୂଷଣ :**ଖଣି ଖନନରୁ ବାୟୁ, ଜଳ ଓ ମାଟି ପ୍ରଦୂଷଣ ବଢ଼ିଯାଏ । ଧୂଳିକଣା ଦ୍ୱାରା ଲୋକମାନେ ଶ୍ୱାସକ୍ରିୟା ରୋଗରେ ପୀଡ଼ିତ ହୁଅନ୍ତି । ବିଷାକ୍ତ ରାସାୟନିକ ପଦାର୍ଥ ଜଳରେ ମିଶି ମାନବ ଓ ପଶୁ ଜୀବନକୁ ବିପଦରେ ପକାଇଦିଏ ।

**ଦୀର୍ଘ ସମୟରେ ପରିଣାମ :**ଖଣି ଖନନ କିଛି ସମୟ ପାଇଁ ଆର୍ଥିକ ଲାଭ ଦେଇପାରେ, କିନ୍ତୁ ଦୀର୍ଘସମୟରେ ଏହା ପ୍ରାକୃତିକ ବିନାଶକୁ ନେଇଆସେ । ଏକା ଥରକେ ପାହାଡ଼ କଟିଗଲେ, ଜଙ୍ଗଲ ଧ୍ୱଂସ ହେଲେ, ସେଥକୁ ପୁନଃ ସେହି/ ସାଧାରଣ ଅବସ୍ଥାକୁ ଆଣିବା ପ୍ରାୟ ଅସମ୍ଭବ ହୋଇପଡ଼େ । ଗନ୍ଧମାର୍ଦ୍ଦନ ପାହାଡ଼ କେବଳ ଓଡ଼ିଶାର ନୁହେଁ, ସମଗ୍ର ଭାରତର ଏକ ଅମୂଲ୍ୟ ପ୍ରାକୃତିକ ଧରୋହର । ଏଠାରେ ଖଣି ଖନନ କରିବା ମାନେ ନିଜ ମାଟି, ଜଳ ଓ ଭବିଷ୍ୟତ ପିଢ଼ିଙ୍କୁ ଧ୍ୱଂସ ଆଡ଼କୁ ଟାଣିନେବା । ତେଣୁ ଗନ୍ଧମାର୍ଦ୍ଦନକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର ନୀତିଗତ ଦାୟିତ୍ୱ । ବିକାଶ ଚାହିଁଲେ ମଧ୍ୟ ପ୍ରକୃତି ସହ ସମୟ ରଖି ସନ୍ତୁଳିତ ବିକାଶ କରିବା ହିଁ ଉଚିତ୍ ପଥ ।

**ବିତର୍କରେ ଆରାବଳୀ :**ଅନ୍ୟତମ ସର୍ବ ପୁରାତନ ପର୍ବତମାଳା ମଧ୍ୟରେ ଆରାବଳୀ ଅନ୍ୟତମ ।

ଭାରତର ଉତ୍ତର-ପଶ୍ଚିମ କ୍ରମରେ ଅବସ୍ଥିତ ଗୁଜରାଟ, ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀ ରାଜ୍ୟର ଭୌଗୋଳିକ ସୀମା ମଧ୍ୟରେ ପ୍ରାୟ ୬୭୦-୮୦୦ କି.ମି. ସୁଦୀର୍ଘ ଅଞ୍ଚଳରେ ଏହା ପରିବ୍ୟାପ୍ତ । ପର୍ବତମାଳାର ସର୍ବୋଚ୍ଚ ଗିରିଶୃଙ୍ଗ ୧୬୨୨ ମିଟର ଉଚ୍ଚତା ବିଶିଷ୍ଟ ଗୁରୁ ଶିଖର ରାଜସ୍ଥାନରେ ଅବସ୍ଥିତ । ଏହି ପାହାଡ଼ ସମୂହର ମନୋରମ ରମ୍ୟ ସୌନ୍ଦର୍ଯ୍ୟ ପରିବେଶ ରହିଛି ଏହାର ଦୁର୍ଗମ । ଭୂଦୃଶ୍ୟ, ସମୃଦ୍ଧ ଜୈବ ବିବିଧତା ଏବଂ ଗଭୀର ସାଂସ୍କୃତିକ ଐତିହ୍ୟରେ ଯାହା ସବୁଜିମା ପରିପୂର୍ଣ୍ଣ ଉପତ୍ୟକା । କୁମ୍ଭଇଗଡ଼, ଆମ୍ବ ପରି ଚମତ୍କାର, ପ୍ରସ୍ତର ଆଚ୍ଛାଦିତ ପ୍ରସ୍ତର ଆହ୍ଲାଦିତ ଶିଖର ଓ ପ୍ରାଚୀନ । ମାଉଣ୍ଟଆବୁ ପରି ଶୈଳନିବାସ ଏବଂ ଦିଲଖା ଜୈନ ମନ୍ଦିର ପରି ଆଧ୍ୟାମିକ ସ୍ଥଳୀ ସହ ଶାନ୍ତ, ସ୍ନିଗ୍ଧ ବାତାବରଣ ପ୍ରଦାନ କରେ । ପାହାଡ଼ିଆ ପରିବେଶରେ ଯାଦୁକରୀ ସୂର୍ଯ୍ୟୋଦୟ ସୂର୍ଯ୍ୟାନ୍ତର ଦୃଶ୍ୟ ପ୍ରକୃତିପ୍ରେମୀଙ୍କ ନିମନ୍ତେ ଉପଭୋଗ୍ୟ ହୋଇଥାଏ । ଦିଲ୍ଲୀ-ଏନସିଆର ପରି ଅଞ୍ଚଳରେ ଆରାବଳୀର ସବୁଜିମା ସବୁଜ ଫୁସଫୁସ୍' ଭାବରେ କାର୍ଯ୍ୟକରେ । ବାୟୁ ଗୁଣବତ୍ତାକୁ ଉନ୍ନତି କରେ ଏବଂ ପରିବେଶୀୟ ସନ୍ତୁଳନ ବଜାୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଭୂମିକା ନିର୍ବାହ କରେ । ଏହି ପାର୍ବତ୍ୟାଞ୍ଚଳ ଭୂତଳ ଜଳର ପୁନଃଭରଣାକୁ ସମର୍ଥନ କରେ ତଥା ବିବିଧ ଉଦ୍ଭିଦ ଓ ବନ୍ୟପ୍ରାଣୀଙ୍କୁ ବାସସ୍ଥଳୀ ପ୍ରଦାନ କରେ । ଏହାର ପ୍ରାଚୀନତା ଏବଂ ସାମଗ୍ରିକ ଗୁରୁତ୍ୱ ସତ୍ତ୍ୱେ ଜଙ୍ଗଲ ଅବକ୍ଷୟ, ସହରାକରଣ, ପରିବେଶଗତ ଆଇନର ଦୁର୍ବଳ କାର୍ଯ୍ୟକାରିତା ତଥା ନୀତିଗତ ବିବାଦର ପରିଣାମରେ ସମ୍ପ୍ରତି ଆରାବଳୀ ଏକ ପ୍ରମୁଖ ପରିବେଶଜନିତ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି । ପର୍ବତମାଳାର ସୁରକ୍ଷା ବନାମ ଅର୍ଥନୈତିକ ବିକାଶ ଉପରେ ନିଷ୍ପତ୍ତିରୁ କ୍ରମଶଃ ତୀବ୍ର ବିବାଦର ସୂତ୍ରପାତ ଘଟିଛି । ତେବେ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଆରାବଳୀ ଆଞ୍ଚଳରେ ମୁଖ୍ୟତଃ ପଥର, ମାର୍ବଲ, କ୍ଲାରାଇଟ, ତମ୍ବା, ଚୂନ ପଥର ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ନିମନ୍ତେ ବ୍ୟାପକ ଖଣି ଖନନ ବୃଦ୍ଧି ପାଇଛି। ରାଷ୍ଟ୍ରର ଦ୍ରୁତ ଆର୍ଥକ ଅଭିବୃଦ୍ଧି ଏବଂ ସହରାଞ୍ଚଳ ପ୍ରସାରଣ ସହ ବିଶେଷକରି ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦର ନିକଟବର୍ତ୍ତୀ ଅଞ୍ଚଳରେ ଖଣି ଖନନ ତୀବ୍ର ହୋଇ ଚାଲିଛି । ଏପରି କାର୍ଯ୍ୟକଳାପ ଜଙ୍ଗଲ ଅବକ୍ଷୟ ଏବଂ ରାଜସ୍ଥାନର ପର୍ବତମାଳାର ଅଂଶରେ, ବିଶେଷକରି ଜଙ୍ଗଲ ଜମି ଭାବରେ ବର୍ଗୀକୃତ ଅଞ୍ଚଳରେ, ୨୦୦୨ ମସିହାରେ ଖଣି ଖନନ ଉପରେ ନିଷେଧାଦେଶ ଜାରି କରିଥିଲେ । ମାତ୍ର ସରକାରଙ୍କ ଜଙ୍ଗଲ ଉପରେ ପ୍ରଦତ୍ତ ପରିଭାଷାରୁ ଏକ ପ୍ରମୁଖ ସମସ୍ୟା ଉପୁଜିଲା। ଆରାବଳୀର ଅନେକ ଅଞ୍ଚଳ ସରକାରୀ ରେକର୍ଡରେ ଜଙ୍ଗଲ ଭାବରେ ଲିପିବଦ୍ଧ ହୋଇ ନ ଥିଲା, ଯଦିଓ ସେଗୁଡ଼ିକ ଜଙ୍ଗଲ ହିଁ ଥିଲା । ଏପରି ସଂଜ୍ଞା ନିର୍ବାରଣ ଅନେକ ଅଞ୍ଚଳରେ ଆଇନଗତ ଭାବରେ ଖଣି ଏବଂ ନିର୍ମାଣ କାର୍ଯ୍ୟ ଜାରି ରଖିବାକୁ ଅନୁମତି ପ୍ରଦାନ କରିଛି, ଯାହା ଆରାବଳୀ ସଂରକ୍ଷଣ ପ୍ରୟାସକୁ ଦୁର୍ବଳ କରିଛି । ତେବେ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଆରାବଳୀ ଅଞ୍ଚଳରେ ମୁଖ୍ୟତଃ ପଥର, ମାର୍ବଲ, ଗାର୍ଗାଇଟ, ତମ୍ବା, ଚୂନ ପଥର ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ନିମନ୍ତେ ବ୍ୟାପକ ଖଣି ଖନନ ବୃଦ୍ଧି ପାଉଛି । ରାଷ୍ଟ୍ରର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଏବଂ ସହର ଓ ପ୍ରସାରଣ ସହ ବିଶେଷକରି ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦର ନିକଟବର୍ତ୍ତୀ ଅଞ୍ଚଳରେ ଖଣି ଖନନ ବିବାଦର ଅନ୍ୟ ଏକ ପ୍ରମୁଖ ଦିଗ ହେଉଛି ସହରୀକରଣର ବୃଦ୍ଧି ଏବଂ ରିଏଲ ଇଷ୍ଟେଟ ବ୍ୟବସାୟର ପ୍ରସାର । ସହରଗୁଡ଼ିକ ବିସ୍ତାରିତ ହେବା ସହ ବିଶେଷକରି ଜାତୀୟ ରାଜଧାନୀ କ୍ଷେତ୍ର (ଏନସିଆର) ଅଞ୍ଚଳରେ ଆରାବଳୀର ବିଶାଳ ଅଂଶକୁ ଗୃହ ପ୍ରକଳ୍ପ, ରାସ୍ତାଘାଟ ଏବଂ ବାଣିଜ୍ୟିକ କମ୍ପ୍ଲେକ୍ସ ନିର୍ମାଣ ଉଦ୍ଦେଶ୍ୟରେ ସଫା କରାଯାଇଛି । ସମାଲୋଚକମାନେ ଯୁକ୍ତି ବାହର କରନ୍ତି ଯେ ରାଜ୍ୟ ସରକାରମାନେ ଘରୋଇ ନିର୍ମାଣକାରୀଙ୍କୁ ତୀବ୍ର ହୋଇଚାଲିଛି। ଏପରି କାର୍ଯ୍ୟକଳାପ ଜଙ୍ଗଲ ଅବକ୍ଷୟ, ବନ୍ୟପ୍ରାଣୀ ବାସସ୍ଥଳୀର ନଷ୍ଟ, ମୃତ୍ତିକାର ଅବନତି ଏବଂ ଭୂତଳଜଳ ହ୍ରାସର କାରଣ ପାଲଟିଛି ।

ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ପରିବେଶଗତ ନିୟମସବୁ ଜାରି ସତ୍ତ୍ୱେ ରାଜନୈତିକ ପ୍ରଭାବ, ଅନୈତିକ ସ୍ୱାର୍ଥ ଏବଂ ଆଇନର ଦୁର୍ବଳ କାର୍ଯ୍ୟକାରିତା କେତେକ ସ୍ଥାନରେ ବେଆଇନ ଖଣି ଖନନକୁ ସମର୍ଥନ ଯୋଗାଉଛି । ପରିବେଶୀୟ ଅବକ୍ଷୟର ପ୍ରତିକ୍ରିୟାରେ ଭାରତର ଉଚ୍ଚତମ ନ୍ୟାୟାଳୟ ଆରାବଳୀର ସୁରକ୍ଷା ନିମନ୍ତେ ଅନେକ ଥର ହସ୍ତକ୍ଷେପ କରିଛନ୍ତି । ନ୍ୟାୟାଳୟ ସମର୍ଥନଦେବା ଲକ୍ଷ୍ୟ ପରିବେଶଗତ ଆଇନକୁ ଦୁର୍ବଳ କରିଛି । ପରିବେଶବିତଙ୍କ ମତ ହେଉଛି, ଏହା ନିକଟବର୍ତ୍ତୀ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ, ଜଳ କ୍ଲିଷ୍ଟତା ଏବଂ ଜଳବାୟୁ ସମସ୍ୟାକୁ ଗମ୍ଭୀର କରୁଛି ।

ସାମ୍ପ୍ରତିକ ସମୟରେ, ନୂତନ ଭୂମି -ବ୍ୟବହାର ନୀତି ଅଧୀନରେ ଆରାବଳୀକୁ ପୁନଃ ପରିଲାଞ୍ଛିତ କରିବା ଏବଂ କେତେକ ନିର୍ମାଣ ପ୍ରକଳ୍ପକୁ ପରିବେଶୀୟ ମଞ୍ଜୁରୀରୁ ମୁକ୍ତ କରିବା ଭଳି ପ୍ରସ୍ତାବ ବିବାଦକୁ ତୀବ୍ର କରୁଛି । ଏହି ପରିପ୍ରେକ୍ଷୀରେ ସଂରକ୍ଷଣବାଦୀମାନେ ଆଶଙ୍କା ପ୍ରକଟ କରୁଛନ୍ତି ଯେ ଏପରି ନୀତି ଅଧିକ ଧ୍ୱଂସସାଧନକୁ ବୈଧତା ପ୍ରଦାନ କରିବ । ଅନ୍ୟପକ୍ଷରେ ସରକାର ଏବଂ ନିର୍ମାଣକାରୀ ସଂସ୍ଥାଗୁଡ଼ିକର ମତାମତ ହେଉଛି ଯେ ବିକାଶ ପ୍ରକ୍ରିୟାରେ ପ୍ରତିବନ୍ଧକ ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ଏବଂ ଭିତ୍ତିଭୂମି ନିର୍ମାଣରେ କ୍ଷତି ପହଞ୍ଚାଇବ । ନିକଟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆରାବଳୀ ପାହାଡ଼ ସବୁର ଉଚ୍ଚତାର ନୂତନ ସଂଜ୍ଞା ୧୦୦ ମିଟରରୁ ଉର୍ଦ୍ଧ୍ୱ ରଖିବାର ପ୍ରସ୍ତାବକୁ ସର୍ବୋଚ୍ଚ ନ୍ୟାୟାଳୟ ଗ୍ରହଣ କରିଛନ୍ତି । ମାତ୍ର ନ୍ୟାୟାଳୟଙ୍କ ଦ୍ୱାରା ୨୦୦୨ରୁ ସ୍ଥାପିତ କେନ୍ଦ୍ରୀୟ ସଶକ୍ତ କମିଟି ଆରୋପ କରିଛି, ଭାରତର ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରଦର ସଂଜ୍ଞାକୁ ଆରାବଳୀର ଛୋଟବଡ଼ ପାହାଡ଼ସମୂହ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଗ୍ରହଣ କରାଯିବା ବାଞ୍ଛନୀୟ । କୋର୍ଟ ନିଯୁକ୍ତ ଆମିକସ୍‌କ୍ୟୁରି ମନ୍ତ୍ରଣାଳୟର ୧୦୦ ମିଟର ସଂଖ୍ୟାକୁ ଅନୁପଯୁକ୍ତ କହି ବିରୋଧ କରିଛନ୍ତି । ଏବେ ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତି ସ୍ଥଗିତ ରଖି ପ୍ରସଙ୍ଗର ପୁନର୍ବିଚାର ପାଇଁ ଚାହୁଁଛନ୍ତି । ଉଲ୍ଲେଖନୀୟ ଯେ ବୈଜ୍ଞାନିକ, ପରିବେଶ କର୍ମୀ ଏବଂ ନାଗରିକ ସଙ୍ଗଠନଗୁଡ଼ିକ ଆରାବଳୀ ପୁନରୁଦ୍ଧାରର ଗୁରୁତ୍ୱ ବିଷୟରେ ନିରନ୍ତର ସଚେତନତା ବୃଦ୍ଧି କରିଆସୁଛନ୍ତି । ବନୀକରଣର ପ୍ରସାରଣ, ଅବୈଧ ଖଣିଖାଦାନକୁ ନିଷିଦ୍ଧ କରିବା, ବନ୍ୟପ୍ରାଣୀ ଚଳାପଥକୁ ସୁରକ୍ଷା ଦେବା ଏବଂ ସହନୀୟ ଭୂମି-ବ୍ୟବହାର ଯୋଜନା ଭଳି ପଦକ୍ଷେପ ଗ୍ରହଣ ନିମନ୍ତେ ପରାମର୍ଶ ଦିଆଯାଇଛି। ପାହାଡ଼ର ୧୦୦ ମିଟର ବ୍ୟାଖ୍ୟାନକୁ ନେଇ ପରିବେଶବିତ ଆଶଙ୍କା ପ୍ରକାଶ କରିଛନ୍ତି । କହିଛନ୍ତି ଯେ ଏହାଦ୍ୱାରା କମ୍ ଉଚ୍ଚତାର ପାହାଡ଼ମାନେ ଆଇନଗତ ସୁରକ୍ଷା ହରାଇବେ ଏବଂ ଅଧିକ ଖଣି ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ପଥ ଉନ୍ମୁକ୍ତ ହେବ । କିଛି ରାଜ୍ୟ ସରକାର ଏବଂ ବେସରକାରୀ ସଂସ୍ଥା ବୃକ୍ଷରୋପଣ ଅଭିଯାନ ଏବଂ ପରିବେଶ ପୁନରୁଦ୍ଧାର ପ୍ରକଳ୍ପ ଆରମ୍ଭ କରିଛନ୍ତି ସତ, କିନ୍ତୁ ଘଟୁଥିବା କ୍ଷୟକ୍ଷତିର ପରିମାଣ ତୁଳନାରେ ଏହି ପ୍ରୟାସଗୁଡ଼ିକ ସୀମିତ । ଅବଶ୍ୟ ନିକଟରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଅଭୟବାଣୀ ଶୁଣାଇଛନ୍ତି ଯେ ପର୍ବତମାଳାର ସମୁଦାୟ ୧ ଲକ୍ଷ ୪୭ ହଜାର ବର୍ଗ କି.ମି. ଆୟତନ ମଧ୍ୟରୁ ମାତ୍ର ୨ ପ୍ରତିଶତରୁ କମ୍ ଅଞ୍ଚଳରେ ଖଣିଖନନ କାର୍ଯ୍ୟ ସମ୍ପାଦିତ ହେଉଛି ଏବଂ ଅଧିକ ଖଣି ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ । ଅନ୍ୟପକ୍ଷରେ ଏହି ପର୍ବତମାଳାର ପୁନରୁଦ୍ଧାର ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆରାବଳୀ ଗ୍ରୀନ୍ ଇନିସିଏଟିର ପ୍ରକଳ୍ପ ହେଉଛି ଏକ ପ୍ରମୁଖ ପଦକ୍ଷେପ, ଯାହା ସମ୍ପୃକ୍ତ ରାଜ୍ୟଗୁଡ଼ିକରେ, ପୋରବନ୍ଦରରୁ ପାନିପଥ ପର୍ଯ୍ୟନ୍ତ, ୧,୪୦୦ କି.ମି. ଲମ୍ବ ଏବଂ ୫ କି.ମି. ଚଉଡ଼ାର ସବୁଜ ବଳୟ ସୃଷ୍ଟିର ଲକ୍ଷ୍ୟ ରଖେ । ଆଫ୍ରିକାର ମହାନ୍ ଗ୍ରେଟ୍ ଗ୍ରୀନ୍ ୱାଲ ଦ୍ୱାରା ଅନୁପ୍ରାଣୀତ ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ମରୁଭୂମିକରଣକୁ ରୋକିବା, ମୃତ୍ତିକା ସ୍ୱାସ୍ଥ୍ୟକୁ ଉନ୍ନତ କରିବା, ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ସ୍ଥାନୀୟ ସହନଶୀଳ ଜାତିର ବୃକ୍ଷରୋପଣ ଏବଂ ଜଳ ସଂରକ୍ଷଣକରି ଜୈବ ବିବିଧତାକୁ ସମୃଦ୍ଧ କରିବା ।

**ବରିଷ୍ଠ ସାମ୍ବାଦିକ**
**ମୋ-୯୪୩୭୧୫୦୬୩୨**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟସଭାରେ...

ଉଦ୍ୟଗଗୁଡ଼ିକ ବନ୍ଦ ହେବା ଅବସ୍ଥାରେ ଥିବା ବେଳେ ବର୍ତ୍ତମାନ ଲାଭ କରୁଛନ୍ତି । ତୃଣମୂଳ କଂଗ୍ରେସ ବେଆଇନ ସରଣାର୍ଥୀଙ୍କୁ ସୁରକ୍ଷା ଦେବା ପାଇଁ କୋର୍ଟକୁ ଯାଇଛି । ପଶ୍ଚିମବଙ୍ଗର ତୃଣମୂଳ ସରକାର ଏକ ନିଷ୍ଠୁର ସରକାର । ସେମାନେ କେବଳ କ୍ଷମତାକୁ ଯତ୍ନ ନିଅନ୍ତି । ଲୋକଙ୍କର ନୁହେଁ । କିନ୍ତୁ ସେମାନେ ଏଠି ଉପଦେଶ ଦେଉଛନ୍ତି । ବିଶ୍ୱର ସବୁଠୁ ବିକଶିତ ଦେଶରେ ବେଆଇନ ସରଣାର୍ଥୀ ଯୁବକ ଓ ଦେଶ ଏହାକୁ କିପରି ଗ୍ରହଣ କରିବ । ସମଗ୍ର ବିଶ୍ୱ ଭାରତ-ଆମେରିକା ଚୁକ୍ତିକୁ ସ୍ୱାଗତ କରୁଛି । ହେଲେ କଂଗ୍ରେସକୁ କେବଳ ବୋଫର୍ସ ଡିଲ ଦେଖାଯାଉଛି । ଭାରତ ସହ ବାଣିଜ୍ୟକ ଚୁକ୍ତି ସହ ସାରା ବିଶ୍ୱ ଆଗ୍ରହୀ । ନିକଟରେ ୟୁରୋପ ସମୂହ ସହ ବାଣିଜ୍ୟକ ଚୁକ୍ତି ହୋଇଛି । ଏହି ଡିଲରୁ ଯୁବବର୍ଗଙ୍କୁ ଫାଇଦା ମିଳିବ । ଆଜି କାଲେ ବୋଫର୍ସ ପ୍ରସଙ୍ଗ ଉଠିବ ଏଥିପାଇଁ କଂଗ୍ରେସ ସଦସ୍ୟ ଏଠାରୁ ପଳାଇଲେ । ନେହରୁ ଯୋଜନା କମିଶନ ଆରମ୍ଭ କରିଥିଲେ ଇନ୍ଦିରା ଗାନ୍ଧି ଏହାକୁ ଅଚଳ କଲେ । ନୀତି ଆୟୋଗର ସୁଫଳ ଆଜି ଦେଶବାସୀ ପାଉଛନ୍ତି । କଂଗ୍ରେସ ଲୋକଙ୍କୁ ଏହା ଦିଶୁ ନାହିଁ । ଇନ୍ଦିରା ଓ ତାଙ୍କ ପିତା ନେହରୁଙ୍କ ସହ ହୋଇଥିବା ଆଲୋଚନା ପ୍ରସଙ୍ଗ ଉଠାଇ ମୋଦୀ କହିଥିଲେ ଯେ ଇନ୍ଦିରା କହିଥିଲେ ମୋ ବାପାଙ୍କୁ ସମସ୍ୟା ପଚାରିଲେ କୁହନ୍ତି ୩୫ କୋଟି । ସେତେ ବେଳେ ଆମ ଦେଶର ଲୋକ ସଂଖ୍ୟା ୩୫ କୋଟି ଥିଲା । ମାତ୍ର ଆମ ପାଇଁ ୧୪୦ କୋଟି ଲୋକ ହେଉଛନ୍ତି ଦେଶର ସମ୍ପଦ । ସେମାନେ ହେଉଛନ୍ତି ଆମର ନିୟନ୍ତା, ନିର୍ମାତା ଓ ସାମର୍ଥ୍ୟ ।

## ପାଞ୍ଚ ବିଭାଗକୁ...

ପରାମର୍ଶ ଦେଇଥିଲେ । ଏହି ପରାମର୍ଶ ଅନୁସାରେ ସାମାଜିକ ଗଣମାଧ୍ୟମରେ 'ରାଷ୍ଟ୍ରୀୟ ପ୍ରତୀକଦର କିପରି ଏବଂ କେଉଁ ସ୍ଥାନରେ ବ୍ୟବହାର କରାଯାଇ ପାରିବ ସେ ସଂକ୍ରାନ୍ତରେ ବ୍ୟାପକ ପ୍ରଚାର ପ୍ରସାର କରାଯାଉ । ଶିକ୍ଷା ଆରମ୍ଭରୁ ବିଦ୍ୟାଳୟ ପାଠ୍ୟକ୍ରମରେ 'ରାଷ୍ଟ୍ରୀୟ ପ୍ରତୀକଦ ସଂକ୍ରାନ୍ତରେ ଏକ ବିଷୟବସ୍ତୁ ରଖାଯାଉ ।ଯାହାଦ୍ୱାରା ଛୋଟବେଲୁ ପିଲାମାନେ ସଚେତନ ହୋଇପାରିବେ ବୋଲି କୁହାଯାଇଥିଲା । ଏନେଇ ଜଣେ ପ୍ରାଧିକୃତ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବା ଦରକାର ଔ ଯେଉଁମାନେ ଅପବ୍ୟବହାର କରିବେ ସେମାନଙ୍କୁ ୨ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ହେବ । ପ୍ରକୃତରେ ଏହି ପ୍ରତୀକର କିଏ ବ୍ୟବହାର କରିବେ ଏବଂ କେଉଁମାନେ ବ୍ୟବହାର କରିପାରିବେ ନାହିଁ ସେ ସଂକ୍ରାନ୍ତରେ ସ୍ୱଷ୍ଟ ଉଲ୍ଲେଖ କରାଯିବ । ଉଭୟ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏବଂ ରାଜ୍ୟ ଗୃହ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ପ୍ରତୀକକୁ ନେଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଭିଡିଓ ଛଡ଼ା ଯିବ । ଉକ୍ତ ଭିଡିଓରେ ରାଷ୍ଟ୍ରୀୟ ପ୍ରତୀକର ସଠିକ୍ ବ୍ୟବହାର କିପରି କରାଯାଇ ପାରିବ, ଏହାର କିପରି ସଠିକ୍ ନିର୍ମାଣ କରାଯିବ ଏସବୁ ସଂକ୍ରାନ୍ତରେ ଉଲ୍ଲେଖ କରାଯିବ। ସାମାଜିକ ଗଣମାଧ୍ୟମରେ ପ୍ରଭାବ ରଖିଥିବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ରାଷ୍ଟ୍ରୀୟ ପ୍ରତୀକ ଉପରେ ଭିଡିଓ ବାର୍ତ୍ତା ଜାରି କରାଯିବ । ୬ସପ୍ତାହ ଧରି ଏକ ନିୟମିତ ସଚେତନତା ଅଭିଯାନ କରାଯିବ । ଆଞ୍ଚଳିକ ଗଣମାଧ୍ୟମ ସହଯୋଗରେ ମଧ୍ୟ ଏହି ବାର୍ତ୍ତା ପ୍ରଚାର, ପ୍ରସାର କରାଯାଉ । ବିଦ୍ୟାଳୟସ୍ତରରୁ ପିଲାଙ୍କୁ ରାଷ୍ଟ୍ରୀୟ ପ୍ରତୀକ ସଂକ୍ରାନ୍ତରେ ସଚେତନତା କରିବା ଲାଗି ପାଠ୍ୟକ୍ରମରେ ଏହାର ଏକ ସ୍ୱତନ୍ତ୍ର ଫଟୋ ରଖାଯିବ । ରାଷ୍ଟ୍ରୀୟ ପ୍ରତୀକକୁ ନେଇ ଜିଲ୍ଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା, ରଚନା ଆଦି ପ୍ରତିଯୋଗିତାମାନ କରିବା ଲାଗି ରିପୋର୍ଟରେ ପ୍ରସ୍ତାବ ଦିଆଯାଇଥିଲା। ଏନ୍‌ସିଇଆରଟି ଏବଂ ଏସ୍‌ସିଇଆରଟି ପୁସ୍ତକରେ ରାଷ୍ଟ୍ରୀୟ ପ୍ରତୀକର ଇତିହାସ, ତାର ଆଇନଗତ ଦିଗ ଆଦି ସମ୍ପର୍କରେ ଉଲ୍ଲେଖ କରାଯିବ। ଯାହାଦ୍ୱାରା ପିଲାମାନେ ଏଥିରୁ ଅନେକ ବିଷୟରେ ଅବଗତ ହୋଇପାରିବେ ।ଆଞ୍ଚଳିକ ଗଣମାଧ୍ୟମରେ ଏହାର ବ୍ୟବହାରକୁ ନେଇ ବିଜ୍ଞାପନ ଦିଆଯିବା ଦରକାର। ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଆଦିରେ ଉଚ୍ଚ ଡାକବାଜି ଯନ୍ତ୍ରରେ ସର୍ବସାଧାରଣଙ୍କୁ ରାଷ୍ଟ୍ରୀୟ ପ୍ରତୀକ ସଂକ୍ରାନ୍ତରେ ଅବଗତ କରାଯିବା ଆବଶ୍ୟକ। ରେଳ ଷ୍ଟେସନ, ବସ୍ ଟର୍ମିନାଲ, ବିମାନବନ୍ଦର, ବିଭିନ୍ନ ସର୍ବସାଧାରଣ ସ୍ଥାନମାନଙ୍କରେ ଏକ ରେକର୍ଡିଂ ବଜାଯିବ । ଏହିସବୁ ପରାମର୍ଶମକୁ ହାଇକୋର୍ଟ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ସବୁ ତହସିଲ୍‌ରେ...

ଇନ୍‌କମ୍ ଆଣ୍ଡ ଆସେଟ୍ ପ୍ରମାଣପତ୍ର, ଗାଡିଆନ୍‌ସିପ୍ ପ୍ରମାଣପତ୍ର ଭଳି ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବାକୁ ତହସିଲ୍ କାର୍ଯ୍ୟାଳୟକୁ ନଯାଇ ହ୍ୱାଟ୍ସଆପ ମାଧ୍ୟମରେ ଦରଖାସ୍ତ କରି ହ୍ୱାଟ୍ସଆପ ନମ୍ବରରେ ପାଇପାରିବେ। ରାଜସ୍ୱ ପ୍ରଶାସନ ସେବା କ୍ଷେତ୍ରରେ ସଂସ୍କାର ଆଣି ଏହାକୁ ସରଳ ଓ ବ୍ୟବସ୍ଥିତ କରିଥିବାରୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବିଭାଗକୁ ଧନ୍ୟବାଦ୍ ଦେଇ ଆଗାମୀ ଦିନରେ ଭାଗଚାଷୀ ମାନଙ୍କ ପାଇଁ ପ୍ରଚଳିତ ଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଇଥିଲେ। ଭାଗଚାଷୀଙ୍କ ଆଇନଗତ ଅଧିକାର ନଥିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଭାଗଚାଷୀ ଓ ଜମି ମାଲିକଙ୍କୁ ଆଇନଗତ ସୁରକ୍ଷା ଦିଆଯିବା ସହିତ ଯେପରି ଉଭୟଙ୍କ ସ୍ୱାର୍ଥ ରକ୍ଷା ହେବ, ସେ ଦିଗରେ ଆଇନ୍ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ବିଭାଗରେ ନିଆଯାଇଥିବା ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆମ ସରକାର ଲୋକଙ୍କ ସରକାର। ନୀତିଗତ ଭାବେ ସମସ୍ତ ତହସିଲ୍‌ରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲିବା ପାଇଁ ଆମ ସରକାର ପ୍ରତିଶ୍ରୁତି ବଦ୍ଧ ଥିଲା। ଗତ ବର୍ଷ ନଭେମ୍ବର ମାସରେ ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲାଯାଇଥିଲା, ଆଜି ଅବଶିଷ୍ଟ ୧୭ଟି ଜିଲ୍ଲାର ୫୬ଟି ତହସିଲରେ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଗଲା।

ଏହାଦ୍ୱାରା ଜନସାଧାରଣ ଦୂରଦୂରାନ୍ତକୁ ଯାଇ ରେଜିଷ୍ଟ୍ରେସନ କରିବାର ଅସୁବିଧା ଓ ଖର୍ଚ୍ଚାନ୍ତରୁ ମୁକ୍ତି ପାଇବେ, ଜମି ଓ ସମ୍ପତ୍ତି ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ଶୀଘ୍ର ଓ ସମୟୋପଯୁକ୍ତ ଭାବେ ରେଜିଷ୍ଟ୍ରେସନ ହେବ ଏବଂ ରେଜିଷ୍ଟ୍ରେସନ ପ୍ରକ୍ରିୟାରେ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ହ୍ରାସ ପାଇବ। ଆଗାମୀ ଦିନରେ ସେବା ପାଇବାରେ ବିଳମ୍ବ ଘଟିଲେ, ଅଭିଯୋଗ ଗୁଡିକ ସିଧାସଳଖ ହ୍ୱାଟ୍ସଆପ ମାଧ୍ୟମରେ ପଠାଯିବାର ବ୍ୟବସ୍ଥା କରାଯାଉଛି। ଆଭାସୀ ମାଧ୍ୟମରେ ଆୟୋଜନ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲା ସଦର ମହକୁମା ଓ ବ୍ଲକ୍ ହେଡ୍ କ୍ୱାଟରରେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସରକାରୀ ପଦାଧିକାରୀ ମାନେ ଯୋଗଦେଇଥିଲେ। ଉନ୍ନୟନ କମିଶନର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ଇନ୍‌ସପେକ୍ଟର ଜେନେରାଲ୍ ରେଜିଷ୍ଟ୍ରେସନ୍ ପି. ଅନ୍ୱେଷା ରେଡୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଦେଓରଞ୍ଜନଙ୍କୁ...

ଆଇଏଏସ୍ ବଳବନ୍ତ ସିଂଙ୍କୁ ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଆଇଏଏସ୍ ସଚିନ ରାମଚନ୍ଦ୍ର ଯାଦବଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗ ସଚିବ ଭାବେ ବଦଳି କରାଯିବା ସହ ଅତିରିକ୍ତ ଭାବେ କ୍ରୀଡା ଯୁବ ସେବା ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସୁଧାଂଶୁ ମୋହନ ସାମଲଙ୍କୁ କଟକ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ରସ୍ମିତା ପଣ୍ଡାଙ୍କୁ ବିଡିଏ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ସେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଇବେ । ଆଇଏଏସ୍ ସିଦ୍ଧିକ ଆଲାମଙ୍କୁ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ଆଇଏଏସ୍ ମାନସୀ ନିମ୍ଭାଲଙ୍କୁ ମିଶନ ଶକ୍ତି ସଚିବ ଭାବେ ବଦଳି କରାଯାଇଥିବା ବେଳେ ପ୍ରେମଚାନ୍ଦ ଚୌଧୁରୀଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ଭାବେ ବଦଳି କରାଯାଇଛି । ଅନୁପମ ଶାହାଙ୍କୁ ଓବିସିସି ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ଦକ୍ଷିଣାଞ୍ଚଳ ଆରଡିସି ଭାବେ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଉତ୍ତରାଞ୍ଚଳ ଆରଡି ଦାୟିତ୍ୱ ସହ ପଶ୍ଚିମାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## କୋରାପୁଟ...

ଜିଲ୍ଲାରେ ନିରନ୍ତର ଭାବେ ଅପରେସନ୍ ଜାରି ରହିଛି ଏବଂ ରହିବ ବୋଲି ଡିଆଇଜି ଶ୍ରୀ ସିଂ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଏସପି ରୋହିତ ବର୍ମା, ବିଏସ୍‌ଏଫ୍ ଡିଆଇଜି ସତ୍ୟବାନ, କମାଣ୍ଡାଣ୍ଟ ସଞ୍ଜୟ, ଜୟପୁର ଏସଡ଼ିପିଓ ପାର୍ଥୋ କଶ୍ୟପ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଫେବୃୟାରୀ ୯ ରେ...

ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସଂପର୍କରେ ସାଧାରଣ

# ଆମେରିକା ଚୁକ୍ତିରୁ ଓଡ଼ିଶା ଲାଭବାନ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୨, (ସବ୍ୟୁ) : ଆମେରିକା ସହ ଚୁକ୍ତିରୁ ଭାରତ ଲାଭବାନ ହେବ । ଏଥିରୁ ଓଡ଼ିଶା ବିଶେଷ ଭାବରେ ଲାଭବାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସାମୁଦ୍ରିକ ଖାଦ୍ୟ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ । ଓଡ଼ିଶାର ଚୁଙ୍ଗୁଡି, ମାଛ ଓ ସାମୁଦ୍ରିକ ଖାଦ୍ୟର ଚାହିଦା ବଢ଼ିବ । ଏହାଦ୍ୱାରା ଉପକୂଳ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ଓ ଚାଷୀଙ୍କ ଆୟବୃଦ୍ଧି ହେବ । ଓଡ଼ିଶା ଆଗାମୀ ଦିନରେ ନୀଳ ଅର୍ଥନୀତିର ଏକ ପ୍ରମୁଖ ହବ ହେବ । ଶୁଳ୍କ କମ ହୋଇଥିବାରୁ ଓଡ଼ିଶାର ହସ୍ତତନ୍ତ ଓ ପୋଷାକ ରପ୍ତାନୀ ଚାହିଦା ବଢ଼ିବ । ବିଶ୍ୱ ବଜାରରେ ଓଡ଼ିଶାର ପାରମ୍ପରିକ ପୋଷାକର ନୂଆ ଟ୍ରେନ ସୃଷ୍ଟି କରିବ । ଓଡ଼ିଶା ଚୁଙ୍ଗୁଡି ରପ୍ତାନୀର ଏକ ପ୍ରମୁଖ ରାଜ୍ୟ । ସିଂହ ଭାଗ ଚୁଙ୍ଗୁଡି ଆମେରିକା ବଜାରକୁ ଯାଉଥିଲା । ରାଜ୍ୟରେ ବର୍ଷକୁ ୪୭ କୋଟି ଟଙ୍କାର ଚୁଙ୍ଗିଡି ରପ୍ତାନୀ ହେଉଛି । ୨୦୦୦ କୋଟି ଟଙ୍କା କେବଳ ଆମେରିକା ଯାଉଛି । ଆମେରିକା ଯାଉଥିବା ଚୁଙ୍ଗୁଡି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଚାଷ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଆମାଜନ ସେଲରେ ୫ଜି ମୋବାଇଲ କିଣିବାକୁ ଲାଗିଛି ଭିଡ଼

ଭୁବନେଶ୍ୱର, (ସବ୍ୟୁ): ଆମାଜନର ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍ ୨୦୨୬ରେ ଏଥର ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଛି । ଲୋକମାନେ ଦାମୀ ଉତ୍ପାଦ ସହିତ ନିଜ ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଜରୁରୀ ସାମଗ୍ରୀଗୁଡ଼ିକୁ କିଣିଛନ୍ତି । ଦ୍ରୁତ ଡେଲିଭରି ଏବଂ ସୁବିଧାଜନକ ସେବା ଯୋଗୁଁ ଗ୍ରାହକମାନେ ଏହି ସେଲକୁ ବେଶ୍ ପସନ୍ଦ କରିଛନ୍ତି । ଗତ ବର୍ଷ ଅପେକ୍ଷା ଏଥର ପ୍ରାଇମ୍ ଗ୍ରାହକମାନେ ୨.୫ ଗୁଣ ଅଧିକ 'ସମାନ-ଦିନର ବିତରଣ' ସୁବିଧା ପାଇଛନ୍ତି । ଆମାଜନର ଏହି ବଡ଼ ସେଲରେ ଏଥର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଟିୟର-୨ ଓ ୩ ସହରରୁ ବହୁ ନୂଆ ଗ୍ରାହକ ସଫିରେ ସାମିଲ ହୋଇଛନ୍ତି । ଗ୍ରାହକମାନେ ଏବେ କେବଳ ଶସ୍ତା ନୁହେଁ, ବରଂ ଉନ୍ନତ ଓ ପ୍ରିମିୟମ୍ ବ୍ରାଣ୍ଡ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି । ଜିନିଷ ଖୋଜିବା ଏବଂ ବାଛିବା ପାଇଁ ଲୋକେ ଏବେ ଏଆଇ ର ସାହାଯ୍ୟ ନେଉଛନ୍ତି । ପ୍ରାଇମ୍ ସଦସ୍ୟମାନେ ଏହି ସେଲରେ କମ୍ ଦାମରେ ଜିନିଷ କିଣିବା ସହ ଖୁବ୍ ଶୀଘ୍ର ଡେଲିଭରି ପାଇପାରିଛନ୍ତି । ଆମାଜନ୍ ଇଣ୍ଡିଆ ର ଭାଇସ୍ ପ୍ରେସିଡେଣ୍ଟ ସୌରଭ ଶ୍ରୀବାସ୍ତବ କହିଛନ୍ତି । ଦାମୀ ମୋବାଇଲ୍ ଫୋନ୍ କିଣିବାରେ ଏବେ ଗ୍ରାହକଙ୍କ ଆଗ୍ରହ ବଢିଛି । ଲୋକମାନେ ନିଜର ପୁରୁଣା ଫୋନ୍ ବଦଳାଇ ୱାନପ୍ଲସ୍, ସାମସଙ୍ଗ କିମ୍ବା ଆଇଫୋନ୍ ଭଳି ଭଲ ଫିଚର୍ ଥିବା ନୂଆ ମଡେଲ୍ କିଣୁଛନ୍ତି ।

# ଜିଲ୍ଲାସ୍ତରୀୟ ଜନ ଗଣନା ତାଲିମ ଶିବିର

ନୟାଗଡ଼, (ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଗଣନା -୨୦୨୭ ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଜନଗଣନା ଆଗାମୀ ଅପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇ ମଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଜନଗଣନା ପୋର୍ଟାଲ ବ୍ୟବହାର କରି ଯେକୌଣସି ବ୍ୟକ୍ତି ନିଜର ସମସ୍ତ ତଥ୍ୟ ଅପଲୋଡ଼ କରିପାରିବେ ।ସଚେତନ ନାଗରିକ ନିଜର ସଠିକ ଓ ନିର୍ଭୁଲ ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲାପାଳ ଶ୍ରୀମତୀ ରଥ ପରାମର୍ଶ ଦେଇଛନ୍ତି । ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ପବିତ୍ର କୁମାର ମହଲା ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏଥିରେ ଜନଗଣନା ପରିଚାଳନା ଓ ଯାଂଚ ବ୍ୟବସ୍ଥା ବ୍ୟବହାର, ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ତଥ୍ୟ ସଂଗ୍ରହ, ସଠିକ ଓ ସମୟୋପଯୋଗୀ ରିପୋର୍ଟିଂ ଉପରେ ଜୋର୍ ଦିଆଯାଇଛି । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲା କାର୍ଯ୍ୟାଳୟ ଅଧିକାରୀଙ୍କ ମଧ୍ୟରେ ପ୍ରିୟଙ୍କା ମହାନ୍ତି, ଶୁକଦେବ ବେହେରା, ତହସିଲଦାର, ଅତିରିକ୍ତ ତହସିଲଦାର, ମ୍ୟୁନିସିପାଲିଟି ଓ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ ।

# ସ୍ୱାମୀ ଉପରେ ସନ୍ଦେହ : ଅନ୍ୟ ପୁରୁଷକୁ ପିଟିଲେ ଅଙ୍ଗନବାଡି କର୍ମୀ

**ଦଶପଲ୍ଲା, (ସବ୍ୟୁ): ନିଜ ସ୍ୱାମୀକୁ ସନ୍ଦେହ କରି ଅନ୍ୟଜଣେ ପୁରୁଷ ଉପରେ ରାଗ ସୁଝାଇଛନ୍ତି ଜଣେ ଅଙ୍ଗନବାଡି କର୍ମୀ । ଏଭଳି ଘଟଣା ଦେଖିବାକୁ ମିଳିଛି ବାଣିଗୋଛା ଥାନା ଅଧୀନସ୍ଥ ମୁଣ୍ଡତୁଳା (ବରସାହି) ଗ୍ରାମରେ । ମୁଣ୍ଡତୁଳାଗ୍ରାମରେ ନରତମ ପ୍ରଧାନ ବସବାସ କରୁଥିବା ବେଳେ ସେଠାରୁ ଅଧ କିଲୋମିଟର ଦୂରରେ ବସବାସ କରନ୍ତି ଅଙ୍ଗନବାଡି କର୍ମୀ ଦ୍ରୌପଦୀ ଭୋଇ । ଦ୍ରୌପଦୀ ତାଙ୍କ ସ୍ୱାମୀ ପାଖକୁ ଫୋନ କରିଥିଲେ । ମାତ୍ର ତାଙ୍କ ସ୍ୱାମୀଫୋନ ଉଠାଇ ନଥିଲେ । ଏହାପରେ ଦ୍ରୌପଦୀ ନରତମ ପାଖକୁ ଆସି ତାଙ୍କ ସ୍ୱାମୀ ଚତୁର୍ଭୁଜକୁ ଫୋନ କରିବାକୁ କହିଥିଲେ । ନରତମ କଲ କରିବାରୁ ଚତୁର୍ଭୁଜ ଫୋନ ଉଠାଇ କଥା ହୋଇଥିଲେ । ମୁଁ ଫୋନ କଲେ ଉଠାଉନି ତୁ ଫୋନ କଲେ କେମିତି ଉଠାଉଛି କହି ଅଙ୍ଗନବାଡି କର୍ମୀ ତାଙ୍କ ସ୍ୱାମୀର ନରତମ ସ୍ତ୍ରୀ ସହ ସମ୍ପର୍କ ଅଛି ବୋଲି ସନ୍ଦେହ କରି ନରତମକୁ ପ୍ରବଳ ମାଡ଼ ମାରିଥିଲେ ଏବଂ ତାଙ୍କୁ ଉଲଗ୍ନ କରିଦେଇଥିଲେ ବୋଲି ନରତମ ବାଣୀଗୋଛା ଥାନାରେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ଉଭୟ ପକ୍ଷଙ୍କୁ ଡାକି ତଦନ୍ତ କରୁଥିବା ବେଳେ ଏ ସମ୍ପର୍କ**ରେ ଅଙ୍ଗନବାଡି କର୍ମୀ ଙ୍କ ସହ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ତାଙ୍କ ଫୋନ ଧରିନଥିଲା । ତେବେ ସ୍ୱାମୀ ଉପରେ ସନ୍ଦେହ କରି ଅନ୍ୟ ପୁରୁଷ କୁ ବାଡ଼ାଇବା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଆଗକୁ ଏହି ଘଟଣା କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକିରହିଲା ।

**AFFIDAVIT**

I, Binod Bihari Mohapatra, S/o- Late Markand Mahapatra resident of Flat No.-B-123, Vaisakha Enclave, Cuttack Road, Bomikhal, Bhubaneswar-751010, Odisha declare by this affidavit no.10 dtd.03.02.2026 that, my actual and correct name is **Binod Bihari Mohapatra** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 05/02/2026 I, Sasmita Kar, Address At-Biswanathapur, Po- Biswanathapur, Ps- Balipatana, Dist-Khordha, Odisha, Pin- 752102 declare that I have changed my name from **Sasmita Panigrahi** to **Sasmita Kar**. Henceforth, I shall be known as **Sasmita Kar** for all purposes.

**Sasmita Kar**

**AFFIDAVIT**

By virtue of an Affidavit sworn before M.K. Panda, Notary Public, BBSR on dated.02/02/2026. I, Chhanaka Swain, permanent resident of At-Baranga, P.O-Alasahi, P.S-Astarang, Dist-Puri, Pin-752109, currently residing At-Baranga, P.O-Alasahi, P.S-Astarang, Dist-Puri, Pin-752109, declare that, I have changed my name from Subhashree Mallick (Old name) to Chhanaka Swain (New Name). Henceforth, I shall be known as **Chhanaka Swain (New Name)** for all purposes.

**AFFIDAVIT**

By virtue of an Affidavit Sworn before the Executive Magistrate, Bhubaneswar dtd. 04.02.2026, I **Saswati Pati,** aged about 53 years, W/o: Ashok Kumar Das, D/o: Niranjan Pati resident of Plot No.: 425/5391, Sameigadia, PO: Rasulgarah, PS: Mancheswar, Bhubaneswar, Dist.: Khurda have changed my name from Saswati Pati to **Saswati Das**. Henceforth I shall be known, called and identified as **Saswati Das**, W/o: Ashok Kumar Das instead of Saswati Pati for all purposes. That **Saswati Das and Saswati Pati** is one and same person who is myself.

**ଆଫିଡେଭିଟ୍**

ନୋଟାରୀ ପବ୍ଲିକ୍, ଝାରସୁଗୁଡ଼ା (ଓଡ଼ିଶା)ଙ୍କ ଆଫିଡେଭିଟ୍ ନଂ. ୧୧୭୦୫, ତା.୦୨.୦୧.୨୦୨୬ର ସତ୍ୟପାଠ ଦ୍ୱାରା ମୁଁ **ଧନେଶ୍ୱର ରବନା,** ବୟସ ପ୍ରାୟ ୪୪ ବର୍ଷ, ପିତା: ବିଦେଶୀ ରବନା, ବାସସ୍ଥାନ ଠିକଣା- ଗ୍ରାମ/ ପୋ/ଥାନା: ଠଲକୋଲୋଇ, ଜିଲ୍ଲା: ସମ୍ବଲପୁର, ଏତଦ୍ଦ୍ୱାରା ଘୋଷଣା କରୁଛି ଯେ, ମୁଁ ମୋର ନାମକୁ "ସୁନନ୍ଦ ରବନା" ରୁ **"ଧନେଶ୍ୱର ରବନା"** କୁ ପରିବର୍ତ୍ତିତ କରିଛି । ବର୍ତ୍ତମାନଠାରୁ, ସମସ୍ତ ଉଦ୍ଦେଶ୍ୟରେ, ମୁଁ **"ଧନେଶ୍ୱର ରବନା"** ଭାବରେ ପରିଚିତ ହେବି ।

**AFFIDAVIT**

By virtue of an affidavit sworn before The Notary public Bhadrak dated 05.02.2026. I BANDITA PRIYADARSONI MOHAPATRA w/o-Dharamabir Pradhan,at,p.o-Dahapada,p.s-Sahdevkunta ,dist-Baleswar, pin -756003, Odisha declare that I have changed my name from BANDITA PRIYADARSHANI PRADHAN to BANDITA PRIYADARSONI MOHAPATRA. Hanceforth I shall be known as BANDITA PRIYADARSONI MOHAPATRA for all purpose

**BANDITA PRIYADARSONI**

**AFFIDAVIT**

By virtue of an affidavit before the Executive Magistrate, Jatani, Khordha on Dt. 01.12.2025 bearing the affidavit No. 278. I Changed my name from Jhavi Ransinha, W/o Damburdhar Ransingh to Jharana Ransingh W/o Damburdhar Ransingh as per the name mentioned on AADHAR CARD bearing the no. 4367 5601 8024 and on Bank Passbook bearing the account no. 2771000100030917 for all purposes.

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର (ଟିଆରଏସ୍), ଦ.ପୂ. ରେଳପଥ ଖଡଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ପ୍ରତିଟି ଆଇଟମ୍ ବିପକ୍ଷରେ ସୂଚିତ ତାରିଖର ୧୫.୩୦ ଘଟିକା ପୂର୍ବରୁ ଇ-ଟେଣ୍ଡର (ସିଙ୍ଗଲ୍ ଟେଣ୍ଡର) ଆହ୍ୱାନ କରୁଛନ୍ତି ଏବଂ ୧୬.୦୦ ଘଟିକା ପରେ ଖୋଲାହେବ । **ଇ-ଟେଣ୍ଡର ନୋଟିସ୍ ନଂ., କେଜିପିଇ-ଏମ୍ଇଡିଏଟ୍-ଏସ୍ଆଇଭି-୧୧୮, କାର୍ଯ୍ୟର ନାମ : ଦ.ପୂ.** ରେଳପଥର କେଜିପିଇ / ଖଡଗପୁର, ଇଏଲ୍ଏସ୍/ ସାନ୍ତ୍ରାଗାଛି ଏବଂ ଆଇପିଟିଇ: ବୋକାରୋ ଷ୍ଟିଲ୍ ସିଟିର ପାରମ୍ପରିକ ଇଲେକ୍ଟ୍ରିକ୍ ଲୋକୋମୋଟିଭସ୍‌ରେ ମେଧା ନିର୍ମିତ ୧୮୦ କେଭିଏ ଷ୍ଟାଟିକ୍ ଇନ୍ଭର୍ଟର (ଏସ୍ଆଇଭି) ସଂଯୋଗ ଲାଗି ବ୍ୟାପକ ଇ ଏଏମ୍‌ସି । **କାର୍ଯ୍ୟର ଆନୁମାନିକ ମୂଲ୍ୟ (ଜିଏସ୍‌ଟି ସମେତ) : ଟ. ୨,୯୨,୭୩,୨୭୦.୧୬, ଅମାନତ ଅର୍ଥ : ଟ. ୨,୯୬,୪୦୦.୦୦, ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଶୂନ୍ୟ, ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୨୩.୦୨.୨୦୨୬** ଅପରାହ୍ନ ୧୫.୩୦ ଘଟିକା । **ଟେଣ୍ଡର ପ୍ରକାର : ସିଙ୍ଗଲ ଟେଣ୍ଡର, ସମାପ୍ତି ସମୟ : ୨୪ ମାସ ।** ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ତଥ୍ୟ/ସ୍ପେସିଫିକେସନ ପାଇଁ ୱେବସାଇଟ **www.ireps.gov.in** ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନରେ ଦାଖଲ କରିବେ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । (PR-1152)

**TENDER NOTICE**

**Expression of Interest for Old Vechile**

Panther Transfrieght Ltd. invites Expression Of Interest (EOI) for the sale of 05(Five) numbers of 10-wheeler trucks (TATA BS-III (HYVA).

**Inspection:**

The vechiles can be inspected with prior notice at th PTL Workshop,Jindal Steel Plant, Barbil, Odisha, before 12th February-2026.

**Submission Deadline:**

Sealed quotations must be submitted on or before 15 February-2026.

**Submission Address:**

Drop the sealed envlope in the Tender Box at PTL,Deojhar Office.

**Contact Number:**

9777458579/9777137977/9937506931

**Adress:**

Panther Transfrieght Ltd.

JSP,Pellet Plant, Deojhar, Keonjhar,Odisha-758038

**Note:** A Participation fee of 20.000/-(Rupee Twenty Thousand only) in the form of a Demand Draft drawn in favour of M/s Panther Transfrieght Ltd. is mandotory.

The participation fee shall be refundable after completion of the auction process.

**Panther Transfrieght Ltd.**

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
**e_mail =rw_mayurbhanj@yahoo.co.in**
**e- Procurement Tender Call Notice No. Online 16/RWD/BPD/2025-26**

25001/31/2526

1. Name of the work : Road Work
2. Total No. of works : 1 No.
3. Estimated Cost : Approx Estimated Cost Rs. 16.81 lakhs
4. Class of Contractor : D & C
5. EMD : EMD @ 1% of Estimated Cost Put to tender
6. Period of Completion : As per Annexure
7. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & time of opening of tender in the office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division Baripada | 16 (Online)/RWD-BPD of 2025-26 | 06.02.2026 at 11.00 A.M. | 13.02.2026 up to 5.00 P.M. | 13.02.2026 upto 3.00 P.M. | 13.02.2026 at 5.30 P.M. |

Further details can be seen from the website **www.tendersodisha.gov.in**

**OIPR : 25001/25057/1/25-26/0031**

**Sd/-Superintending Engineer R.W. Division Baripada**

**13001/27/2526**

**OFFICE OF THE NOTIFIED AREA COUNCIL, BALUGAON, KHORDHA**

**E-PROCUREMENT NOTICE**

**BID IDENTIFICATION NO.Balugaon,03/2025-26**

**No: 204 / Date : 03.02.2026**

The Executive Officer on behalf of NAC Balugaon invites percentage Bid through e-procurement in double cover system according to norm of e-procurement.

1 Type of Works : Civil construction works as in the D.T.C.N
2. Total No. of works : 08 Nos.
3. Tender Amount Cost : Rs.3,81,690.00 to Rs.11,43,908.00
4. Period of Completion : 30 days to 60 days
5. Date and time of availability of Bid Documents in the Portal : From 10.00 A.M of Dt.06.02,2026 up to 5.00 P.M. of Dt.18.02.2026
6. Date & Time of Opening of Tender (Technical Bid) : Dt.19.02.2026 at 12.30 P.M. onwards

Further, the details of e-tender documents can be had from the E-Procurement portal www.tendersodisha.gov.in. Corrigendum if any shall only be published in above web site.

**OIPR : 13001/13173/25-26/0027**

**Sd/- Executive Officer, N.A.C., Balugaon.**

**25001/27/2526**

**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
**TENDER CALL NOTICE**
**BID IDENTIFICATION NO. ONLINE-EERKL-29 of 2025-26**

**E-Mail : rw_rourkela@yahoo.co.in**

1. Name of the work : Road Work
2. Total No. of works : 02 (02) Nos.
3. Estimated cost : Rs. 55.19 Lakhs to Rs. 63.38 Lakhs
4. Class of Contractor : "B" Class
5. Period of Completion : 01 (One) Calendar Month
6. Type of Tender : Double Cover
7. Other details :

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-29 of 2025-26 | 07.02.2026 from 10.00 A.M. | 12.02.2026 upto 4.00 P.M. |

Further details can be seen from the website **www.tendersorissa.gov.in**

**OIPR : 25001/25193/1/25-26/0027**

**Sd/- Executive Engineer**
**RW Division-II, Sundargarh**

**OFFICE OF THE DIVISIONALFOREST OFFICER, ATHAGARH FOREST DIVISION, ATHAGARH**
**E-Mail ID:dfo.athagarh@odisha.gov.in**
**GOVERNMENT OF ODISHA**
**"e" procurement Notice**

**8001/16/2526**

**For construction of D.F.O Residential Quarter at Athagarh**
**Bid Identification No.DFO - ATH-04 of 2025-26**

1. Name of the Work : 1 No. Building work.
2. Estimated Cost : Rs. 42,57,275.00
3. Class of Contractor : "B" Class & Above
4. Tender Paper Cost : Rs.6,000/-(Online)
5. Period of completion : 45 Days
6. Date & time of availability of bid document in the portal : From 06.02.2026 to 5PM of 12.02.2026
7. Last date / time of receipt of bids in the portal : 5 PM of 12.02.2026
8. Date & time of opening of bids : 11 AM of 13.02.2026
9. Name and address of the Officer Inviting Bid : Divisional Forest Officer, Athagarh Forest Division, Athagarh.

Further details can be seen from the e-procurement portal **"https://tendersodisha.gov.in**

**OIPR : 8001/8063/1/25-26/0016**

**Sd/- Divisional Forest Officer, Athagarh Forest Division**

**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER , ROURKELA IRRIGATION DIVISION,ROURKELA**
**email Id:- seridrkl@gmail.com**
**'e' Procurement Notice**

**32001/20/2526**

**e-PROCUREMENT NOTICE NO - SERID-RKL-11/2025-26 (ONLINE) DT 31.01.2026**

The Superintending Engineer, Rourkela Irrigation Division, Rourkela on behalf of Governor of Odisha invites Percentage Rate Bid in double cover system to be received in online mode from the eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD work as detailed below:

| | | | |
|---|---|---|---|
| 1. | Name of Work | : | IMPROVEMENT TO SERVICE ROAD IN BETWEEN RD 6503M TO RD 7700M OF PITAMAHAL IRRIGATION PROJECT FOR THE YEAR 2025-26 |
| 2. | Total Number of works | : | 01 (one) no |
| 3. | Bid Identification No. | : | SERID-RKL-11 / 2025-26 (ONLINE) |
| 4. | Estimated Cost | : | Rs. 26.80 lakh |
| 5. | Class of Contractor | : | 'C & 'B' class Contractor |
| 6. | Cost of Tender Paper | : | Rs 6,000.00 |
| 7. | Earnest Money Deposit | : | Rs 27000.00 |
| 8. | Period of completion | : | 45 days |
| 9. | Date & time of Availability of Bid documents in the portal | : | From dt 06.02.2026 at 10.00 A.M to dt. 16.02.2026 up to 05.30 P.M. |
| 10. | Last Date / time for receipt of bids in the portal | : | Dt. 16.02.2026 up to 05.30 P.M. |
| 11. | Date and time of Opening of Technical Bid | : | dt. 17.02.2026 at 11.00 A.M |
| 12. | Last date & time of seeking of clarification | : | Dt. 12,02.2026 at 05.30 P.M |
| 13. | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 14. | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website http: //tenderodisha.gov.in

**OIPR : 32001/32018/1/25-26/0020**

**SUPERINTENDING ENGINEER**
**ROURKELA IRRIGATION DIVISION, ROURKELA**

# ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶାକୁ ସର୍ବୋତ୍ତମ ପ୍ରଦର୍ଶନୀ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ନୋଆମୁଣ୍ଡିରେ ଅନୁଷ୍ଠିତ ୩୫ତମ ବାର୍ଷିକ ଫୁଲ ଏବଂ ପନିପରିବା ପ୍ରଦର୍ଶନୀରେ ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗକୁ ସର୍ବୋତ୍ତମ ପ୍ରଦର୍ଶନୀ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର କମ୍ପାନୀର ଅଭିନବ ଧାରଣା ଏବଂ ଦୃଶ୍ୟମାନ ମନମୁଗ୍ଧକର ପୁଷ୍ପ ଉପସ୍ଥାପନାକୁ ସ୍ୱୀକୃତି ଦିଏ। ଏହି ଦୁଇଦିନିଆ ପ୍ରଦର୍ଶନୀରେ ମେରିଗୋଲ୍ଡ, ଫ୍ରେଞ୍ଚ ମେରିଗୋଲ୍ଡ, ପାନ୍ସି, ଚନ୍ଦ୍ରମଲ୍ଲିକା, ପେଟୁନିଆ, ସିଲଭିଆ ଏବଂ ଡାଲିଆ ସହିତ ଶୀତକାଳୀନ ଦଶଠାରୁ ଅଧିକ ପ୍ରକାରର ଋତୁକାଳୀନ ଫୁଲ ପ୍ରଦର୍ଶିତ କରାଯାଇଥିଲା। ଏହି ଫୁଲଗୁଡ଼ିକୁ ଏକ ସ୍ୱସ୍ତିକ ପ୍ରତୀକ ଗଠନ କରିବା ପାଇଁ କଳାତ୍ମକ ଭାବରେ ବ୍ୟବସ୍ଥିତ କରାଯାଇଥିଲା, ଯାହା ପରିଦର୍ଶକଙ୍କଠାରୁ ବ୍ୟାପକ ପ୍ରଶଂସା ଏବଂ ଧ୍ୟାନ ଆକର୍ଷଣ କରିଥିଲା। ଭାରତୀୟ ସଂସ୍କୃତିରେ ଗଭୀର ଭାବରେ ମୂଳ, ସ୍ୱସ୍ତିକ ସମୃଦ୍ଧି, ମଙ୍ଗଳ, ସକାରାତ୍ମକତା ଏବଂ ସମନ୍ୱୟର ପ୍ରତୀକ। ଚିନ୍ତନଶୀଳ ଭାବରେ ସଂଯୋଜିତ ପ୍ରଦର୍ଶନୀ ସାଂସ୍କୃତିକ ସମ୍ବେଦନଶୀଳତା ଏବଂ ସୃଜନଶୀଳ ପ୍ରକାଶନର ଏକ ସୂକ୍ଷ୍ମ ସନ୍ତୁଳନକୁ ପ୍ରତିଫଳିତ କରେ, ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ପରମ୍ପରାକୁ ଅବିଚ୍ଛିନ୍ନ ଭାବରେ ମିଶ୍ରଣ କରେ। ପୁଷ୍ପ ପ୍ରଦର୍ଶନୀ ବ୍ୟତୀତ, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଘରେ ଚାଷ ପାଇଁ ଉପଯୁକ୍ତ ବିଭିନ୍ନ ଔଷଧୀୟ ଗଛ ମଧ୍ୟ ପ୍ରଦର୍ଶନ କରିଥିଲା, ଯାହା ପରିଦର୍ଶକମାନଙ୍କଠାରୁ ପ୍ରଶଂସନୀୟ ଆଗ୍ରହ ଏବଂ ସକାରାତ୍ମକ ପ୍ରତିକ୍ରିୟା ପାଇଥିଲା। ବାର୍ଷିକ ଫୁଲ ଏବଂ ପନିପରିବା ପ୍ରଦର୍ଶନୀ ଉଦ୍ୟାନ କୃଷି, ପରିବେଶ ସଚେତନତା ଏବଂ ସାମୁଦାୟିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ପ୍ରଦର୍ଶନୀ ଏହାର ମୌଳିକତା, ସଠିକତା ଏବଂ ସାମଗ୍ରିକ ଉପସ୍ଥାପନା ପାଇଁ ସ୍ୱତନ୍ତ୍ର ଥିଲା, ଯାହା ବିଚାରକ ମଣ୍ଡଳୀଙ୍କଠାରୁ ଉଚ୍ଚ ପ୍ରଶଂସା ଅର୍ଜନ କରିଥିଲା।



# ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ କ୍ରୀଡା

ଭୁବନେଶ୍ୱର, (ସବ୍ୟୁ) : ଗିଫ୍ଟ ସ୍ୱୟଂଶାସିତ କଲେଜର ୧୮ତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ଏହି କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ପ୍ରଦୀପ୍ତ କୁମାର ପଟ୍ଟନାୟକ ଯୋଗ ଦେଇ କୃତିପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ ଗିଫ୍ଟର ନିର୍ଦ୍ଦେଶକ ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ରେଜିଷ୍ଟ୍ରାର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଡିନ୍ ଏକାଡେମିକ୍ ଡ. ରବିନାରାୟଣ ପଣ୍ଡା ଓଏସ୍‌ଡି, ଇ. ସମୀର ରଞ୍ଜନ ପଣ୍ଡା, ପିଆଇସିଇ ଷ୍ଟୁଡେଣ୍ଟ ୱେଲଫେୟାରର ପ୍ରଫେସର ସୌମେନ୍ଦ୍ର ବେହେରା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ମୋଟ ୩୫ ଟି ଖେଳରେ ୮ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଏସ୍‌ପିଓସି ଇ. ଜଗନ୍ନାଥ ରାୟ ଫାର୍ମାଶିଷ୍ଟ ପ୍ରତାପ କେଶରୀ ମିଶ୍ର, କିଟ୍ ଅଶିତ ପାହାଡସିଂ, ଅବଦୁଲ ଅଜିଜ ଖାନ ପ୍ରମୁଖ ପରିଚାଳନା କରିଥିଲେ ।




# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବ ଉଦ୍‌ଯାପିତ

କଟକ, (ସବ୍ୟୁ): ପାଲା ଓଡ଼ିଶାର ଏକ ଲୋକପ୍ରିୟ ଲୋକକଳା । ଏହା ଓଡ଼ିଆ ସଂସ୍କୃତିର ସଂବାହକ ଓ ଅସ୍ମିତାର ଉଦଘୋଷକ । ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଗୁରୁବାର ସଂଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ପାଲା ମହୋତ୍ସବର ଉଦଯାପନୀ ଉତ୍ସବରେ ଅତିଥିମାନେ ଏହିପରି କହିଛନ୍ତି । ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଭ୍ୟା ଡକ୍ଟର ଗାୟତ୍ରୀ ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଓ କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ପାଲାଗାୟକ ପର୍ଶୁରାମ ପଣ୍ଡାଙ୍କୁ 'ଉତ୍କଳ ଗାୟକ ଗୌରବ ସମ୍ମାନ' ଓ ବିଶିଷ୍ଟ ପାଲାଗାୟିକା ଶ୍ରୀମତୀ ସ୍ୱାଇଁଙ୍କୁ 'ଶାରଦା ଦେବୀ ନାୟକ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ଏଥିସହିତ ମୃଦଙ୍ଗ ବାଦକ ଅନୀଲ କୁମାର ପାଗଳ, ସଂଗୀତ ଶିଳ୍ପୀ ଗୀତାଞ୍ଜଳି ମହାପାତ୍ର, ଦୁର୍ଯ୍ୟୋଧନ ମହାରଣା, କରୁଣାକର ପ୍ରଧାନ ଓ ରଞ୍ଜନ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପାଲା ଆୟୋଜନରେ ବିଶେଷ ସହଯୋଗ କରୁଥିବା ବର୍ଷୀୟାନ୍ ପାଲାଗାୟକ ସୁରେନ୍ଦ୍ର ନାଥ ଛୋଟରାୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ପରେପରେ ଗାୟିକା ଶ୍ରୀମତୀ ସ୍ୱାଇଁ ଓ ସାଥୀମାନେ 'ନଳ-ଦମୟନ୍ତୀ' ବିଷୟକ ପାଲା ପରିବେଷଣ କରିଥିଲେ । ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଦେଇଥିଲା ବେଳେ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମଞ୍ଚ ଆମନ୍ତ୍ରଣ କରିଥିଲେ ଓ କାର୍ଯ୍ୟନିର୍ବାହୀ ସଦସ୍ୟା ଡ଼କ୍ଟର ବୈଜୟନ୍ତୀ ମାଳା ଶତପଥୀ ମାନପତ୍ର ପାଠ କରିଥିଲେ ।ଏଥିରେ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ପାଲା ଉତ୍ସବରେ ଡ଼କ୍ଟର ନଳିନୀ ନାୟକ ଓ ସୌଦାମିନୀ ନାୟକ ଉପସ୍ଥିତ ଥିଲେ।



# ୭ ଜିଲ୍ଲାର ଇଂରାଜୀ ନାଁରେ ହେବ ସଂଶୋଧନ

ଭୁବନେଶ୍ୱର,,(ସବ୍ୟୁ) : ୭ ଜିଲ୍ଲାର ଇଂରାଜୀ ନାମକୁ ସଂଶୋଧନ କରାଯିବ। ସେହିଭଳି ୧୧ ଜିଲ୍ଲାର ୨୪ଟି ସ୍ଥାନର ଇଂରାଜୀ ନାମ ସଂଶୋଧନ ହେବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଆ ନାମ ଅନୁସାରେ ଇଂରାଜୀ ବନାମ ରହିବ। ୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ ଶୁଣାଇବାକୁ ବିଜ୍ଞପ୍ତିରେ କୁହାଯାଇଛି। ଖୋର୍ଦ୍ଧା ଜିଲ୍ଲାର ଓଡ଼ିଆ ନାମ ଅନୁସାରେ ଖୋରଧା, କେନ୍ଦ୍ରାପଡ଼ାକୁ କେନ୍ଦ୍ରାପରା ଓ ନୟାଗଡ଼କୁ ନୟାଗର ଲେଖାଯାଉଛି। ଦେବଗଡ଼ ଜିଲ୍ଲାକୁ ଆଉ ଇଂରାଜୀରେ ଦେଓଗଡ଼ ଲେଖାଯିବା ନାହିଁ।

# ବାଲ୍‌କୋ ମେଡିକାଲ୍ ସେଣ୍ଟର ଭାରତରେ ଉନ୍ନତ କର୍କଟ ଚିକିତ୍ସାକୁ ସୁଦୃଢ଼ କରିଛି

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ କର୍କଟ ଦିବସ ପୂର୍ବରୁ, ଭାରତର ଅଗ୍ରଣୀ ଧାତୁ, ତୈଳ ଏବଂ ଗ୍ୟାସ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସମନ୍ୱୟ, ବେଦାନ୍ତ ଲିମିଟେଡ୍, ଛତିଶଗଡ଼ର ରାୟପୁରରେ ଏକ ଅତ୍ୟାଧୁନିକ ୧୭୦ ଶଯ୍ୟା ବିଶିଷ୍ଟ ଅଙ୍କୋଲୋଜି ସୁବିଧା ସହିତ ଭାରତର ଅଗ୍ରଣୀ କର୍କଟ ଚିକିତ୍ସା ହସ୍ପିଟାଲ ବାଲକୋ ମେଡିକାଲ୍ ସେଂଟର (ବିଏମସି) ମାଧ୍ୟମରେ ଭାରତର କର୍କଟ ଚିକିତ୍ସା ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ୩: ଉତମ ସ୍ୱାସ୍ଥ୍ୟ ଏବଂ ମଙ୍ଗଳ ସହିତ ସମନ୍ୱିତ, ସୁସ୍ଥ ଜୀବନ ସୁନିଶ୍ଚିତ କରିବା ଏବଂ ସମସ୍ତଙ୍କ ପାଇଁ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖି ବିଏମସି ଉନ୍ନତ ନିଦାନ ଏବଂ ଚିକିତ୍ସାଗତ କ୍ଷମତା ମାଧ୍ୟମରେ କର୍କଟ ଚିକିତ୍ସାରେ ଥିବା ପାର୍ଥକ୍ୟକୁ ପୂରଣ କରୁଛି। ୨୦୧୮ ମସିହାରେ ପ୍ରତିଷ୍ଠା ହେବା ପରଠାରୁ, ଏହି କେନ୍ଦ୍ର ବ୍ୟାପକ ଏବଂ ସୁଲଭ




କର୍କଟ ଚିକିତ୍ସା ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ଆଦୃତ ହୋଇଛି, ପ୍ରାୟ ୬୫,୦୦୦ ରୋଗୀଙ୍କୁ ଚିକିତ୍ସା କରିବା ସହିତ ପ୍ରାୟ ୧୨,୦୦୦ ରୋଗୀଙ୍କର ପ୍ରମୁଖ ଅସ୍ତ୍ରୋପଚାର ଏବଂ ୮୦,୦୦୦ ରୁ ଅଧିକ ରୋଗୀଙ୍କୁ କେମୋଥେରାପି ସେସନ୍ ପ୍ରଦାନ କରାଯାଇଛି। କ୍ଲିନିକାଲ୍ କେୟାର ବ୍ୟତୀତ, ବିଏମସି ୫୦୦ ରୁ ଅଧିକ ସମୁଦାୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଶିବିର ଏବଂ କର୍କଟ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଛି, ଯାହା ଗ୍ରାମୀଣ ଏବଂ ସହରାଂଚଳ ଉଭୟ ସମୁଦାୟରେ ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରତିରୋଧ ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। ବିଶ୍ୱ କର୍କଟ ଦିବସର ଗୁରୁତ୍ୱ ଉପରେ ମତାମତ ଦେଇ, ବେଦାନ୍ତ ମେଡିକାଲ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋତି ଅଗ୍ରୱାଲ କହିଛନ୍ତି, "ବିଶ୍ୱ କର୍କଟ ଦିବସ ଏକ ସ୍ମରଣକାରୀ ଯେ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ଚିକିତ୍ସା ହେଉଛି କର୍କଟ ରୋଗର ବୋଝ ହ୍ରାସ କରିବା ପାଇଁ ଆମ ପାଖରେ ଥିବା ସବୁଠାରୁ ପ୍ରଭାବଶାଳୀ ଉପକରଣ ମଧ୍ୟରୁ ଅନ୍ୟତମ। ବାଲକୋ ମେଡିକାଲ୍ ସେଂଟର ଏବଂ ଏହାର ସମ୍ପ୍ରଦାୟ-କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ, ଆମେ ଗୁଣାତ୍ମକ କର୍କଟ ଚିକିତ୍ସାର ସୁବିଧାକୁ ବିସ୍ତାର କରିବା ଏବଂ ସ୍ୱାସ୍ଥ୍ୟ ପ୍ରତି ଏକ ସକ୍ରିୟ ଦୃଷ୍ଟିକୋଣକୁ ଉତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ଅଟୁ। ପ୍ରତିରୋଧକ ସ୍ୱାସ୍ଥ୍ୟସେବା ସମ୍ପ୍ରଦାୟର ନିକଟତର କରି, ଆମେ ଏକ ସୁସ୍ଥ ଏବଂ ସ୍ଥିର ସମାଜ ପାଇଁ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ।

## ଇସ୍ପାତ ମନ୍ତ୍ରାଳୟ ବର୍ଗୀକରଣ ଅଧୀନରେ ସବୁଜ ଇସ୍ପାତ ପ୍ରମାଣପତ୍ର ହାସଲ କରିବାରେ

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପ୍ରଥମ ସମନ୍ୱିତ ଇସ୍ପାତ ଉତ୍ପାଦକ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଦେଶର ପ୍ରଥମ ସମନ୍ୱିତ ଇସ୍ପାତ ଉତ୍ପାଦକ ଭାବେ ଇସ୍ପାତ ମନ୍ତ୍ରଣାଳୟର ନୂତନ ସବୁଜ ଇସ୍ପାତ ବର୍ଗୀକରଣ ଅଧୀନରେ ସବୁଜ ଇସ୍ପାତ ପ୍ରମାଣପତ୍ର ହାସଲ କରିଛି। ଏଏମ୍/ଏନ୍ଏସ୍ ଇଣ୍ଡିଆର ହଟ୍ ରୋଲଡ୍ (ଏଚ୍ଆର) କଏଲ୍ ଏବଂ ସିଟ୍ ୪-ଷ୍ଟାର ରେଟିଂ ପାଇଥିବାବେଳେ କୋଲ୍ଡ ରୋଲଡ୍ (ସିଆର) କଏଲ୍ ଏବଂ ସିଟ୍ ୩-ଷ୍ଟାର ରେଟିଂ ହାସଲ କରିଛି। ଏହି ଉତ୍ପାଦଗୁଡ଼ିକ ଯାହା ଅଟୋମୋଟିଭ୍, ଭିତ୍ତିଭୂମି, ପ୍ରତିରକ୍ଷା, ନିର୍ମାଣ ଉପକରଣ ଏବଂ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ କ୍ଷେତ୍ର ପାଇଁ ପ୍ରମୁଖ ଉପାଦାନ, ଏବେ ଅଧିକାରୀକ ଭାବେ ସରକାରଙ୍କ ଦ୍ୱାରା ସବୁଜ ଇସ୍ପାତ ରୂପେ ମାନ୍ୟତାପ୍ରାପ୍ତ। ଏହା ଗ୍ରାହକମାନଙ୍କୁ ସେମାନଙ୍କର ମୂଲ୍ୟ ଶୃଙ୍ଖଳରେ ସ୍କୋପ୍ ୩ ନିର୍ଗମନ ହ୍ରାସ କରିବାକୁ ସକ୍ଷମ କରିବ। ପ୍ରମାଣପତ୍ର ପାଇଁ ଯୋଗ୍ୟତା ଇସ୍ପାତ ଉତ୍ପାଦନର ନିର୍ଗମନ ତୀବ୍ରତା ଉପରେ ଆଧାରିତ, ଯେଉଁଥିରେ ପ୍ରତି ଟନ୍ ପିଛା ଚୂଡ଼ାନ୍ତ ଇସ୍ପାତ ଉତ୍ପାଦନ ନିମନ୍ତେ ୨.୨ ଟନ୍ ରୁ କମ୍ଅ ଙ୍ଗାରକାମ୍ଳ ସମତୁଲ୍ୟ ଯୋଗ୍ୟତା ସୀମା ରଖାଯାଇଛି। ଏହି ସୀମା ତଳେ ନିର୍ଗମନ ସହିତ ଉତ୍ପାଦିତ ଇସ୍ପାତକୁ ଏକ ତିନି-ସ୍ତରୀୟ ବ୍ୟବସ୍ଥା ଅଧୀନରେ ମୂଲ୍ୟାଙ୍କନ କରାଯାଏ, ଯାହା ୩-ଷ୍ଟାର, ୪-ଷ୍ଟାର, କିମ୍ବା ୫-ଷ୍ଟାର ସବୁଜ ଇସ୍ପାତ। ଏହି ପ୍ରମାଣପତ୍ର ହାସଲ କରିବା ପାଇଁ, ଏଏମ୍/ଏନ୍ଏସ୍ ଇଣ୍ଡିଆକୁ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଷ୍ଟିଲ୍ ଟେକ୍ନୋଲୋଜି (ଏନ୍ଆଇଏସଏସଟି) ଦ୍ୱାରା ଏକ କଠୋର ସମୀକ୍ଷା ପ୍ରଣାଳୀର ସାମନା କରିବାକୁ ପଡ଼ିଥିଲା, ଯାହା ସୁନିଶ୍ଚିତ କରିଥିଲା ଯେ କମ୍ପାନୀର ପ୍ରମୁଖ ଫ୍ଲାଟ୍ ଷ୍ଟିଲ୍ ପୋର୍ଟଫୋଲିଓ ସବୁଜ ଇସ୍ପାତ ମାନଦଣ୍ଡ ପୂରଣ କରୁଛି। ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ୍ କହିଛନ୍ତି: "ଭାରତର ସବୁଜ ଇସ୍ପାତ ବର୍ଗୀକରଣ ଇସ୍ପାତ ଶିଳ୍ପର ଭବିଷ୍ୟତ ଏବଂ ଏହାର ଡିକାର୍ବୋନାଇଜେସନ୍ ପାଇଁ ଏକ ସ୍ପଷ୍ଟ ଦିଗ ନିର୍ଦ୍ଧାରିତ କରୁଛି। ଏଏମ୍/ଏନ୍ଏସ୍ ଇଣ୍ଡିଆ ଏହାର କାର୍ବନ ପଦଚିହ୍ନକୁ ହ୍ରାସ କରିବା ପାଇଁ ମାପନୀୟ ପ୍ରୟାସ ସହିତ କମ୍ କାର୍ବନ ଇସ୍ପାତ ଉତ୍ପାଦନ କରିଆସୁଛି, ଏବଂ ନୂତନ ଢାଞ୍ଚା ଏହି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ଏହି ପ୍ରମାଣପତ୍ର ଏହି ଯାତ୍ରାରେ ଆମର ଅଗ୍ରଗତିକୁ ପ୍ରତିଫଳିତ କରୁଛି, ଯାହା କମ୍ କାର୍ବନ ପ୍ରକ୍ରିୟା ଏବଂ ସ୍ୱଚ୍ଛ ଶକ୍ତି ଉପରେ କେନ୍ଦ୍ରିତ ନିବେଶ ଦ୍ୱାରା ଆଧାରିତ। ଏହି ମାନ୍ୟତା ଆମର ବ୍ରାଣ୍ଡ ପ୍ରତିଶ୍ରୁତି ସ୍ମାର୍ଟ ଇସ୍ପାତ, ଉଜ୍ଜ୍ୱଳ ଭବିଷ୍ୟତକୁ ପୂରା କରିବା ପାଇଁ ଆମର ଉଦ୍ୟମକୁ ପ୍ରଦର୍ଶିତ କରୁଛି ।

**ଅକ୍ଷୟ ଶକ୍ତିରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଏବଂ ଆର୍ସେଲର ମିତ୍ତଲର ବୃହତ ନିବେଶ ଦ୍ୱାରା ସମର୍ଥିତ ପ୍ରୟାସ**

## ଛିନତାଇ ଅଭିଯୋଗ ରେ ୩ ଗିରଫ

ଚୌଦ୍ୱାର(ସବ୍ୟୁ): ଚୌଦ୍ୱାର ପୋଲିସ ଛିନତାଇ ଅଭିଯୋଗରେ ୩ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବିଶାଳ ଶାଳ ମଲ୍ଲିକ ,ପ୍ରଭାକର ସାମନ୍ତ ଓ ହରେକୃଷ୍ଣ ସାହୁ । ସୂଚନା ଅନୁଯାୟୀ ଗତ ୧୮.୧୦.୨୦୨୫ ରାତି ପ୍ରାୟ ୮ଟା ସମୟରେ ସନ୍ଧ୍ୟାରାଣୀ ପତି (୫୦) ଟଙ୍କା ସ୍ୱାମୀଙ୍କ ସହିତ ଲକ୍ଷ୍ମାନପୁର ଫେରୁଥିବା ବେଳେ ବିରୂପା ବ୍ୟାରେଜ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ତାଙ୍କ ବେକରୁ ୨୩ ଗ୍ରାମର ଏକ ସୁନା ଚେନ୍ ଝାମ୍ପି ନେଇଯାଇ ଦୃତ ବେଗରେ ଜଗତପୁର ଆଡକୁ ଚାଲିଯାଇଥିଲେ । ଏ ସମ୍ପର୍କରେ ଶ୍ରୀମତୀ ପତି ଚୌଦ୍ୱାର ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଏତଲା ଆଧାର ରେ ଚୌଦ୍‌ବାର ପୋଲିସ ଚୌଦ୍‌ବାରର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ ଗୁଡିକରେ ଲାଗିଥିବା ସିସି ଟିଭି ଫୁଟେଜ୍ ସଂଗ୍ରହ କରିଥିଲା ।

## ପ୍ରେମ ପାଇଁ ହତ୍ୟା : ହତ୍ୟାକାରୀକୁ ଆଜୀବନ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ୨୦୨୪ ମସିହା ଫେବ୍ରୁଆରୀ ୨୭ ତାରିଖରେ କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁଭବନ ଛକ ଅଞ୍ଚଳରେ ହୋଇଥିବା ହତ୍ୟାକାଣ୍ଡ ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ ଆସାମୀ କାହ୍ନା ଓରଫ ନନ୍ଦକିଶୋର ଓଝାକୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୋଗକାରୀ କୁଞ୍ଜବିହାରୀ ଦତ୍ତ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିବାସୀ ହୋଇଥିବା ବେଳେ ପନୀ ଦୀପିକା ରଣଜିତଙ୍କ ସହ ଭୁବନେଶ୍ୱରସ୍ଥିତ ଶିଶୁ ଭବନ ଛକ ନିକଟରେ ଭଡା ସୂତ୍ରରେ ରହୁଥିଲେ । ଅଭିଯୋଗକାରୀଙ୍କର ଶିଶୁ ଭବନ ଛକ ନିକଟସ୍ଥ ଝରଣା ବସ୍ତିରେ ଏକ ମୋବାଇଲ ଦୋକାନ ଥିଲା । ଯାହାକୁ ତାଙ୍କ ପନୀ ଦୀପିକା ବୁଝାସୁଝା କରନ୍ତି । ଆସାମୀ କାହ୍ନା ଓରଫ ନନ୍ଦକିଶୋର ଓଝା ପେସାରେ ଜଣେ ବଢେଇ । ସେ ଅଭିଯୋଗକାରୀଙ୍କ ମୋବାଇଲ ଦୋକାନରେ ହେଉଥିବା କାଠ କାମରେ ନିଯୁକ୍ତ ଥିଲେ । ଘଟଣାର କିଛିଦିନ ପୂର୍ବରୁ ଆସାମୀ କାହ୍ନା ଅଭିଯୋଗକାରୀଙ୍କ ପନୀକୁ ଏକପାଖିଆ ଭଲପାଇ ବସିଥିଲେ । ଏକାଧିକବାର ଅଧ୍ୟାପିକାଙ୍କୁ ପ୍ରେମ ନିବେଦନ କରିଥିଲେ ମଧ୍ୟ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଚାଲିଥିଲେ । ଦୀପିକା ଘଟଣା ସମ୍ପର୍କରେ ସ୍ୱାମୀକୁ ଜଣାଇବାରୁ ସ୍ୱାମୀ ଆସାମୀ କାହ୍ନାକୁ ଭୀଷଣ ଗାଳିଦେବା ସହ ଭବିଷ୍ୟତରେ ସେଭଳି ଭୁଲ୍ ନକରିବା ଲାଗି ତାଗିଦ କରିଥିଲେ । ଯାହା ଫଳରେ ଆସାମୀ କାହ୍ନା ମନରେ କ୍ରୋଧ ସୃଷ୍ଟି ହୋଇଥିଲା । ଏହିଭଳି ଭାବେ ବାରମ୍ବାର ପ୍ରେମ ନିବେଦନ କରି ହତାଶ ହେବା ସହ ଅଭିଯୋଗକାରୀଙ୍କ ନିକଟରୁ ଗାଳି ଶୁଣିବା ପରେ କାହ୍ନା ପ୍ରତିଶୋଧପରାୟଣ ହୋଇଥିଲା ।

# ରେଭେନ୍ସା ରେ ବଜେଟ୍ ଉପରେ ଆଲୋଚନା ଚକ୍ର

କଟକ, (ସବ୍ୟୁ):ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବଜେଟ୍ ୨୦୨୬/୨୭ ବିସ୍ତୃତ ବିଶ୍ଲେଷଣ - ସମସ୍ୟା ଓ ଆହ୍ୱାନ ଶୀର୍ଷକ ରେ ଏକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ର ରେ ବିଶିଷ୍ଟ ଅର୍ଥଶାସ୍ତ୍ରୀ ଡ଼. ଆଶିଷ କୁମାର ସେନାପତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବଜେଟ୍ ର ମୁଖ୍ୟ ଦିଗ, ସମସ୍ୟା, ଆର୍ଥିକ ପ୍ରଭାବ ଓ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ । ସେ ମତ ବ୍ୟକ୍ତ କରିବାକୁ ଯାଇ କହିଥିଲେ ଯେ ଚଳିତ ବଜେଟ୍ ଯାହା ପାସ୍ ହୋଇଛି ତାହା ଭାରତର ବିଭିନ୍ନ ଦିଗ ତଥା ଅର୍ଥନୀତି ରାଜନୀତି ଓ ଭାରତ ର ବିକାଶ କ୍ଷେତ୍ର ରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ।ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଆଲୋଚନା ଚକ୍ର ରେ ନିଜର ବକ୍ତବ୍ୟ ରଖିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ର ଅଧ୍ୟାପକ ଡ. ଈଶ୍ୱର ଚନ୍ଦ୍ର ନାୟକ କାର୍ଯ୍ୟ କ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ମନସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଡ. ମନୋରଞ୍ଜନ ଦାସ ଜେମେସ କିଣ୍ଡୋ, ଚିନ୍ମୟୀ ମହଲ ବିଭାଗ ର ଛାତ୍ର ଛାତ୍ରୀ ଓ ଗବେଷକ ଗବେଷିକା ସମୂହ ଉପସ୍ଥିତ ଥିଲେ।



# ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱରରେ ସଫଳତାର ସହିତ ଜଟିଳ ହିପ୍ ସର୍ଜରୀ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ୪୫ ବର୍ଷୀୟ ବାସିନ୍ଦା କପିଳେଶ୍ୱର ସାହୁ ଗତ ଏକ ମାସ ପୂର୍ବରୁ ହୋଇଥିବା ଏକ ଦୁର୍ଘଟଣା ପରେ ଡାହାଣ ହିପ୍‌ରେ ଭୀଷଣ ଯନ୍ତ୍ରଣା ଏବଂ ଚଳାବୁଲାରେ ଅସୁବିଧା ଅନୁଭବ କରୁଥିଲେ। ଠିକ୍ ସମୟରେ ରୋଗ ଚିହ୍ନଟ ନହେବାରୁ ହିପ୍ କାର୍ଯ୍ୟକ୍ଷମତା ଧୀରେଧୀରେ ଖରାପ ହୋଇଯାଇଥିଲା। ଚାଲିବା, ବସିବା, ତଳେ ବସିବା ଭଳି ଦୈନନ୍ଦିନ କାମ କରିବା ବେଳେ ସେ କଷ୍ଟ ଅନୁଭବ କରୁଥିଲେ । ତାଙ୍କର ଯନ୍ତ୍ରଣା ଅଧିକ ହେବା ପରେ ସେ ଚିକିତ୍ସା ପାଇଁ ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱରକୁ ଆସିଥିଲେ। ସମ୍ପୂର୍ଣ୍ଣ ଚିକିତ୍ସା ପରୀକ୍ଷା ପରେ ଡାକ୍ତର ସୁନିଲ କୁମାର ଦାଶ (ସିନିଅର କନସଲଟାଣ୍ଟ ଓ ଡାଇରେକ୍ଟର– ଅର୍ଥୋପେଡିକସ୍)ଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତାଙ୍କ ବୟସ, କାମ ଓ ଦୈନନ୍ଦିନ ଆବଶ୍ୟକତାକୁ ଧ୍ୟାନରେ ରଖି ରୋବୋଟିକ୍ ସହାୟତାପ୍ରାପ୍ତ ଟୋଟାଲ୍ ହିପ୍ ରିପ୍ଲେସମେଣ୍ଟ ସର୍ଜରୀ କରିବାକୁ ପରାମର୍ଶ କରିଥିଲେ । ଅତ୍ୟାଧୁନିକ ରୋବୋଟିକ୍ ସହାୟତାପ୍ରାପ୍ତ ନାଭିଗେସନ୍ସହିତ ଡାଇରେକ୍ଟ ଏଣ୍ଟିରିଅର୍ ଆପ୍ରୋଚ୍" ପଦ୍ଧତି ଦ୍ୱାରା ମାଂସପେଶୀକୁ କମ୍ କାଟି ଅପରେସନ୍ କରାଯାଇଥିଲା, ଯାହାର ଫଳରେ ରକ୍ତସ୍ରାବ କମ୍ ହୋଇଥିଲା ଓ ସୁସ୍ଥ ହେବାର ସମୟ ମଧ୍ୟ ଶୀଘ୍ର ହେଲା। ରୋବୋଟିକ୍ ପ୍ରଯୁକ୍ତି ଦ୍ୱାରା ହିପ୍ ଇମ୍ପ୍ଲାଣ୍ଟ ସଠିକ୍ ଭାବରେ ବସାଇବା, ଦୁଇ ପାଦର ଲମ୍ବାଇ ସମାନ ରଖିବା ଓ ସନ୍ଧିର ସଠିକ୍ ସମନ୍ୱୟ କରିବା ସମ୍ଭବ ହୋଇଥିଲା। ଏଥିରେ ହିପ୍ ଖସିବାର ସମ୍ଭାବନା କମ ଏବଂ ଦୀର୍ଘକାଳୀନ ଫଳାଫଳ ଭଲ ହେବାର ସଫଳତା ଅଧିକ। ଅପରେସନ୍ ପରେ ରୋଗୀଙ୍କୁ ଅତି କମ୍ ଯନ୍ତ୍ରଣା ହୋଇଥିଲା। ସର୍ଜରୀର ପର ଦିନଠାରୁ ସେ ଚାଲିବା ଆରମ୍ଭ କରିଥିଲେ ଏବଂ ୩ ଦିନ ମଧ୍ୟରେ ହସ୍ପିଟାଲ୍‌ରୁ ଘରକୁ ଫେରିଥିଲେ। ପରବର୍ତ୍ତୀ ଯାଞ୍ଚରେ ସେ ସ୍ୱାଧୀନଭାବେ ଚାଲିପାରୁଥିବା ସହିତ ତଳେ ବସିପାରୁଥିବା ମଧ୍ୟ ଦେଖାଗଲା, ଯାହା ତାଙ୍କର ସାଧାରଣ ଜୀବନକୁ ଫେରି ଥିବାରୁ ସେ ଖୁସୀ ଅନୁଭବ କରିଥିଲେ। ଏହି ସଫଳ ଚିକିତ୍ସା ସମ୍ପର୍କରେ ଡାକ୍ତର ସୁନିଲ କୁମାର ଦାଶ କହିଛନ୍ତି, "କାମ କରୁଥିବା ବୟସର ଲୋକଙ୍କ ପାଇଁ କେବଳ ଯନ୍ତ୍ରଣା କମାଇବା ନୁହେଁ, ସାଧାରଣ ଭାବେ ଚଳାଚଳ କରିପାରିବା ମଧ୍ୟ ଅତ୍ୟନ୍ତ ଜରୁରୀ। ସଠିକ୍ ପ୍ରଯୁକ୍ତି ଓ କମ୍ କ୍ଷତିକାରକ ରୋବୋଟିକ୍ ସର୍ଜରୀ ଏଥିରେ ମୁଖ୍ୟ ଭୂମିକା ନିଭାଏ।" ଏହି ଘଟଣା ଦେଖାଉଛି ଯେ ସମୟରେ ରୋଗ ଚିହ୍ନଟ ଓ ସଠିକ୍ ଚିକିତ୍ସା ପଦ୍ଧତି ଦ୍ୱାରା ଜଟିଳ ହିପ୍‌ଆ ଘାତ ପରେ ମଧ୍ୟ ଲୋକମାନେ ପୁନର୍ବାର ସ୍ୱାଧୀନ ଓ ସାଧାରଣ ଜୀବନକୁ ଫେରିପାରନ୍ତି।



## ବକ୍ସାଇଟ୍ ଖଣି ଖୋଲିବା ସହିତ ସ୍ଥାନୀୟ ନିଯୁକ୍ତିକୁ

# ତ୍ୱରାନ୍ୱିତ କରିବାକୁ କଳାହାଣ୍ଡି ଏବଂ ରାୟଗଡ଼ା ବାସିନ୍ଦାଙ୍କ ନିବେଦନ

ଭୁବନେଶ୍ୱର, (ସବ୍ୟୁ): ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଓଡ଼ିଶାର ମହତ୍ୱାକାଂକ୍ଷୀ ଶିଳ୍ପ ଯୋଜନାଗୁଡ଼ିକୁ ପ୍ରଦର୍ଶନ କରିଥିଲା, ଯାହା ରାଜ୍ୟ ସାରା ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିପାରିବା ପ୍ରକଳ୍ପଗୁଡ଼ିକୁ ସ୍ଥାନିତ କରିଥିଲା। ଅନେକ ଅଂଚଳରେ ପ୍ରଗତି ଚାଲିଥିବା ବେଳେ, ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକ - ବିଶେଷକରି କଳାହାଣ୍ଡି ଏବଂ ରାୟଗଡ଼ା - କମ୍ ଆନୁଷ୍ଠାନିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସ୍ଥାନୀୟ ସମ୍ପ୍ରଦାୟ ଏବଂ ଅଂଶୀଦାରମାନେ ନୂତନ ପଦକ୍ଷେପ ସହିତ ବିଦ୍ୟମାନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରି ପ୍ରଭାବକୁ ତ୍ୱରାନ୍ୱିତ କରିବାର ଏକ ସ୍ପଷ୍ଟ ସୁଯୋଗ ଦେଖୁଛନ୍ତି। ଏହି ଅଂଚଳରେ ପୂର୍ବରୁ କାର୍ଯ୍ୟକ୍ଷମ ଆଲୁମିନା ରିଫାଇନାରୀ, କ୍ୟାପ୍ଟିଭ୍ ପାୱାର ଭିତିଭୂମି ଏବଂ ପ୍ରତିଷ୍ଠିତ ବକ୍ସାଇଟ୍ ବ୍ଲକ୍ ସମେତ ପ୍ରମୁଖ ସମ୍ପତିମାନ ରହିଛି। ତଥାପି, ଏହି ସୁବିଧାଗୁଡ଼ିକ ମଧ୍ୟରୁ ଅନେକ ସେମାନଙ୍କ ଉଦ୍ଦିଷ୍ଟ କ୍ଷମତା ତଳେ ସିମିତ ଯାହା ସେମାନଙ୍କର ନିଯୁକ୍ତି ସମ୍ଭାବନାକୁ ସୀମିତ କରୁଛି। ଅଂଶୀଦାରମାନେ ଗୁରୁତ୍ୱାରୋପ କରିଛନ୍ତି ଯେ ପଶ୍ଚିମ ଓଡ଼ିଶାକୁ କେବଳ ଏକ ସମ୍ବଳ ଆଧାର ଭାବରେ ଦେଖାଯିବା ଉଚିତ ନୁହେଁ, ବରଂ ଏକ ପ୍ରସ୍ତୁତ ଶିଳ୍ପ ଇକୋସିଷ୍ଟମ ଭାବରେ ଦେଖାଯିବା ଉଚିତ।

ପ୍ରହାରର ସଭାପତି ଏବଂ ଜାତୀୟ ସଂଯୋଜକ ଅଭୟରାଜ ମିଶ୍ର କହିଛନ୍ତି: "ନୂତନ ପ୍ରକଳ୍ପ ସ୍ୱାଗତଯୋଗ୍ୟ, କିନ୍ତୁ ଲାଭ ପାଇବାକୁ ବର୍ଷ ବର୍ଷ ଲାଗିଯାଏ। ଏହି ସମୟରେ, କଳାହାଣ୍ଡି ଭଳି ଜିଲ୍ଲାଗୁଡ଼ିକ ଶିଳ୍ପ ଉପଲବ୍ଧ ସମ୍ପତି ବ୍ୟବହାର କରିପାରୁନାହାଁ। ଦୃଢ଼ ମୂଲ୍ୟ-ଶୃଙ୍ଖଳା ସଂଯୋଗ ଏବଂ ଇକୋସିଷ୍ଟମ ସମର୍ଥନ ମାଧ୍ୟମରେ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୋଚନ କରି ଯାହା ତୁରନ୍ତ, ଅନ୍ତର୍ଭୁକ୍ତ ନିଯୁକ୍ତି ଏବଂ ସ୍ଥାନୀୟ ଅଭିବୃଦ୍ଧି ପ୍ରଦାନ କରିପାରିବ। ଜୀବିକା, ନିଯୁକ୍ତି ସୃଷ୍ଟି ଏବଂ ଅର୍ଥନୈତିକ ଅନ୍ତର୍ଭୁକ୍ତି ଉପରେ କାର୍ଯ୍ୟ କରୁଥିବା ପ୍ରହାର(ପବ୍ଲିକ୍ ରେସପନ୍ସ ଏଗେନ୍‌ଷ୍ଟ ହେଲପ୍ଲେସନ୍ସ ଆଣ୍ଡ ଆକ୍ସନ୍ ଫର୍ ରିଡ୍ରେସାଲ୍), ଓଡ଼ିଶାର ପଛୁଆ ଅଂଚଳରେ କାରଖାନା-ଭିତିକ ନିଯୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପ୍ରତି ଅର୍ଥ ମନ୍ତ୍ରଣାଳୟକୁ ସୁପାରିଶ କରିଛି। କଳାହାଣ୍ଡି ଏବଂ ରାୟଗଡ଼ାରେ ବ୍ୟାପକ ପରାମର୍ଶରେ ସେମାନଙ୍କର ସୁପାରିଶଗୁଡ଼ିକୁ ଆଧାର କରାଯାଇଥିଲା।

ଗତ ଦୁଇ ଦଶନ୍ଧି ଧରି ଓଡ଼ିଶାର ଶିଳ୍ପ ନୀତିଗୁଡ଼ିକ ପଶ୍ଚିମ ଓଡ଼ିଶାକୁ ଆଲୁମିନିୟମ ଉତ୍ପାଦନର ଏକ ହବ୍ ଭାବରେ ପରିଣତ କରିବା, ଏହାର ସମୃଦ୍ଧ ବକ୍ସାଇଟ୍ ଭଣ୍ଡାରକୁ ଉପଯୋଗ କରିବା ଲକ୍ଷ୍ୟ ରଖିଛି। ଏହି ଅଂଚଳରେ ଗୁରୁତ୍ୱପୂର୍ଣ୍ଣ ଘରୋଇ ନିବେଶ ପ୍ରବାହିତ ହୋଇଛି, ତଥାପି ଅନେକ ପ୍ରକଳ୍ପ ଏପର୍ଯ୍ୟନ୍ତ କାର୍ଯ୍ୟକୁ ବୃଦ୍ଧି କରୁଛି, ଏବଂ ନିଯୁକ୍ତି ସୃଷ୍ଟି ଏହାର ପୂର୍ଣ୍ଣ ସମ୍ଭାବନାରେ ପହଂଚିପାରିନାହିଁ। ବକ୍ସାଇଟ୍ ସଂରକ୍ଷଣ, ରିଫାଇନାରୀ, ଜମି ଏବଂ କର୍ମଚାରୀ ପୂର୍ବରୁ ଉପଲବ୍ଧ ଥିବାରୁ, ସମୟୋଚିତ ନୀତିଗତ ସମର୍ଥନ ଏବଂ କାର୍ଯ୍ୟାନ୍ୱୟନ ସୁପ୍ତ କ୍ଷମତାକୁ ତୁରନ୍ତ ନିଯୁକ୍ତିରେ ପରିଣତ କରିପାରିବ, ଯଦି ଓଡ଼ିଶାର ଶିଳ୍ପ ମହତ୍ୱାକାଂକ୍ଷା ସମଗ୍ର ଅଂଚଳରେ ସମାନ ଅଭିବୃଦ୍ଧି ପ୍ରଦାନ କରିବ। କଳାହାଣ୍ଡି ଏବଂ ରାୟଗଡ଼ାର ବାସିନ୍ଦାମାନେ ଶିଳ୍ପ ବିକାଶରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ, ଶିଳ୍ପାୟନ ପାଇଁ ଆହ୍ୱାନ କରୁଛନ୍ତି ଯାହା ତୁରନ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରେ, ସ୍ଥାନୀୟ ଭିତିଭୂମିକୁ ମଜବୁତ କରେ ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ଚାଳିତ କରେ।

## ନାଇଜେରିଆରେ ନରସଂହାର

# ମୌଳବାଦୀଙ୍କ ଆକ୍ରମଣରେ ୧୬୨ ମୃତ

ଆବୁଜା: ପଶ୍ଚିମ ନାଇଜେରିଆର ଦୁଇଟି ଗାଁରେ ସଶସ୍ତ୍ର ଉଗ୍ରବାଦୀମାନେ ଆକ୍ରମଣ କରି ୧୬୨ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରି ରକ୍ତର ନଦୀ ବୁହାଇଛନ୍ତି ।ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ସୁରକ୍ଷା ସଙ୍କଟ ଆହୁରି ଘନିଭୂତ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ କ୍ୱାରା ରାଜ୍ୟର ୱାରୋ ଓ ନୁକୁ ଗ୍ରାମକୁ ଟାର୍ଗେଟ କରାଯାଇଥିଲା ।ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ସାଂସଦ ମହମ୍ମଦ ଓମାର ବାୟୋ କହିଛନ୍ତି,ଆକ୍ରମଣ ଇସଲାମିକ୍ ଷ୍ଟେଟ୍ ସହ ଜଡିତ ସଶସ୍ତ୍ର ଗୋଷ୍ଠୀ ଲାକୁରାୱା ଦ୍ୱାରା କରାଯାଇଥିଲା । ସାମ୍ପ୍ରତିକ ମାସ ମଧ୍ୟରେ ନାଇଜେରିଆର ଗ୍ରାମଗୁଡ଼ିକ ଉପରେ ହୋଇଥିବା ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଗୋଟିଏ ବୋଲି ସେ କହିଛନ୍ତି

ଭୟଙ୍କର ହତ୍ୟାକାଣ୍ଡ ପରେ, ଗାଁ ସାରା ମୃତଦେହ ପଡ଼ି ରହିଥିଲା । କ୍ୱାରା ରାଜ୍ୟ ରେଡକ୍ରସ ସଚିବ ଆୟୋଡେଜି ଇମାନୁଏଲ ବାବାଓମୋ କହିଛନ୍ତି ଯେ ସଂଗଠନ ଏପର୍ଯ୍ୟନ୍ତ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପହଞ୍ଚିପାରିନାହିଁ କାରଣ ସେଗୁଡ଼ିକ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ । ଏହି ଅଞ୍ଚଳ ରାଜ୍ୟ ରାଜଧାନୀରୁ ପ୍ରାୟ ଆଠ ଘଣ୍ଟା ଦୂରରେ ଓ ନାଇଜେରିଆ-ବେନିନ୍ ସୀମା ନିକଟରେ ଅବସ୍ଥିତ । ସ୍ଥାନୀୟ ଟିଭି ଚ୍ୟାନେଲରେ ପ୍ରଦର୍ଶିତ ଫୁଟେଜରେ ରକ୍ତାକ୍ତ ମୃତଦେହ ହାତ ବନ୍ଧା ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି । ଘରଗୁଡ଼ିକ ଜଳୁଥିବା ମଧ୍ୟ ଦେଖାଯାଇଛି । କ୍ୱାରା ରାଜ୍ୟର ରାଜ୍ୟପାଳ ଅବଦୁଲରହମାନ ଅବଦୁଲରାଜାକ ଏହି ଆକ୍ରମଣକୁ ଆତଙ୍କବାଦୀ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକର ହତାଶାର ପରିଣାମ ଓ ସଶସ୍ତ୍ର ଆତଙ୍କବାଦୀଙ୍କ ବିରୋଧରେ ଚାଲିଥିବା ସାମରିକ ଅଭିଯାନର ଜବାବରେ ହୋଇଥିବା ଏକ କାପୁରୁଷ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି । ପ୍ରତିଶୋଧ ନେବା ପାଇଁ ଆକ୍ରମଣ ହୋଇଥିବା ସେ କହିଛନ୍ତି । ସୂଚନାଯୋଗ୍ୟ, ନାଇଜେରିଆ ବର୍ତ୍ତମାନ ଏକ ଗମ୍ଭୀର ସୁରକ୍ଷା ସଙ୍କଟ ସହିତ ସଂଘର୍ଷ କରୁଛି । ଉତ୍ତର-ପୂର୍ବରେ ଇସଲାମିକ ଆତଙ୍କବାଦୀଙ୍କ ଦ୍ୱାରା ବିଦ୍ରୋହ ଜାରି ରହିଥିବା ବେଳେ, ଉତ୍ତର-ପଶ୍ଚିମ ଓ ଉତ୍ତର-କେନ୍ଦ୍ରୀୟ ଅଞ୍ଚଳରେ ଅପହରଣ ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏହି ସମୟରେ, ଉତ୍ତର-ପଶ୍ଚିମ ରାଜ୍ୟ କାଟସିନାର ଡୋମା ଗାଁରେ ଏକ ପୃଥକ ଘଟଣାରେ, ଅଜ୍ଞାତ ବନ୍ଧୁକଧାରୀମାନେ ୧୩ ଜଣଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ ମୁଖପାତ୍ର ଆବୁବାକର ସାଦିକ ଆଲିୟୁ କହିଛନ୍ତି । ଆମେରିକୀୟ ସେନାର ଆଫ୍ରିକା କମାଣ୍ଡର ମୁଖ୍ୟ କହିଛନ୍ତି, ଆମେରିକା ନାଇଜେରିଆର ସୁରକ୍ଷା ପରିସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ସାମରିକ ଅଧିକାରୀଙ୍କ ଏକ ଛୋଟ ଦଳ ପଠାଇଛି । ଡିସେମ୍ବରରେ ଆମେରିକୀୟ ସେନା ନାଇଜେରିଆରେ ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀଙ୍କ ଶିବିର ଉପରେ ଏୟାର୍ ଷ୍ଟ୍ରାଇକ୍ କରିଥିଲା ।



# କୋଇଲା ଖଣିରେ ବିସ୍ଫୋରଣ, ୧୬ ଶ୍ରମିକ ମୃତ

ଇମ୍ଫାଲ : ମେଘାଳୟର ପୂର୍ବ ଜୈଣ୍ଟିଆ ପାହାଡ଼ ଜିଲ୍ଲାର ଗୋଟିଏ ଗାଁରେ ଥିବା ବେଆଇନ ଖଣି ଖାଦାନରେ ଭୟଙ୍କର ବିସ୍ଫୋରଣ । ଏଥିଯୋଗୁ ଖଣି ଖାଦାନରେ ଫସି ଯାଇଥିଲେ ଏକାଧିକ ଶ୍ରମିକ । ବର୍ତ୍ତମାନ ସୁଦ୍ଧା ବିସ୍ଫୋରଣ ଯୋଗୁ ୧୬ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ସେହିପରି ଅନେକ ଶ୍ରମିକ ଖଣି ଖାଦାନ ମଧ୍ୟରେ ଫସି ରହିଥିବା ହୋଇଥିବା ଗୁରୁବାର ପୁଲିସ୍ କହିଛି ।ଘଟଣାଟି ଥାଙ୍ଗସ୍କୁ ଅଞ୍ଚଳରେ ଘଟିଛି । ଘଟଣା ସମ୍ପର୍କରେ ପୁଲିସ୍ ଖବର ପାଇବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦଳ ବା ଏସଡିଆରଏଫର ସହାୟତା ଲୋଡ଼ିଛି । ବର୍ତ୍ତମାନ ସୁଦ୍ଧା ଖଣି ଖାଦାନରୁ ୧୬ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ପୁଲିସ କହିବା କଥା ଯେ ଅନୁମତି ନଥାଇ ଗାଁ ନିକଟରେ ଥିବା ଖଣିରେ କାମ ଚାଲିଥିଲା । କୋଇଲା ଉତ୍ତୋଳନ ଚାଲିଥିବା ବେଳେ ବିସ୍ଫୋରଣ ଯୋଗୁ ଏହା ଭୁଶୁଡ଼ି ପଡ଼ିଥିଲା । ଏଥିଯୋଗୁ ଏତେ ବଡ଼ ଘଟଣା ଘଟିଛି । ୨୦୧୪ରୁ ମେଘାଳୟରେ ମୂଷା ଗାତ କୋଲ ମାଇନିଂ ଓ ଅନ୍ୟ ଅଣ ବିଜ୍ଞାନ ଭିତ୍ତିକ ଖଣି ଖନନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ରୋକ ଲଗାଇଛନ୍ତି । ପରିବେଶ ଓ ସୁରକ୍ଷା ଜନିତ ଚିନ୍ତା କାରଣରୁ ଏପରି ପଦକ୍ଷେପ ନିଆଯାଇଛି । ସେହିପରି କୋଇଲା ଚାଲାଣ ଉପରେ ମଧ୍ୟ କଟକଣା ଲଗାଯାଇଛି । ତଥାପି ବେଆଇନ ଖଣି ଖନନ ସ୍ଥାନୀୟ ଅଞ୍ଚଳରେ ବନ୍ଦ ହୋଇ ନାହିଁ । ମୂଷା ଗାତ ମାଇନିଂ ସାଧାଣତଃ ଅଣ ଓସାରିଆ ଟନେଲକୁ ଖୋଳି କରାଯାଏ । ଏହା ଉଚ୍ଚତା ପ୍ରାୟ ୩ରୁ ୪ ଫୁଟ । ଏହା ମଧ୍ୟରେ ଶ୍ରମିକମାନେ ବିପଦଜନକ ଅବସ୍ଥାରେ ପ୍ରବେଶ କରି ଖଣି ଖନନ କରନ୍ତି । ଏଥିରେ ଗୋଟିଏ ସମୟରେ ଜଣେ ହିଁ ପଶି ପାରିବାର ସୁବିଧା ରହିଥାଏ । ୨୦୧୪ରେ ଜାତୀୟ ଗ୍ରୀନ ଟ୍ରୀବନାଲ ଦେଇଥିବା



ରାୟକୁ ସୁପ୍ରିମକୋର୍ଟ କାଏମ ରଖିଥିଲେ ଓ କେବଳ ବିଜ୍ଞାଭିତ୍ତିକ ଖଣି ଖନନକୁ ଅନୁମତି ଦେଇଥିଲେ । ହେଲେ ମେଘାଳୟରେ ନିୟମିତ ଭାବେ ବେଆଇନ ଖଣି ଖନନ ଜାରି ରହିଛି । ଏବେ ଏଥିଯୋଗୁ ଏତେ ବଡ଼ ଅଘଟଣ ଘଟିଛି ।

# ବିସିସିଆଇକୁ ଫେରିବେ ଅନୁରାଗ

ନୂଆଦିଲ୍ଲୀ: ବିଜେପି ସାଂସଦ ତଥା ପୂର୍ବତନ ବିସିସିଆଇ ସଭାପତି ଅନୁରାଗ ଠାକୁରଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ଏଣିକି ସେ ପୁଣି ଥରେ ବିସିସିଆଇକୁ ଫେରିପାରିବେ ଓ କ୍ରିକେଟ୍ ପରିଚାଳନା ବ୍ୟାପାରର ସଂପୃକ୍ତ ହୋଇପାରିବେ ବୋଲି କୋର୍ଟ ଅନୁମତି ଦେଇଛନ୍ତି । ୨୦୧୭ରେ ସୁପ୍ରିମକୋର୍ଟ ଏକ ରାୟ ଦେଇ ଅନୁରାଗଙ୍କୁ ବିସିସିଆଇର ବ୍ୟାପାରରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିଷେଧାଜ୍ଞା ହଟାଇବାକୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗୁରୁବାର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍ଚୀ ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ରାୟକୁ ବଦଳାଇବା ସହ ଅନୁରାଗଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ୨୦୧୬ ଜୁଲାଇ ୧୮ରେ ସୁପ୍ରିମକୋର୍ଟ ଏକ ରାୟ ପ୍ରଦାନ କରି ଲୋଧା କମିଟି ସଂସ୍କାର ଲାଗୁ କରିବା ସହ ବିସିସିଆଇରେ ଜଣେ ସିଏଜି ନୋମିନିଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଭାରତ ଆସୁଛନ୍ତି ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀ

# ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦେବେ ମିଳିତ ବିବୃତି

ନୂଆଦିଲ୍ଲୀ: ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ତର୍କବିତର୍କ ଲାଗି ରହିଥିବାବେଳେ ଆସନ୍ତା ସପ୍ତାହରେ ଏହା ଉପରେ ଦୁଇ ଦେଶ ମିଳିତ ବିବୃତ୍ତି ଜାରି କରିପାରନ୍ତି । ଏହି ବିବୃତ୍ତି ବାଣିଜ୍ୟ ଚୁକ୍ତିକୁ ନେଇ ରହିଥିବା ଗୋପନୀୟତା ଉପରୁ ପରଦା ହଟେଇବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବାଣିଜ୍ୟ ଚୁକ୍ତିକୁ ନେଇ ଏକତରଫା ଘୋଷଣା କରିଥିଲେ ଯେ, ଏହି ଚୁକ୍ତି ଭାରତରେ ଶୁଳ୍କକୁ ୫୦%ରୁ ୧୮%କୁ ହ୍ରାସ କରିବ । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ବିଷୟରେ କିଛି ତଥ୍ୟ ରହିନଥିଲା । ଯାହାକୁ ନେଇ ଅନିଶ୍ଚିତତା ପ୍ରକାଶ ପାଇବା ସହିତ ବିରୋଧୀ ଦଳମାନେ ତୀବ୍ର ସମାଲୋଚନା କରିଥିଲେ ।ଆସନ୍ତା ସପ୍ତାହରେ ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଭାରତ ଗସ୍ତରେ ଆସୁଛନ୍ତି । ଉଭୟ ଭାରତ-ଆମେରିକା ପକ୍ଷରୁ ଯୁଗ୍ମ




ବିବୃତ୍ତି ପ୍ରଦାନ କରାଯିବା ପରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ । ଏହି ଚୁକ୍ତିକୁ ନେଇ ଆଲୋଚନା ଗୋଟିଏ ବର୍ଷ ଧରି ଚାଲିଥିଲା ଏବଂ ଭାରତ-ଆମେରିକା ସମ୍ପର୍କ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା । ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୃଷି, ଦୁଗ୍ଧ ଓ ମତ୍ସ୍ୟଚାଷ ପରି ସମ୍ବେଦନଶୀଳ କ୍ଷେତ୍ରକୁ ଏଥିରେ ସୁରକ୍ଷିତ ରଖାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ନେଇ ଚୁକ୍ତି ବିଳମ୍ବିତ ହୋଇଥିଲା । ଗତ ମାସରେ ଆମେରିକାର ବାଣିଜ୍ୟ ମନ୍ତ୍ରୀ ହାୱାର୍ଡ ଲୁଟନିକ୍ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଗତ ବର୍ଷ ସିଧାସଳଖ ଚୁକ୍ତିନାମାରେ ମୋହର ମାରିବା ପାଇଁ ଟ୍ରମ୍ପଙ୍କୁ ଡାକି ତାଙ୍କ ଅହଂକାର ବଢ଼ାଇ ନଥିଲେ ।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି : ମୁହଁ ଖୋଲିଲା ରୁଷ

ମସ୍କୋ : ଭାରତ-ଆମେରିକା ବାଣିଜ୍ୟ ଡିଲକୁ ନେଇ ବଡ଼ କଥା କହିଛି ରୁଷ । ଭାରତ ଯେକୌଣସି ଦେଶରୁ ଅଶୋଧିତ ତୈଳ କିଣିବାରେ ସ୍ୱାଧୀନତା ରଖିଛି । ତୈଳ ଯୋଗାଣକାରୀଙ୍କ ମଧ୍ୟରେ ବିବିଧତା ଆଣିବା ନୂଆଦିଲ୍ଲୀ ପାଇଁ ନୂଆ ନୁହେଁ କିମ୍ବା ଏହାକୁ ମସ୍କୋକୁ ଟାର୍ଗେଟ କରି କରାଯାଇନି । ଭାରତ ଯେଉଁଠାରେ ଶ୍ରେଷ୍ଠ ଡିଲ ପାଇବ, ସେଠାରୁ ତେଲ କିଣିପାରିବ ବୋଲି ରୁଷ(Russia) କହିଛି ।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଛି ଦିନ ତଳେ ଦାବି କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ବାଣିଜ୍ୟ ବୁଝାମଣା ଜରିଆରେ ରୁଷ ଠାରୁ ତେଲ କିଣିବା ବନ୍ଦ କରିବେ ଓ ଏହା ବଦଳରେ ଆମେରିକା ଏବଂ ସମ୍ଭବତଃ ଭେନେଜୁଏଲ ଠାରୁ ତେଲ କିଣିବାକୁ ସହମତି ହୋଇଛନ୍ତି । ଟ୍ରମ୍ପଙ୍କ ଏପରି ଦାବି ପରେ ରୁଷର ବୟାନ ସାମ୍ନାକୁ ଆସିଛି । କ୍ରେମଲିନ୍ ମୁଖପାତ୍ର ଦିମିତ୍ରି ପେସ୍କୋଭ୍ କହିଛନ୍ତି ଯେ ରୁଷ କେବେ ହେଲେ ବି ଭାରତର ଏକମାତ୍ର ଶକ୍ତି ସାଥୀ ହୋଇନାହିଁ । ସେହିପରି ଯୋଗାଣରେ ପରିବର୍ତ୍ତନ ଗୋଟିଏ ଅସ୍ୱାଭାବିକ ଘଟଣା ବୋଲି ହେଉଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି,



"ଆମେ ଓ ସମସ୍ତ ଅନ୍ତର୍ଜାତୀୟ ଶକ୍ତି ବିଶେଷଜ୍ଞମାନେ ଭଲ ଭାବରେ ଜାଣିଛନ୍ତି ଯେ ଭାରତକୁ ତୈଳ ଓ ପେଟ୍ରୋଲିୟମ୍ ଉତ୍ପାଦର ଏକମାତ୍ର ଯୋଗାଣକାରୀ ରାଷ୍ଟ୍ର ରୁଷ ନୁହେଁ । ଭାରତ ସର୍ବଦା ଅନ୍ୟ ଦେଶମାନଙ୍କଠାରୁ ଏହି ଉତ୍ପାଦ କିଣିଆସିଛି । ତେଣୁ ଏଥିରେ କିଛି ନୂଆ ନାହିଁ" ବାଣିଜ୍ୟ ମନ୍ତ୍ରୀ ପୀଯୂଷ ଗୋଏଲ ନିକଟରେ କହିଥିଲେ ଯେ ଭାରତ ବିଶ୍ୱବ୍ୟାପୀ ପରିସ୍ଥିତିରେ ଆସୁଥିବା ପରିବର୍ତ୍ତନ ସହିତ ଖାପ ଖୁଆଇବା ପାଇଁ ଓ ନାଗରିକଙ୍କ ଶକ୍ତି ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ସବୁ କିଛି କରୁଛି । ତଥାପି ପେସ୍କୋଭ୍ କହିଛନ୍ତି ଯେ ରୁଷ ଠାରୁ ଭାରତ ତେଲ କିଣିବା ବନ୍ଦ କରିଥିବା ନେଇ କୌଣସି ବିଧିବଦ୍ଧ ସୂଚନା ମିଳିନାହିଁ । ମଙ୍ଗଳବାର ମଧ୍ୟ ପେସ୍କୋଭ ସମାନ କଥା କହିଥିଲେ ଯେ ନୂଆଦିଲ୍ଲୀଠାରୁ ଏପରି କୌଣସି ସଙ୍କେତ ଆସିନାହିଁ । ନିୟମିତ ସହଯୋଗ ଜାରି ରଖିବା ସମ୍ପର୍କରେ ରୁଷ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି ଯେ ହାଇଡ୍ରୋକାର୍ବନ୍ ବାଣିଜ୍ୟ ଦୁଇ ଦେଶ ପାଇଁ ଲାଭଦାୟକ । ରୁଷ ଠାରୁ ଭାରତର ହାଇଡ୍ରୋକାର୍ବନ କ୍ରୟ ଦୁଇ ପକ୍ଷ ପାଇଁ ଉପକାରୀ ଓ ବିଶ୍ୱ ଶକ୍ତି ବଜାରରେ ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରେ । ଆମେ ଆମର ଭାରତୀୟ ସାଥୀମାନଙ୍କ ସହିତ ସହଯୋଗ ଜାରି ରଖିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି । ରୁଷ ସାଧାରଣତଃ ଭାରତକୁ ପ୍ରତିଦିନ ୧.୫ରୁ ୨ ମିଲିୟନ୍ ବ୍ୟାରେଲ୍ ଅଶୋଧିତ ତୈଳ ପଠାଇଥାଏ । ଏହାସହ ଆମେରିକାର ରପ୍ତାନୀ ସହଜରେ ଖାପ ଖୁଆଇ ପାରିବ ନାହିଁ । ରୁଷ ୨୦୨୨ରେ ୟୁରୋପ ଓ ଯୁକ୍ତରାଷ୍ଟ୍ର ବଦଳରେ ଭାରତକୁ ତୈଳ ରପ୍ତାନୀ କରିଥିଲା ।

# ଏୟାର ଷ୍ଟ୍ରାଇକରେ ହମାସ ଆତଙ୍କୀ ସେଲ୍ ମୁଖ୍ୟ ନିହତ

ଜେରୁସେଲମ : ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଗାଜାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ଏକ ମିଳିତ ଅପରେସନରେ, ଆଇଡିଏଫ୍ ଏବଂ ଇସ୍ରାଏଲ ସୁରକ୍ଷା ସଂସ୍ଥା (ଆଇଏସ୍ଏ) ହମାସ ଆତଙ୍କବାଦୀ ସେଲ୍ର ମୁଖ୍ୟ ମହମ୍ମଦ ଇସାମ ହାସନ ଅଲ-ହାବିଲଙ୍କୁ ହତ୍ୟା କରିଛନ୍ତି । ଆଇଡିଏଫ୍ ପର୍ଯ୍ୟବେକ୍ଷକ କର୍ପୋରାଲ ନୋଆ ମାର୍ସିଆନୋଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ଆତଙ୍କବାଦୀ ଥିଲେ ଅଲ-ହାବିଲ । ଫେବ୍ରୁଆରି ୪ ତାରିଖରେ, ଆଇଡିଏଫ୍ ଏବଂ ଶିନ୍ ବେଟ୍ ଗାଜା ସହରର ଶାତି ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରିଥିଲେ । ଏଥିରେ ହାସନଙ୍କ ମୃତ୍ୟୁ ଘଟିଥିଲା ।ହାସନ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସର ଘାତକ ଆକ୍ରମଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆକ୍ରମଣ ସମୟରେ ସେ ନାହାଲ ଓଜ୍ ସାମରିକ ଚେକ୍ପୋଷ୍ଟରୁ ଆଇଡିଏଫ୍ ପର୍ଯ୍ୟବେକ୍ଷକ କର୍ପୋରାଲ ନୋଆ ମାର୍ସିଆନୋଙ୍କୁ ଅପହରଣ କରିଥିଲେ । ଇସ୍ରାଏଲୀ ଅଧିକାରୀଙ୍କ ଅନୁଯାୟୀ, ନୋଆ ମାର୍ସିଆନୋଙ୍କୁ ଶିଫା ହସ୍ପିଟାଲରେ ବନ୍ଦୀ ରଖାଯାଇ ତାଙ୍କୁ ହତ୍ୟା କରାଯାଇଥିଲା । ନୋଆଙ୍କ ବାପା କହିଥିଲେ ଯେ, ଜଣେ ଡାକ୍ତର ତାଙ୍କ ଝିଅର ଶିରାରେ ପବନ ପ୍ରବେଶ କରାଇ ହତ୍ୟା କରିଥିଲେ ।

# ଇସ୍ରାଏଲ ଆକ୍ରମଣରେ ଗାଜାରେ ୨୩ ମୃତ

ଗାଜା: ଗାଜାରେ ଇସ୍ରାଏଲର ଆକ୍ରମଣରେ ଅତି କମରେ ୨୩ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି । ଅକ୍ଟୋବରରେ ଅସ୍ତ୍ରବିରତି ଆରମ୍ଭ ହେବା ପରଠାରୁ ଏହାକୁ ସବୁଠାରୁ ବଡ ଧରଣର ଆକ୍ରମଣ ବୋଲି କୁହାଯାଉଛି । ଗାଜାସ୍ଥିତ ଡାକ୍ତରଖାନା ସୂତ୍ରରୁ ପ୍ରକାଶ ଯେ, ବୁଧବାର ମୃତାହତଙ୍କ ମଧ୍ୟରେ ଜଣେ ୧୧ ବର୍ଷୀୟା ବାଳିକାଙ୍କ ସମେତ ଅନେକ ଶିଶୁ ଅଛନ୍ତି । ତେବେ ପ୍ରଥମେ ହମାସ ଅସ୍ତ୍ରବିରତି ଉଲ୍ଲଂଘନ କରିବାରୁ ଆମେ ଆକ୍ରମଣ କଲୁ ବୋଲି ଇସ୍ରାଏଲ ପ୍ରତିକ୍ରିୟା ଦେଇଛି । ଗାଜା ସିଟିର ତୁଫା ଓ ଜୈତୁନ ପଡ଼ୋଶୀ ଅଞ୍ଚଳରେ ଇସ୍ରାଏଲ୍ ଗୁଳି ବିନିମୟରେ ଅତି କମ୍ରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି । ଦକ୍ଷିଣ ଗାଜାର ଖାନ୍ ୟୁନିସ୍ର ଦକ୍ଷିଣରେ ଥିବା କିଜାନ୍ ଆବୁ ରସ୍ୱାନ୍ ଅଞ୍ଚଳରେ ବିସ୍ଥାପିତ ଲୋକଙ୍କୁ



ଆଶ୍ରୟ ଦେଉଥିବା ତମ୍ବୁ ଉପରେ ହୋଇଥିବା ଆକ୍ରମଣରେ ଅନ୍ୟ ଚାରି ଜଣଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି । ଅଲ-ମାୱାସି ଉପକୂଳ ତମ୍ବୁ ଶିବିର ଉପରେ ଇସ୍ରାଏଲର ବିମାନ ଆକ୍ରମଣରେ ଆଉ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ପାଲେଷ୍ଟାଇନ ରେଡ୍ କ୍ରିସେଣ୍ଟ ସୋସାଇଟି କହିଛି ଯେ, ପୀଡିତଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ପ୍ରଥମ ରିପୋର୍ଟକାରୀ ହୁସେନ୍ ହାସନ ହୁସେନ୍ ଅଲ୍-ସୁମାଇରୀ । ଖାନ୍ ୟୁନିସଙ୍କ ରିପୋର୍ଟରେ ଅଲ୍ ଜଜିରାର ତାରେକ ଆବୁ ଆଜୁମ କହିଛନ୍ତି ଯେ, ଗାଜା ସହରର ଅନେକ ଆବାସିକ ଘରକୁ କୌଣସି ପୂର୍ବ ଚେତାବନୀ ବିନା ସିଧାସଳଖ ଟାର୍ଗେଟ୍ କରାଯାଇଛି । ଆମେରିକାର ମଧ୍ୟସ୍ଥତାରେ ଅସ୍ତ୍ରବିରତି ଲାଗୁ ହୋଇଥିବା ସତ୍ତ୍ୱେ ଏହି ଆକ୍ରମଣ ଘଟିଛି । ସେ କହିଛନ୍ତି ଯେ, ଗତ କିଛି ଘଣ୍ଟା ମଧ୍ୟରେ ଗାଜାରେ ଇସ୍ରାଏଲର ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଇସ୍ରାଏଲ ସେନା କହିଛି ଯେ, ଜଣେ ରିଜର୍ଭ ଅଧିକାରୀ ହମାସର ଗୁଳିମାଡ଼ରେ ଗୁରୁତର ଆହତ ହେବା ପରେ ଏହାର ସଶସ୍ତ୍ର ୟୁନିଟ୍ ଓ ବିମାନ ଉତ୍ତର ଗାଜାରେ ଆକ୍ରମଣ କରିଥିଲା ।

# ଭୟଙ୍କର ସୌର ଝଡ଼ ଆଶଙ୍କା

ବେଙ୍ଗାଲୁରୁ: ବର୍ତ୍ତମାନ ସୂର୍ଯ୍ୟ ନିଜର ପ୍ରଚଣ୍ଡ ରୂପ ଦେଖାଇବା ଆରମ୍ଭ କରିଛନ୍ତି । ସୂର୍ଯ୍ୟ ପୃଷ୍ଠରେ କ୍ରମାଗତ ଭାବେ ଶକ୍ତିଶାଳୀ 'ସୌରଝଡ଼'ବା ସୋଲାର୍ ଫ୍ଲେୟାର୍ସ ସୃଷ୍ଟି ହେଉଛି, ଯାହା ପୃଥିବୀ ପାଇଁ ବିପଦର ସଙ୍କେତ ସାଜିଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସମେତ ବିଶ୍ୱର ପ୍ରମୁଖ ମହାକାଶ ଏଜେନ୍ସିଗୁଡ଼ିକ ହାଇ-ଆଲର୍ଟ ଜାରି କରିଛନ୍ତି । ସୂଚନା ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ସୂର୍ଯ୍ୟଙ୍କ ପୃଷ୍ଠରେ ଏକ ବିଶାଳ ସନ୍‌ସ୍ପଟରୁ ଏକାଧିକ 'ଏକ୍ସ-କ୍ଲାସ୍' ସୌରକଣିକା ନିର୍ଗତ ହୋଇଛି । ଏଥିମଧ୍ୟରୁ ଫେବ୍ରୁଆରି ୧ ତାରିଖରେ ହୋଇଥିବା ଏକ୍ସ ୮.୩ ଶ୍ରେଣୀର ସୌରଝଡ଼ ଚଳିତ ବର୍ଷର ସବୁଠାରୁ ଶକ୍ତିଶାଳୀ ବୋଲି କୁହାଯାଉଛି । ଏହାର ପ୍ରଭାବରେ ପୃଥିବୀର ବାୟୁମଣ୍ଡଳରେ ରେଡିଓ ବ୍ଲାକ୍ଆଉଟ୍ ପରି ସ୍ଥିତି ସୃଷ୍ଟି କରିବା ଆଶଙ୍କା ରହିଛି । ଇସ୍ରୋ ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଏହି ସୌରଝଡ଼ ଯୋଗୁଁ ଉଚ୍ଚ-ଫ୍ରିକ୍ୱେନ୍ସି ରେଡିଓ ସେବା, ଜିପିଏସ୍ ଏବଂ ସାଟେଲାଇଟ୍ ଯୋଗାଯୋଗ ବ୍ୟବସ୍ଥାରେ ବାଧା ଉପୁଜିପାରେ । ଭାରତର ଆଦିତ୍ୟ-ଏଲ୧ ମିସନ ଏହି ଗତିବିଧି ଉପରେ କଡ଼ା ନଜର ରଖିଛି । ମହାକାଶରେ ଥିବା ପ୍ରାୟ ୫୦ରୁ ଅଧିକ ଭାରତୀୟ ଉପଗ୍ରହକୁ ସୁରକ୍ଷିତ ରଖିବା ପାଇଁ ଇସ୍ରୋ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି ।

# କେରଳରୁ ବିପୁଳ ବିସ୍ଫୋରକ ଜବତ

ତିରୁଭାନ୍ତପୁରମ୍ : କେରଳର ପାଲକ୍କଡ ସାଉଥ୍ ପୁଲିସ ହାତରେ ଲାଗିଛି ବିପୁଳ ବିସ୍ଫୋରକ ସାମଗ୍ରୀ । ଯାହାକୁ ତରଭୁଜ ପେଟିରେ ପ୍ୟାକ୍ କରି ଏକ ମିନି-ଲରିରେ ଚୋରା ଚାଲାଣ କରାଯାଉଥିଲା । ବୁଧବାର ରାତି ପ୍ରାୟ ୯ଟାରେ ପାଲକ୍କଡ ସରକାରୀ ମେଡିକାଲ କଲେଜ ନିକଟ ୟକ୍କାରା ସର୍ଭିସ ରୋଡରେ ଏହି ବିସ୍ଫୋରକଗୁଡ଼ିକୁ ଜବତ କରାଯାଇଛି । ଏହି ଘଟଣାରେ, ପୁଲିସ ଲରି ଡ୍ରାଇଭର ସେନ୍ଥିଲ କୁମାରଙ୍କୁ ଅଟକ ରଖିଛି, ଯିଏ ତାମିଲନାଡୁର ବାସିନ୍ଦା ବୋଲି ଜଣାପଡ଼ିଛି ।ପୁଲିସ କହିବା ଅନୁଯାୟୀ, ସାଉଥ୍ ଇନ୍ସପେକ୍ଟର ବିପିନ କୁମାରଙ୍କ ଦ୍ୱାରା ମିଳିଥିବା ସୂଚନା ଆଧାରରେ ଏହି ଅପରେସନ୍ କରାଯାଇଥିଲା । ସୂଚନା ପାଇବା ପରେ, ପୁଲିସ କଡ଼ାକଡ଼ି ଭାବେ ସନ୍ଦିଗ୍ଧ ଯାନବାହାନର ଯାଞ୍ଚ ଆରମ୍ଭ କରିଥିଲା । ଏକ ମିନି-ଲରିକୁ ଅଟକାଇବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ଡ୍ରାଇଭର ଗାଡ଼ିକୁ ଅଟକାଇନଥିଲା । ତା'ପରେ ପୁଲିସ ଲରିକୁ ପିଛା କରିଥିଲା ଓ ଶେଷରେ ସର୍ଭିସ ରୋଡରେ ଗାଡ଼ିକୁ ଅଟକାଇବାରେ ସଫଳ ହୋଇଥିଲା ।ଯେତେବେଳେ ପୁଲିସ ଲରିକୁ ଯାଞ୍ଚ କରିଥିଲା




## ରାଜସ୍ଥାନ ହନିମୁନ ମର୍ଡର

# ଫିଲ୍ମି ଷ୍ଟାଇଲରେ ସ୍ୱାମୀଙ୍କୁ ମାରିଲେ ପତ୍ନୀ

ଜୟପୁର : ରାଜସ୍ଥାନର ନବ ବିବାହିତ ଦମ୍ପତି ଆଶିଷ ଓ ଅଞ୍ଜୁ ଇଭିନିଂ ୱାକରେ ବାହାରକୁ ବାହାରିଥିଲେ । ହେଲେ ଉଭୟ ରାସ୍ତାରେ ଚାଲିଚାଲି ଯାଉଥିବା ବେଳେ ହଠାତ୍ ଗୋଟିଏ ଗାଡ଼ି ଆଶିଷଙ୍କୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ଆଶିଷ ପ୍ରାଣ ହରାଇଥିଲେ ଓ ଅଞ୍ଜୁ ପିନ୍ଧିଥିବା ସମସ୍ତ ସୁନା ଅଳଙ୍କାରକୁ ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇ ଯାଇଥିଲେ । ଅଞ୍ଜୁଙ୍କୁ ଅଚେତ ଅବସ୍ଥାରେ ରାସ୍ତାରୁ ଉଦ୍ଧାର କରାଯାଇଥିଲା । ସମସ୍ତେ ଭାବିଥିଲେ ଏହା ଗୋଟିଏ ହିଟ ଆଣ୍ଡ ରନ ଓ ଲୁଟ ମାମଲା । କିନ୍ତୁ ତଦନ୍ତ ବେଳେ ମାମଲାର ମୋଡ ୧୮୦ ଡିଗ୍ରୀ ବୁଲି ଯାଇଛି । ପୁଲିସ୍ ପାଇଥିବା ତଥ୍ୟ ସମସ୍ତଙ୍କୁ ଚକିତ କରିଛି । ପୁଲିସ୍ ତଦନ୍ତରୁ ଜଣାପଡ଼ିଛି ଯେ ଅଞ୍ଜୁ ହିଁ ତାଙ୍କ ସ୍ୱାମୀ ଆଶିଷଙ୍କୁ ନିଜ ପ୍ରେମିକ ସଞ୍ଜୁ ଓ ଆଉ ଦୁଇ ଜଣଙ୍କ ସହ ମିଶି ହତ୍ୟା କରିଥିଲେ । ଆଶିଷଙ୍କୁ ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ସେ ପୂରା ଚେଷ୍ଟା କରିଥିଲେ । ଏବେ ଏହା ରାଜସ୍ଥାନର ହନିମୁନ ମର୍ଡର ଭାବେ ଚାରିଆଡ଼େ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଶ୍ରୀ ଗଙ୍ଗାନଗରର ଏସ୍ପି ଅମ୍ରିତା ଦୁହାନଙ୍କ କହିବା କଥା ଯେ ଜାନୁଆରୀ ୩୦ ରାତି ରାତି ୯ଟା ବେଳେ ପୁଲିସ୍କୁ ଘଟଣା ସମ୍ପର୍କରେ ଖବର ମିଳିଥିଲା । ଜଣେ ଦମ୍ପତି ରାସ୍ତାରେ ଅଚେତ ଅବସ୍ଥାରେ ପଡ଼ିଥିବା ପୁଲିସ୍ ଖବର ପାଇବା କ୍ଷଣି ସେଠାରେ ପହଞ୍ଚିଥିଲା । ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଆଶିଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।ଅମ୍ରିତା କହିଛନ୍ତି, "ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଆମେ ଖବର ପାଇଥିଲୁ । ଆମେ ଘଟଣା ସ୍ଥଳରେ ଯାଞ୍ଚ କରିବା ସହ ଫରେନ୍ସି ଟିମକୁ ମଧ୍ୟ ଡାକିଥିଲୁ ।" ୨୩ ବର୍ଷୀୟ ଅଞ୍ଜୁ ପୁଲିସ୍କୁ କହିଥିଲେ ଯେ ସେ



ଓ ତାଙ୍କ ସ୍ୱାମୀ ସନ୍ଧ୍ୟାରେ ଚାଲିବା ପାଇଁ ବାହାରକୁ ଯାଇଥିଲେ । ଏହି ସମୟରେ ଗୋଟିଏ ଗାଡ଼ି ଆଶିଷ ଓ ତାଙ୍କୁ ଧକ୍କା ଦେଇଥିଲା । ଘଟଣା ବେଳେ ସେ ପିନ୍ଧିଥିବା ଅଳଙ୍କାରକୁ ମଧ୍ୟ ଦୁର୍ବୃତ୍ତମାନେ ଲୁଟି ନେଇଥିଲେ ବୋଲି ଅଞ୍ଜୁ ପୁଲିସ୍କୁ ଜଣାଇଥିଲେ । କିନ୍ତୁ ତଦନ୍ତ ବେଳେ ଘଟଣା ସ୍ଥଳର ଦୃଶ୍ୟ ଓ ଅଞ୍ଜୁଙ୍କ ବୟାନରେ ତାଳମେଳ ନ ରହିବାରୁ ପୁଲିସର ସନ୍ଦେହ ବଢ଼ିଥିଲା ।ଆଶିଷଙ୍କ ଦେହରେ କ୍ଷତ ଚିହ୍ନ ରହିଥିବା ବେଳେ ତାଙ୍କ ଗଳାକୁ ଚିପା ଯାଇଥିବା ଚିହ୍ନ ଦେଖା ଯାଇଥିଲା । କିନ୍ତୁ ଅଞ୍ଜୁ ସଂପୂର୍ଣ୍ଣ ଅକ୍ଷତ ରହିଥିଲେ । ଅଞ୍ଜୁଙ୍କ ଫୋନ ରେକର୍ଡକୁ ମଧ୍ୟ ଜଣାପଡ଼ିଥିଲେ ଯେ ସେ ନିୟମିତ ସଞ୍ଜୁ ନାମକ ଜଣେ ଯୁବକଙ୍କ ଯୋଗାଯୋଗରେ ରହିଥିଲେ । ଅଞ୍ଜୁଙ୍କ ଘର ନିକଟରେ ରହୁଥିବା ଯୁବକ ହେଉଛନ୍ତି ସଞ୍ଜୁ । ମାତ୍ର ୩ ମାସ ତଳେ ଅଞ୍ଜୁ ଓ ଆଶିଷ ବିବାହ କରିଥିଲେ । କିନ୍ତୁ ବାହାଘରର କିଛି ଦିନ ପରେ ଅଞ୍ଜୁ ସ୍ୱାମୀଙ୍କୁ ଛାଡ଼ି ନିଜ ଘରକୁ ଚାଲି ଯାଇଥିଲେ । ସେଠାରେ ସେ ନିଜର ପୁରୁଣା ପ୍ରେମିକ ସଞ୍ଜୁଙ୍କୁ ଦେଖା କରିବା ସହ ସ୍ୱାମୀ ଆଶିଷଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ । ଜାନୁଆରୀ ୩୦ ତାରିଖ ସନ୍ଧ୍ୟାରେ ଅଞ୍ଜୁ ଯୋଜନା ଅନୁସାରେ ଆଶିଷଙ୍କୁ ଗୋଟିଏ ନିଛାଟିଆ ସ୍ଥାନକୁ ନେଇ ଯାଇଥିଲେ ।ସେଠାରେ ପୂର୍ବରୁ ସଞ୍ଜୁ ଓ ତାଙ୍କର ଦୁଇ ସହଯୋଗୀ ରୋହିତ ଓରଫ ରକି ଓ ବାଦଲ ଓରଫ ସିଦ୍ଧାର୍ଥ ପୂର୍ବରୁ ଗୋଟିଏ ବୁଦା ମୂଳରେ ଲୁଚି ରହିଥିଲେ । ସେମାନେ ଅତ୍ୟନ୍ତ ନିର୍ମମ ଭାବେ ଆଶିଷଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା କରିଥିଲେ । ଏହାକୁ ଦୁର୍ଘଟଣାର ରୂପ ଦେବାକୁ ସବୁ ପ୍ରକାରର ଯୋଜନା କରିଥିଲେ । ସେହିପରି ଘଟଣାକୁ ଲୁଟର ରୂପ ଦେବାକୁ ଅଞ୍ଜୁ ନିଜର ଫୋନ ଓ କାନଫୁଲ ଅଭିଯୁକ୍ତମାନଙ୍କୁ ଦେଇଥିଲେ ।ସେଠାରୁ ୩ ଜଣ ଫେରାର ହେବା ପରେ ଅଞ୍ଜୁ ଅଚେତ ହେବାର ନାଟକ ମଧ୍ୟ କରିଥିଲେ । ହେଲେ ଆଶିଷଙ୍କ ଶରୀରରେ ଥିବା କ୍ଷତଚିହ୍ନ ତାଙ୍କର ସବୁ ଯୋଜନାରେ ପାଣି ପକାଇ ଦେଇଛି । ସେହିପରି ଜେରା ବେଳେ ଅଞ୍ଜୁ ନିଜର ବୟାନ ମଧ୍ୟ ବାରମ୍ବାର ବଦଳାଇବାରୁ ପୁଲିସର ସନ୍ଦେହ ତାଙ୍କ ଉପରେ ବଢ଼ିଥିଲା । ଶେଷରେ ସେ ପୁଲିସ୍ ଆଗରେ ସବୁ କିଛି ସ୍ୱୀକାର କରିଛନ୍ତି । ପୁଲିସ୍ ସବୁ କିଛି ଜାଣିବା ପରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ଭାରତ-ପାକ ମ୍ୟାଚ ବାତିଲକୁ ନେଇ ମୁହଁ ଖୋଲିଲେ ଅଧିନାୟକ

ନୂଆଦିଲ୍ଲୀ, ୫।୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପ ଆୟୋଜନ କରୁଛନ୍ତି। ଗ୍ରୁପ ପର୍ଯ୍ୟାୟରେ ଅର୍ଥାତ୍ ୧୫ ତାରିଖରେ ଭାରତ-ପାକିସ୍ତାନ ମ୍ୟାଚ ଖେଳାଯିବାର ଅଛି। କିନ୍ତୁ ଭାରତ ସହ ମ୍ୟାଚ ଖେଳିବ ନାହିଁ ବୋଲି ପାକିସ୍ତାନ ସରକାର ଘୋଷଣା କରିଛନ୍ତି। ଏହାକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ ଓ ଆଇସିସି ମଧ୍ୟରେ ତିକ୍ତତା ଜାରି ରହିଛି।

ବିଶ୍ୱକପରେ ଭାଗ ନେବାକୁ ପାକିସ୍ତାନ ଦଳ ଶ୍ରୀଲଙ୍କରେ କଲମ୍ବୋରେ ପହଞ୍ଚି ସାରିଛି। ବିଶ୍ୱକପରେ ଭାରତ ବିପକ୍ଷ ମ୍ୟାଚକୁ ଛାଡି ଦେଲେ ଆଉ ସମସ୍ତ ଦଳ ବିପକ୍ଷରେ ଖେଳିବ ବୋଲି କହିଛି। ତଥାପି ଭାରତୀୟ ଦଳ ଆଇସିସି ପ୍ରୋଟୋକଲ ଅନୁସାରେ ଶ୍ରୀଲଙ୍କା ଗସ୍ତ କରିବ। ମ୍ୟାଚ ରେଫରୀ ଏହାକୁ ବାତିଲ କରିବା ଯାଏ ସେଠାରେ ଭାରତୀୟ ଦଳ ରହିବ ବୋଲି ବିସିସିଆଇ ସ୍ପଷ୍ଟ କରିଛି। ଏସବୁ ଭିତରେ ପୂରା ପ୍ରସଙ୍ଗ ଉପରେ ମୁହଁ ଖୋଲିଛନ୍ତି ଭାରତ ଓ ପାକିସ୍ତାନ ଦଳର ଅଧିନାୟକ

ପାକିସ୍ତାନ ଅଧିନାୟକ ସଲମାନ ଅଲ୍ଲୀ ଆଘା କହିଛନ୍ତି ଭାରତ ସହ ମ୍ୟାଚ ଖେଳିବା ଆମ ନିୟନ୍ତ୍ରଣରେ ନାହିଁ। ଏହା



ସରକାରଙ୍କ ନିଷ୍ପତ୍ତି। ଯଦି ଭାରତ ସହ ବିଶ୍ୱକପ ସେମିଫାଇନାଲ କିମ୍ବା ଫାଇନାଲ ପଡେ ତା'ହେଲେ ଆମେ ପୁଣି ସରକାରଙ୍କ ପାଖକୁ ଯିବୁ। ପ୍ରଥମେ ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବ ନାହିଁ ବୋଲି ମନା କରିଥିଲା। ଆଇସିସି ବେଶ କିଛି ଦିନ ଧରି ବାଂଲାଦେଶକୁ ବୁଝାଇଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ଏଥିପାଇଁ ବିଶ୍ୱକପରୁ ବାଂଲାଦେଶକୁ ବିଦା କରି ସ୍କଟଲାଣ୍ଡକୁ ସାମିଲ କରାଯାଇଛି। ବାଂଲାଦେଶ ବିଶ୍ୱକପ ଭାରତ ବଦଳରେ ଶ୍ରୀଲଙ୍କାରେ ଖେଳିବାକୁ ଚାହିଁଥିଲା। ହେଲେ ଆଇସିସି ଏହାକୁ ଗ୍ରହଣ କରିନଥିଲା। ବାଂଲାଦେଶକୁ ସମର୍ଥନ କରି ପାକିସ୍ତାନ ସରକାର ଭାରତ ସହ ମ୍ୟାଚ ଖେଳିବାକୁ ବାରଣ କରିଛନ୍ତି।

ବାଂଲାଦେଶ ବିଶ୍ୱକପରେ ନଥିବା ଦୁଃଖଦ ବିଷୟ। ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟରେ ଭାରତକୁ ସାମ୍ନା କରିବ ନାହିଁ। ତେବେ ଦଳ ଆମେରିକା, ନାମ୍ବିଆ, ନେଦରଲାଣ୍ଡସ ବିପକ୍ଷରେ ମ୍ୟାଚ ଖେଳିବ। ଆମେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ବେଶ ଉତ୍ସାହିତ। ଗତ ବିଶ୍ୱକପରେ ଆମେରିକା ଠାରୁ ହାରିଥିଲୁ। ଆମେ ସେହି ପର୍ଯ୍ୟାୟକୁ ପଛରେ ଛାଡି ସାରିଛୁ।

ବିଶ୍ୱକପରେ ଆଗକୁ ବଢ଼ିବାକୁ ହେଲେ ପାକିସ୍ତାନକୁ ସବୁ ମ୍ୟାଚରେ ଦମଦାର ପ୍ରଦର୍ଶନ କରିବାକୁ ପଡିବ। ଯଦି ଦଳ ଗୋଟିଏ ହେଲେ ଗ୍ରୁପ୍ ପର୍ଯ୍ୟାୟ ହାରିବ କିମ୍ବା ଖରାପ ପାଗ ଯୋଗୁଁ ମ୍ୟାଚ ବାତିଲ ହେବ। ତେବେ ପାକିସ୍ତାନର ବିଶ୍ୱକପ ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଯିବ।

ଆମେ ଜାଣିଛି ଯେ, ତ୍ରୁଟିର ସ୍ଥାନ ଖୁବ୍ କମ। କିନ୍ତୁ ପାଗ ଉପରେ ଆମର ନିୟନ୍ତ୍ରଣ ନାହିଁ। ଆମେ ଭଲ କ୍ରିକେଟ୍ ଖେଳିବାକୁ ଆସିଛୁ। ପାଗ ଓ ସ୍ଥିତିକୁ ଆମେ ଖାତିର କରୁନାହୁଁ। ଶ୍ରୀଲଙ୍କାରେ ଖେଳିବାକୁ ବେଶ ଉତ୍ସାହୀ ଅଛୁ। ଏହା ଆମ ପାଇଁ ଦ୍ୱିତୀୟ ଘର ଭଳି। ଏହା ମୋର ଷଷ୍ଠଗସ୍ତ। ଆମେ ଭଲ ସହାୟତା ପାଇବୁ ବୋଲି ପାକ୍ ଅଧିନାୟକ ଆଘା କହିଛନ୍ତି।

ବୟକଟ ବିବାଦ ମଧ୍ୟରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ କହିଛନ୍ତି ଯେ, ବୟକଟ କଥାବାର୍ତ୍ତା ଭାରତ ତରଫରୁ ଆସିନାହିଁ। ଭାରତୀୟ ଦଳ ଫେବୃଆରୀ ୧୫ରେ କଲମ୍ବୋରେ ଉପସ୍ଥିତ ରହିବ। ମାନସିକତାରେ ପୂରା ସ୍ପଷ୍ଟତା ଅଛି ବୋଲି ମୁଁ ଭାବୁଛି। ଆମେ ସେହି ମ୍ୟାଚ ଖେଳିବୁ ନାହିଁ ବୋଲି କହିନୁ। ଏହା ଅପରପକ୍ଷରୁ ଆସିଛି। ଆଇସିସି ଅଫିସିଆଲ ସୂଚୀ ଦେଇଛି। ବିସିସିଆଇ ଓ ସରକାର ମିଳିତ ଭାବେ ଆଇସିସି ସହ ନିରପେକ୍ଷ ଭେନ୍ୟୁ ସ୍ଥିର କରିଛନ୍ତି। ଆମ ବିମାନ କଲମ୍ବୋକୁ ବୁକ୍ ହୋଇସାରିଛି। ଆମେ ନିଶ୍ଚିତ ଭାବେ ସେଠାକୁ ଯାଉଛୁ। ଆମେ ଫେବୃଆରୀ ୭ରେ ପ୍ରଥମ ମ୍ୟାଚ ଖେଳିବୁ। ଏଥିପାଇଁ ପୂର୍ଣ୍ଣପ୍ରସ୍ତୁତ ଅଛୁ ବୋଲି ସୂର୍ଯ୍ୟ କୁମାର କହିଛନ୍ତି।

# ରାଣାଙ୍କ ଗୋଡରେ ଆଘାତ



ନୂଆଦିଲ୍ଲୀ, ୫।୨(ଏଜେନ୍ସି): ଆଉ ଦିନକ ପରେ ଟି-୨୦ ବିଶ୍ୱକପ ବିଗୁଲ ବାଜିବ। ମହାକୁମ୍ଭ ପୂର୍ବରୁ ଭାରତୀୟ ଦଳକୁ ଝଟକା ଲାଗିଛି। କାରଣ ଦଳର ଦ୍ରୁତ ବୋଲର ହର୍ସିତ ରାଣାଙ୍କୁ ଆଘାତ ଲାଗିଛି। ଦ.ଆଫ୍ରିକା ବିପକ୍ଷ ଅଭ୍ୟାସ ମ୍ୟାଚ ସମୟରେ ରାଣାଙ୍କ ଗୋଡରେ ଆଘାତ ଲାଗିଥିଲା। ଆଘାତ ଏମିତି ଥିଲା ଯେ, ଚାଲିବାକୁ କଷ୍ଟ ଅନୁଭବ କରିଥିଲେ। ପାଦ ଠିକରେ ସେ ପକାଇ ପାରିନଥିଲେ।

ଭାରତ-ଦ.ଆଫ୍ରିକା ଅଭ୍ୟାସ ମ୍ୟାଚ ମୁମ୍ବାଇରେ ଖେଳାଯାଉଥିଲା। ଏହି ମ୍ୟାଚରେ ଭାରତ ଦ.ଆଫ୍ରିକାକୁ ୩୦ ରନରେ ହରାଇଥିଲା। ଏହି ମ୍ୟାଚ ସମୟରେ ହର୍ସିତ ରାଣା ଆହାତ ହୋଇଥିଲେ। ସେ ଏହି ମ୍ୟାଚରେ କେବଳ ଗୋଟିଏ ଓଭର ବୋଲିଂ କରି ୧୬ ରନ ଦେଇଥିଲେ। ଆଣ୍ଠୁ ଧରି ପଡିଆ ବାହାରକୁ ଛୋଟେଇ ଛୋଟେଇ ଯାଇଥିଲେ। ହର୍ସିତ ରାଣାଙ୍କ ଆହତ ଯୋଗୁଁ ଗୋଟିଏ ଓଭର ସମୟରେ ଦୁଇଥର ତାଙ୍କ ରନଅପ୍ ବନ୍ଦ କରିବାକୁ ବାଧ୍ୟ କରାଯାଇଥିଲା। ଯାହା ପରେ ସେ ଆଣ୍ଠୁ ଧରି ପଡ଼ିଆ ବାହାରକୁ ଚାଲିଯାଇଥିଲେ। ତେବେ ହର୍ସିତ ରାଣାଙ୍କ ଆଘାତର ଗମ୍ଭୀରତା ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଯଦି ରାଣାଙ୍କ ସମସ୍ୟା ଗୁରୁତର ହୁଏ ତେବେ ଏହା ଭାରତୀୟ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେବ।

ହର୍ସିତଙ୍କ ପୂର୍ବରୁ ସ୍ପିନର ୱାଶିଂଟନ ସୁନ୍ଦର ଆହତ ସମସ୍ୟା ସହ ସଂଘର୍ଷ କରୁଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ୱାଶିଂଟନ ଆହତ ହୋଇଥିଲେ। ତିଲକ ବର୍ମା ମଧ୍ୟ ଫିଟ୍ ଅଛନ୍ତି। ଅକ୍ଷର ପଟେଲ ଅଙ୍ଗୁଳି ଆଘାତରୁ ସୁସ୍ଥ ହୋଇଛନ୍ତି। ଦ.ଆଫ୍ରିକା ବିପକ୍ଷ ଅଭ୍ୟାସ ମ୍ୟାଚରେ ସେ ଗୋଟିଏ ଓଭରରେ ଦୁଇ ରନ ଦେଇ ଗୋଟିଏ ୱିକେଟ୍ ନେଇଥିଲେ।

# ଏଫଆଇଏଚ୍ ପୁରୁଷ ପ୍ରୋ-ଲିଗ୍ : ୨୪ ଜଣିଆ ଭାରତୀୟ ଦଳ ଘୋଷଣା



ନୂଆଦିଲ୍ଲୀ, ୫।୨(ଏଜେନ୍ସି): ଏଫଆଇଏଚ୍ ପୁରୁଷ ପ୍ରୋ-ଲିଗ୍ ରାଉରକେଲା ଲେଗ୍ ପାଇଁ ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ହକି ଇଣ୍ଡିଆ ଫେବୃଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରୋ-ଲିଗ୍ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଖେଳାଯିବ। ରାଉରକେଲା ଲେଗରେ ଭାରତ ସମେତ ଆର୍ଜେଣ୍ଟିନା ଓ ବେଲଜିୟମ ମଧ୍ୟରେ ମୁକାବିଲା ହେବ। ଘୋଷଣା ହୋଇଥିବା ଭାରତୀୟ ଦଳରେ ଉଭୟ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ସମନ୍ୱୟ ରହିଛି। ଗୋଲକିପିଂ ବର୍ଗରେ ସୁରଜ କେରକେରା ଏବଂ ପୱନ ରହିଛନ୍ତି। ଡିଫେନ୍ସ ବର୍ଗରେ ଓଡ଼ିଆ ପୁଅ ଅମିତରୋହିଦାସଙ୍କ ସମେତ ଅଧିନାୟକ ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ଯୁଗରାଜ ସିଂ, ସୁମିତ, ସଞ୍ଜୟ ଏବଂ ନୀଳମ ସଞ୍ଜୀବ ଜେସ ସ୍ଥାନ ପାଇଛନ୍ତି। ଏତଦ ବ୍ୟତୀତ ଡିଫେଣ୍ଡର ତାଲିକାରେ ଅମନଦୀପ ଲାକ୍ରାଙ୍କୁ ସାମିଲ କରାଯାଇଛି। ସେ ଗତ ହକି ଇଣ୍ଡିଆ ଲିଗରେ ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ମିଡ଼ଫିଲ୍ଡର ଭାବେ ରାଜୀନ୍ଦର ସିଂ, ମନପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ମେରେଙ୍ଗଥେମ୍ ରବିଚନ୍ଦ୍ର ସିଂ, ନୀଳକାନ୍ତ ଶର୍ମା ଓ ରୋସନ କୁଜୁର ରହିଛନ୍ତି। ୨୧ ବର୍ଷୀୟ ରୋସନ କୁଜୁର ଓଡ଼ିଶାର। ସେ ପ୍ରଥମଥର ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଗତ ୨୦୨୫ ଚେନ୍ନାଇ, ଏଫଆଇଏଚ ଜୁନିୟର ବିଶ୍ୱକପରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ରୋଶନ କୁଜୁର। ଗତ ହକି ଇଣ୍ଡିଆ ଲିଗର ଟାଇଟଲ ବିଜୟୀ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ରୋଶନ କୁଜୁର ଖେଳିଛନ୍ତି। ପ୍ରଭାବୀ ପ୍ରଦର୍ଶନ ପାଇଁ ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି। ଭାରତର ଫରୱାର୍ଡ ବର୍ଗରେ ଅଭିଷେକ, ଶୁଖଜିତ ସିଂ, ଓଡ଼ିଶାର ଶୀଳାନନ୍ଦ ଲାକ୍ରା, ସେଲଭନ କାର୍ତ୍ତି, ମନଦୀପ ସିଂ, ଅରଜିତ ସିଂ ହୁଣ୍ଡାଳ , ଆଦିତ୍ୟ ଅର୍ଜୁନ ଲାଲାଗେ ସ୍ଥାନ ପାଇଛନ୍ତି।

# ଆଇସିସି ଅଫିସ ଉଡାଇ ଦେବାକୁ ଧମକ

ନୂଆଦିଲ୍ଲୀ, ୫।୨(ଏଜେନ୍ସି): ଆଇସିସି ଅଧ୍ୟକ୍ଷ ଜୟ ଶାହାଙ୍କୁ ଧମକ। ପାକିସ୍ତାନୀ ୟୁଟ୍ୟୁବର ଏହି ଧମକ ଦେଇଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଟି-୨୦ ବିଶ୍ୱକପ ନେଇ ଚାଲିଥିବା ବିବାଦ ମଧ୍ୟରେ ପାକିସ୍ତାନର ଜଣେ ୟୁଟ୍ୟୁବର ଖୋଲା ଖୋଲି ଭାବେ ଆଇସିସିକୁ ଚେତାବନୀ ଦେଇଛନ୍ତି। ୟୁଟ୍ୟୁବର ଜଣେ ଅର୍ସନାଲ ନସିର। ୧୫ ମିନିଟର ଏକ ଭିଡ଼ିଓରେ ସେ ଏମିତି କିଛି କହିଛନ୍ତି ଯାହ ଭାରତୀୟ ଦର୍ଶକଙ୍କୁ ଉତ୍ତେଜିତ କରିଛି। ଦୁବାଇରେ ଆଇସିସିର ମୁଖ୍ୟାଳୟ ରହିଛି। ଯେଉଁଥି ପାଇଁ ଏହା ନିରାପଦ ଅଛି, ନହେଲେ ଲୋକେ ହାତ ଉଠାଇବାକୁ ବିଳମ୍ବ କରିନଥାନ୍ତେ। ଭାରତରେ ଏହା ଥିଲେ ପାକିସ୍ତାନ ବୋମା ପକାଇ ଦେଇଥାନ୍ତା। ଆଖପାଖ ଅଞ୍ଚଳରେ ମଧ୍ୟ ବୋମା ମାଡ଼ କରି ଉଠାଇ ଦେଇଥାନ୍ତା। ଏହା ସହ ବିସିସିଆଇକୁ ମଧ୍ୟ ଟାର୍ଗେଟ୍ କରିଛନ୍ତି। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଏବଂ ଆଇସିସି ମୁଖ୍ୟ ଜୟଶାହାଙ୍କ ପ୍ରତି ଅଶାଳୀନ



ମନ୍ତବ୍ୟ ଦେଇଛନ୍ତି।

ଏସିଆ କପରେ ହ୍ୟାଣ୍ଡସେକ କଥା ଉଠାଇଛନ୍ତି। ପାକିସ୍ତାନୀୟ ଖେଳାଳିଙ୍କ ସହ କର ମର୍ଦ୍ଦନ କରିନଥିଲେ ଭାରତୀୟ। ପହଲଗ୍ରାମରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପ୍ରସଙ୍ଗରେ ଭାରତ ଏପରି ନିଷ୍ପତ୍ତି ନେଇଥିଲା। ଅପରେସନ ସିନ୍ଦୁରଙ୍କୁ ମଧ୍ୟ ସମର୍ଥନ କରିଥିଲା। ଭାରତ ସହ ଟି-୨୦ ମୁକାବିଲା ଖେଳିବନି ବୋଲି ପାକିସ୍ତାନ ମନା କରିଛି। ଟି-୨୦ ବିଶ୍ୱକପରେ ଦଳ ସାମିଲ ହେବ କିନ୍ତୁ ଭାରତ ସହ ଖେଳିବ ନାହିଁ। ଇସ୍ଲାମବାଦର ଏପରି କିଛି ଘୋଷଣା ପରେ ପାକିସ୍ତାନ ଏବଂ ଭାରତର ପ୍ରସଂଶକ ଚିନ୍ତାରେ ଅଛନ୍ତି। ଆଇସିସି ମଧ୍ୟ ବ୍ୟବସାୟ କ୍ଷତି ସହିବା ନେଇ ଆଶଙ୍କାରେ ରହିଛି। ପିସିବିକୁ ପୁନବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୧୨ରୁ ଔଲିରେ ଜାତୀୟ ଶୀତକାଳୀନ କ୍ରୀଡା

ଡେରାଡୁନ, ୫।୨(ଏଜେନ୍ସି): ଉତ୍ତରାଖଣ୍ଡର ଔଲିରେ ଜାତୀୟ ଶୀତକାଳୀନ କ୍ରୀଡା ଚଳିତ ମାସ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁଯାଉଛି। ପର୍ଯ୍ୟଟନ ବିଭାଗ, ଗଢ଼ୱାଲ ମଣ୍ଡଳ ବିକାଶ ନିଗମ ଏବଂ ଉତ୍ତରାଖଣ୍ଡ ଶୀତାକାଳୀନ କ୍ରୀଡା ସଂଘର ଏକ ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶୀତକାଳୀନ କାର୍ଣ୍ଣିଭାଲରେ ୧୭ରୁ ୨୦ଟି ଯୋଗଦେବାର ଅଛି। ୨୫୦ରୁ ଅଧିକ କ୍ରୀଡାବିତଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ୟୁଟିଡିବି, ଜିଲ୍ଲା ପ୍ରଶାସନ ଏବଂ ଶୀତକାଳୀନ କ୍ରୀଡା ସଂଘ ସମସ୍ତେ ମିଳିତ ଭାବେ କାମ କରୁଛନ୍ତି। ଏହି କ୍ରୀଡାରେ ଦେଶର ୧୭ଟି ବିଭିନ୍ନ ରାଜ୍ୟର ଦଳ ଅଂଶଗ୍ରହଣ କରିବେ। ହିମାଚଳ, ଜମ୍ମୁ-କାଶ୍ମୀର, ଉତ୍ତରାଖଣ୍ଡ, ହରିୟାଣା, ପଞ୍ଜାବ, ଦିଲ୍ଲୀ, ଓଡ଼ିଶା, ମହାରାଷ୍ଟ୍ର ସମେତ ଆଇଟିବିପି ଏବଂ ସେନା ଦଳ ଅନ୍ତର୍ଭୁକ୍ତ। ଶୀତକାଳୀନ କ୍ରୀଡା ପାଇଁ ଦଳ ଗୁଡିକ ନିମନ୍ତ୍ରଣ ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଛି।

# ଜଙ୍ଗଲିୟୁଥ କ୍ଲବ ବ୍ୟାଡମିଣ୍ଟନ : ବାଲିଗାଁ ଟିମ ବିଜୟୀ

ନାଉଗାଁ, ୫।୨(ସବ୍ୟୁ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କାନୁନଗୋସାହି ଗ୍ରାମରେ ଜଙ୍ଗଲିୟୁଥ କ୍ଲବ ଆୟୋଜନରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବାଲିଗାଁ ଟିମ ବିଜୟୀ ୧୬ଟି ଟିମ କୁ ନେଇ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ଦୀପ୍ତିରଞ୍ଜନ ଦାସ ଉଦଘାଟନ କରିଥିଲେ । ଉଦଯାପନୀ ଦିନ ମୁଖ୍ୟ ଅତିଥି ରୂପେ ନାଉଗାଁ ସମବାୟ ସମିତିର ସଭାପତି ଅନିଲ କୁମାର ଲେଙ୍କା, ଯୁବ ନେତା ଶାଶ୍ୱତ ନାୟକ, ଛାତ୍ର ନେତା ସୁନିଲ କୁମାର ମାଟିଆ ଯୋଗଦାନ କରି ବିଜେତା ଏବଂ ଉପ ବିଜେତା ଟିମ,ଶ୍ରେଷ୍ଠ ଖେଳାଳି,ଶ୍ରେଷ୍ଠ ଭଲ୍ୟୁଣ୍ଟର ମାନଙ୍କୁ ସିଲ ଓ ପୁରସ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ କୁ ଜଙ୍ଗଲିୟୁଥ କ୍ଲବର ସମସ୍ତ ସଦସ୍ୟ ମାନେ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିଥିଲେ ।

# ଶକୁନ୍ତଳା ଲେଙ୍କା କ୍ରିକେଟ ସେମି ଫାଇନାଲରେ ଜେସିସି ଇନ୍ଦୁପୁର

ଭଣ୍ଡାରିପୋଖରୀ, ୫।୨(ସବ୍ୟୁ): ମଞ୍ଜୁରୀରୋଡ ମହାବୀରୟୁଥ କ୍ଲବ ଆନୁକୂଲ୍ୟରେ ମେଡିକାଲ ପଡିଆରେ ଚଳିତ ବର୍ଷ ଅନୁଷ୍ଠିତ ୩୨ ତମ ଶକୁନ୍ତଳା ଲେଙ୍କା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶେଷ କ୍ୱାଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆନ୍ଧ୍ରପ୍ରଦେଶ ଆଜାଦ କ୍ଲବ ଓ କେନ୍ଦ୍ରପଡା ଇନ୍ଦୁପୁର ଜି.ସି.ସି. କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଆଜାଦ କ୍ଲବ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ଏହି ଦଳ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ ସ୍କୋର କରିଥିଲା । ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ଧିରଜ ଶର୍ମା ୩୯ ଓ ଜଗଦୀଶ ସାହା ୩୭ ରନ ହାସଲ କରିଥିଲେ । ପ୍ରତିପକ୍ଷ ବୋଲର ଆରନ ରାଉତ ଓ ଆକାଶ କୁମାର ପ୍ରତ୍ୟେକ ୨ ଉଇକେଟ ଲେଖାଏଁ ଅକ୍ତିଆର କରିଥିଲେ । ଇନ୍ଦୁପୁର ଦଳ ୧୭.୫ ଓଭରରେ ୭ ଉଇକେଟ ହରାଇ ୧୭୨ ହାସଲ କରି ଫାଇନାଲରେ ପ୍ରବେଶ କରିଥିଲା । ଦଳ ପକ୍ଷରୁ ଓମ ପ୍ରତାପ ସିଂ ୪୭ ଓ ସ୍ୱାଭିନନ୍ଦ ରାଉତ ୩୮ ରନ ହାସଲ କରିଥିଲେ । ବିପକ୍ଷ ବୋଲର ଜଗଦୀଶ ସାହା ୩ ଉଇକେଟ ଲେଖାଏଁ ଅକ୍ତିଆର କରିଥିଲେ । ଓମ ପ୍ରତାପ ସିଂମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସତ୍ୟବ୍ରତ ଜେନା ଓ କାଳନ୍ଦୀ ପଣ୍ଡା ଅମ୍ପାୟାର, ତନୁଜ କୁମାର ବେହେରା ମ୍ୟାଚ ରେଫରୀ, ଅଜୟ ବାରିକ ଓ ଦୁର୍ଗାପ୍ରସାଦ ଜେନା ସ୍କୋରର, ପ୍ରତ୍ୟୁଷ ସାହୁ ଓ ନରେନ୍ଦ୍ର ଜେନା ଧାରାବିବରଣୀ ପ୍ରଦାନ କରିଥିଲେ । ଯାଜପୁର ୧୧ଷ୍ଟାର ସହ କେନ୍ଦ୍ରପଡା ଇନ୍ଦୁପୁର ଜି.ସି.ସି. କ୍ଲବର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ ।


**Ph.D. Award**



With immense pride and happiness, we announce that Dr. Somalee Mahapatra has been awarded the Degree of Doctor of Philosophy (Ph.D.) on 4th February from Siksha '0' Anusandhan (SOA) University, Bhubaneswar, India. Dr. Mahapatra has an excellent academic and professional background. She completed her Bachelor of Dental Surgery (BDS) from Saveetha University, Chennai, followed by a Master of Public Health (MPH) from the UTKAL UNIVERSITY. She further strengthened her expertise in healthcare administration by earning an MBA in Hospital Management from IIM, Indore. Her achievement of the Ph.D. degree reflects her dedication, perseverance, and commitment to academic excellence and research, and marks a proud milestone in her professional journey. Dr. Somalee Mahapatra is the beloved daughter of Er. Balaram Mohapatra and Dr. Kiran Bala Mohapatra, and the grand daughter of Kantakabi Lakhmikant Mohapatra (TALAPADA, BHADRAK), Daughter-in-law of Shri Ramesh Chandra Mohanty, 0FS(1), and Prof. Sushma Mohanty NANPUR JAJPUR. She is the wife of Dr. Subhashis Mohanty, Consultant Histopathology, SUMUM; and the granddaughter-in-law of Khetramohan Kanungo and Shanti Lata Kanugoo of Purna, Jagatsinghpur. On this auspicious occasion, the entire family extends heartfelt congratulations and best wishes for her continued success, good health, and a bright future filled with many more accomplishments.


# ବେନ ଷ୍ଟୋକ୍ସ ଗୁରୁତର ଆହତ

ଲଣ୍ଡନ, ୫।୨(ଏଜେନ୍ସି): ଇଂଲଣ୍ଡ କ୍ରିକେଟ ଦଳର ଅଧିନାୟକ ବେନ ଷ୍ଟୋକ୍ସ ଉଭୟ ବ୍ୟାଟ ଓ ବଲରେ ସର୍ବଦା ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି । ଏବେ ଷ୍ଟୋକ୍ସ ପୂନର୍ବାର ଆଘାତ ସମସ୍ୟାରେ ପଡିଛନ୍ତି । ତାଙ୍କ ମୁହଁରେ ଜୋରରେ ଆଘାତ ଲାଗିଛି । ଏପରିକି ତାଙ୍କୁ ଚିହ୍ନିବା କଷ୍ଟକର ହେଉଛି । ଷ୍ଟୋକ୍ସ ଇନଷ୍ଟାଗ୍ରାମରେ ଫଟୋ ଶେୟାର କରି ଆଘାତ ସମସ୍ୟାରେ ସୂଚନା ଦେଇଛନ୍ତି । ସେ ଏହା ତଳେ ଲେଖିଛନ୍ତି ଯେ, ଆପଣମାନେ ବଲର ଅବସ୍ଥା ଦେଖିବା କଥା । ଷ୍ଟୋକ୍ସଙ୍କ ଆଖି ନିକଟରେ ବଲ ବାଜିବା ସହ କଳା ଏବଂ ଗାଲ ନାଲି ପଡି ଯାଇଛି । ଷ୍ଟୋକ୍ସ ବାରମ୍ବାର ଆଘାତ ସମସ୍ୟାରେ ପଡିଥାନ୍ତି । ୨୦୧୪ରେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜର ଏକ ମ୍ୟାଚରେ ୦ରେ ଆଉଟ ହେବା ପରେ ରାଗିଯାଇ ଡ୍ରେସିଂରୁମ ଲକରକୁ ମୁଥା ମାରିଥିଲେ । ତାଙ୍କ ହାତ ଭାଙ୍ଗି ଯାଇଥିଲା । ଏଥିଯୋଗୁ ସେ ୨୦୧୪ ଟି୨୦ ବିଶ୍ୱକପ ଖେଳି ପାରି ନ ଥିଲେ । ୨୦୨୧ରେ ପୂନର୍ବାର ତାଙ୍କ ହାତ ଆଙ୍ଗୁଳି ଭାଙ୍ଗି ଯାଇଥିଲା । ସେ ମାନସିକ ଚାପଗ୍ରସ୍ତ ହୋଇ କ୍ରିକେଟରୁ କିଛି ଦିନ ବ୍ରେକ ନେଇଥିଲେ । ୨୦୨୫ରେ ପୂନର୍ବାର ତାଙ୍କ କାନ୍ଧ ଆଘାତପ୍ରାପ୍ତ ହୋଇଥିଲା । ସେ ଭାରତ ବିପକ୍ଷ ୫ମ ଟେଷ୍ଟରେ ଏଥିପାଇଁ ଖେଳିପାରି ନ ଥିଲେ । ଷ୍ଟୋକ୍ସ ଜଣେ ଭଲ ଅଲରାଉଣ୍ଡର ହେବା ସତ୍ତ୍ୱେ ଆଘାତ ସମସ୍ୟା ତାଙ୍କ କ୍ୟାରିୟରରେ ବାଧା ସୃଷ୍ଟି କରିଛି ।

# ଡ୍ରେସିଂ ରୁମରେ କଣ ପରିବର୍ତ୍ତନ ହୋଇଛି କହିଲେ ସୂର୍ଯ୍ୟକୁମାର

ନୂଆଦିଲ୍ଲୀ, ୫।୨(ଏଜେନ୍ସି): ଫେବୃୟାରୀ ୭ରୁ ଟି୨୦ ବିଶ୍ୱକପ ଆରମ୍ଭ ହେବ । ୱାଙ୍ଖେଡରେ ଆମେରିକା ବିପକ୍ଷରେ ଭାରତ ୭ ତାରିଖରେ ତାର ଅଭିଯାନ ଆରମ୍ଭ କରିବ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଦୃଢ଼ତର ସହକାରେ କହିଛନ୍ତି । ଏହି ଅବସରରେ ସେ କୋଚ ଗୌତମ ଗମ୍ଭୀରଙ୍କୁ ନେଇ ଏକ ବଡ କଥା କହିଛନ୍ତି । ଗମ୍ଭୀର ଆସିବା ପରେ ଡ୍ରେସିଂରୁମର ପରିବେଶ ହାଲକା ରହିଛି । ଖେଳାଳିମାନେ ସେମାନଙ୍କ ମତ ଖୋଲାଖୋଲି ଭାବେ ରଖିପାରୁଛନ୍ତି । ବ୍ୟକ୍ତିଗତ ପ୍ରଦର୍ଶନ ଅପେକ୍ଷା ଦଳ କିପରି ଜିତିବ ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେଉଛନ୍ତି । ଈଶାନ କିଶାନ



୯୦ ରନ କରିଥିବା ବେଳେ କ୍ରମାଗତ ଛକା ମାରି ଶତକ ପୂରଣ କରିଥିଲେ । ସେ ଶତକ ଅପେକ୍ଷା ଦଳର ରନକୁ ବେଶ ଗୁରୁତ୍ୱ ଦେଇଥିଲେ । ୨୦୨୪ ଟି୨୦ ବିଶ୍ୱକପ ପରେ ଗମ୍ଭୀର ଭାରତର କୋଚ ହୋଇଥିଲେ । ସେବେଠାରୁ ଏହି ଫର୍ମାଟରେ ଭାରତର ପ୍ରଦର୍ଶନ ଭଲ ରହିଛି । ୪୧ ଆନ୍ତର୍ଜାତୀୟ ଟି୨୦ ମୁକାବିଲାରେ ଭାରତ ୩୩ରେ ବିଜୟ ହାସଲ କରିଥିବା ବେଳେ ୬ରେ ପରାଜିତ ହୋଇଥିଲା । ଭାରତର ବିଜୟ ପ୍ରତିଶତ ୮୫ ପ୍ରତିଶତ ରହିଛି । ଅନ୍ୟ କୌଣସି ଦେଶର ବିଜୟ ପ୍ରତିଶତ ୩୩ରୁ ଅଧିକ ରହିନି । ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ଚାମ୍ପିୟନ୍ସ ଟ୍ରଫି ୨୦୨୫ ଜିତିଥିଲା ।


**ସୂଚନା**

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# ଅଭିଷେକଙ୍କ ସହ ଓପନ କରିବେ ଈଶାନ

## ବେଞ୍ଚରେ ବସିବେ ସଞ୍ଜୁ

ନୂଆଦିଲ୍ଲୀ, ୫।୨(ଏଜେନ୍ସି): ଟିମ୍ ଇଣ୍ଡିଆ ଘରୋଇ ପରିବେଶରେ ବିଶ୍ୱକପ ଟାଇଟଲ ବଜାୟ ରଖିବା ପାଇଁ ଉଦ୍ୟମ କରିବ। ବର୍ତ୍ତମାନର ଫର୍ମକୁ ବିଚାରକୁ ନେଇ ଭାରତୀୟ ଦଳ ନିଶ୍ଚିତ ଭାବେ ଟାଇଟଲ ଫେଭରିଟ ରହିଛି। ଦଳରେ ଲମ୍ବା ବ୍ୟାଟିଂ ଲାଇନ ଅପ୍ ଏବଂ ଶକ୍ତିଶାଳୀ ବୋଲିଂ ବିଭାଗ ରହିଛି। ଅଭିଶେକ ଶର୍ମାଙ୍କ ସହ କିଏ ଓପନିଂ କରିବେ ତାହା ନେଇ ଦୀର୍ଘ ସମୟ ଧରି ଚର୍ଚ୍ଚା ହେଉଥିଲା। ବୋଧ ହୁଏ ଏଥିରେ ବିରାମ ଲାଗିବ। ସଞ୍ଜୁ ସାମସନ କ୍ରମାଗତ ଖରାପ ପ୍ରଦର୍ଶନ କରି ନିରାଶ କରିଥିବା ବେଳେ ଈଶାନ କିଷାନ ସୁଯୋଗ ହାତଛଡା କରିନାହାନ୍ତି। ଦ.ଆଫ୍ରିକା ବିପକ୍ଷ ଅଭ୍ୟାସ ମ୍ୟାଚରେ ସଞ୍ଜୁଙ୍କ ବଦଳରେ ଈଶାନଙ୍କୁ ସୁଯୋଗ ମିଳିଥିଲା। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମଧ୍ୟ କହିଛନ୍ତି ସମ୍ପୂର୍ଣ୍ଣ ଟିମକୁ ପରଖିବା ପାଇଁ ଏହା ଶେଷ ସୁଯୋଗ। ସେ ପରୋକ୍ଷରେ ଈଶାନରେ ଚୂଡାନ୍ତ



ଏକାଦଶରେ ସୁଯୋଗ ମିଳିବ ବୋଲି ସୂଚାଇ ଦେଇଛନ୍ତି। ଅବଶ୍ୟ ସଞ୍ଜୁଙ୍କ ହାତରୁ ଯାଇନି, ଯଦି ବିଶ୍ୱକପରେ ତାଙ୍କୁ ସୁଯୋଗ ମିଳେ ସେ ଏହାକୁ ହାତଛଡା ନକରିବା ପାଇଁ ଉଦ୍ୟମ କରିବେ।


ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି